# ମାଧ୍ୟମିକ ବ୍ୟାକରଣ

(ଦଶମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ମାଧ୍ୟମିକ ବ୍ୟାକରଣ

**(ଦଶମ ଶ୍ରେଣୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ସର୍ବସ୍ୱତ୍ୱ ସଂରକ୍ଷିତ

**ସମ୍ପାଦନାମଣ୍ଡଳୀ :**

ପ୍ରଫେସର ଯନ୍ତ୍ରଣା ପରୀକ୍ଷିତ (ସମୀକ୍ଷକ)

ଡକ୍ଟର ଅଜୟ କୁମାର ମିଶ୍ର

ଡକ୍ଟର ସଞ୍ଜୁଲତା ପାତ୍ର

ଧରଣୀଧର ପ୍ରଧାନ

**ସଂଯୋଜନା :**

ଡକ୍ଟର ମୀନାକ୍ଷୀ ଦାସ

**ପ୍ରଥମ ସଂସ୍କରଣ :** ୨୦୧୩
**୨୦୧୯**

**ଆର୍ଟପୁଲ**

ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ

ବକ୍ସିବଜାର ରୋଡ଼, କଟକ-୧

**ମୁଦ୍ରଣ :**

**ମୂଲ୍ୟ : ଟ.**

# ।। ଭୂମିକା ।।

ଆମ ରାଜ୍ୟର ଦଶମ ଶ୍ରେଣୀରେ ପଢୁଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ **'ମାଧମିକ ବ୍ୟାକରଣ' (ଦଶମ ଶ୍ରେଣୀ)** ନାମକ ନୂତନ ପୁସ୍ତକଟି ପ୍ରସ୍ତୁତ କରାଯାଇ ଚଳିତ ଶିକ୍ଷାବର୍ଷରୁ ପ୍ରଚଳନ କରାଯାଉଛି । ଜାତୀୟ ପାଠ୍ୟ ଖସଡ଼ା - ୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର - ୨୦୦୭କୁ ଭିତ୍ତିକରି ଏହା ପ୍ରସ୍ତୁତ । ଭାଷାଜ୍ଞାନର ଅଭିବୃଦ୍ଧି ଓ ପ୍ରୟୋଗାତ୍ମକ ଦକ୍ଷତାର ବିକାଶରେ ଏହି ପୁସ୍ତକଟି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସହାୟକ ହେବ ବୋଲି ଆଶା । ପୁସ୍ତକର ସଂପାଦନାମଣ୍ଡଳୀ, ଓଡ଼ିଆ ସିଲାବସ କମିଟିର ସଦସ୍ୟବୃନ୍ଦ ଓ ସଂଯୋଜିକାଙ୍କୁ ପରିଷଦ ତରଫରୁ ସାଧୁବାଦ ଜଣାଉଛି ।

ଶ୍ରେଣୀରେ ଶିକ୍ଷାଦାନ କରୁଥିବା ବିଷୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସେମାନଙ୍କର ଗଠନମୂଳକ ମତାମତ ବା ପରାମର୍ଶ ପ୍ରେରଣ କଲେ ତାହା ପରବର୍ତ୍ତୀ ସଂସ୍କରଣ ପ୍ରସ୍ତୁତିରେ ସାହାଯ୍ୟ କରିବ ।

**ସଭାପତି**

**ମାଧମିକ ଶିକ୍ଷା ପରିଷଦ, ଓଡ଼ିଶା**

# ॥ ଅଭିମତ ॥

ଆମ ରାଜ୍ୟ ଓଡ଼ିଶାର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଧ୍ୟମିକ ବ୍ୟାକରଣ (ଦଶମ ଶ୍ରେଣୀ) ନାମକ ନୂତନ ପୁସ୍ତକଟି ପ୍ରସ୍ତୁତ କରାଯାଇ ଚଳିତ ଶିକ୍ଷାବର୍ଷରୁ ପ୍ରଚଳନ କରାଯାଉଛି। ଜାତୀୟ ପାଠ୍ୟ ଖସଡ଼ା - ୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର - ୨୦୦୭ ଅନୁଯାୟୀ ଏହି ପୁସ୍ତକଟିରେ ଅଭ୍ୟାସଭିତ୍ତିକ କାର୍ଯ୍ୟାବଳୀକୁ ଗୁରୁତ୍ୱ ଦିଆଯାଇଛି। ବ୍ୟାକରଣ ଶିକ୍ଷା କୌଶଳ ଓ ତା'ର ଗୁରୁତ୍ୱ ଜାଣିବା । ଓଡ଼ିଆ ଭାଷାଜ୍ଞାନର ଶୁଦ୍ଧତା ଆହରଣ ଏବଂ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଅଭିବୃଦ୍ଧିରେ ଏହି ବ୍ୟାକରଣ ପୁସ୍ତକଟି ନିଶ୍ଚିତ ସହାୟକ ହେବ ବୋଲି ବିଶ୍ୱାସ। 'ତଥ୍ୟଭିତ୍ତିକ ବିବରଣୀ' ଏବଂ 'ଟିପ୍‌ପଣୀ ଓ ଚିଠା ପ୍ରସ୍ତୁତି' ଏହି ଦୁଇଟି ଅଧ୍ୟାୟକୁ କେବଳ ଛାତ୍ରଛାତ୍ରୀମାନଙ୍କର ଅଭ୍ୟାସ ନିମନ୍ତେ ଏଥିରେ ସ୍ଥାନ ଦିଆଯାଇଛି । ତେଣୁ ପ୍ରଶ୍ନାବଳୀ ଦିଆଯାଇନାହିଁ । ପରୀକ୍ଷାରେ ଏହି ଦୁଇଟି ଅଧ୍ୟାୟରୁ ପ୍ରଶ୍ନ ମଧ୍ୟ ଦିଆଯିବ ନାହିଁ ।

ପାଠକ ପାଠିକା ତଥା ବିଷୟ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଅଭିଜ୍ଞତାପ୍ରସୂତ ପରାମର୍ଶକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ସ୍ୱାଗତ କରୁଛୁ।

**ସଂପାଦନାମଣ୍ଡଳୀ**

# ସୂଚୀ


| କ୍ର.ନଂ | ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|---|
| ୧. | ପ୍ରଥମ ଅଧ୍ୟାୟ | ବାକ୍ୟ ବିଚାର | ୧ |
| ୨. | ଦ୍ୱିତୀୟ ଅଧ୍ୟାୟ | 'ଣ'ତ୍ୱ ବିଧି, 'ଷ'ତ୍ୱ ବିଧି ଓ ସାଧାରଣ ଅଶୁଦ୍ଧି | ୧୬ |
| ୩. | ତୃତୀୟ ଅଧ୍ୟାୟ | ରୂଢ଼ି ଓ ଲୋକବାଣୀ | ୩୦ |
| ୪. | ଚତୁର୍ଥ ଅଧ୍ୟାୟ | ଅନୁବାଦ ପ୍ରକରଣ | ୪୮ |
| ୫. | ପଞ୍ଚମ ଅଧ୍ୟାୟ | ଛନ୍ଦ ଓ ଅଳଙ୍କାର | ୫୩ |
| ୬. | ଷଷ୍ଠ ଅଧ୍ୟାୟ | ତଥ୍ୟଭିତ୍ତିକ ବିବରଣୀ | ୬୩ |
| ୭. | ସପ୍ତମ ଅଧ୍ୟାୟ | ଟିପ୍ପଣୀ ଓ ଚିଠା ପ୍ରସ୍ତୁତି | ୬୯ |


❖❖❖

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନା କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

ପ୍ରଥମ ଅଧ୍ୟାୟ

# ବାକ୍ୟ ବିଚାର

**'କହି ଜାଣିଲେ କଥା ସୁନ୍ଦର**

**ବାନ୍ଧି ଜାଣିଲେ ମଥା ସୁନ୍ଦର ।'**

**୧.** ବାନ୍ଧିବା ଜଣାଥିଲେ ମଥା ଯେମିତି ସୁନ୍ଦର ଦିଶେ, କହିବା ଜଣାଥିଲେ କଥା ସେମିତି ସୁନ୍ଦର ଲାଗେ । ସାଧାରଣ କଥାଟିକୁ କହିଜାଣିଲେ ଖୁବ୍ ସୁନ୍ଦର ଜଣାଯାଏ । ମନୋଭାବକୁ ଆମର ବଚନ ଦ୍ୱାରା ପ୍ରକାଶ କରାଯାଏ । ଏଥିପାଇଁ କେତୋଟି ଅଥବା ସ୍ଥଳ ବିଶେଷରେ ଅନେକ ଶବ୍ଦ ଆମେ ବ୍ୟବହାର କରୁ । ପୁଣି ଶବ୍ଦକୁ ଶବ୍ଦ ଖଞ୍ଜା ଖଞ୍ଜି କରି କଥାବାର୍ତ୍ତା କରୁ । ଏହା ଫଳରେ କହିବା ବା ଭାବ ପ୍ରକାଶ କରିବା ସହଜ ହୁଏ । ବର୍ତ୍ତମାନ ଦେଖାଯାଉ-

କ. ଅରୁଣ କାଲି [ ବକ୍ତବ୍ୟ ସଂପୂର୍ଣ୍ଣ ନୁହେଁ ]

ଖ. ଗଛରେ ଚଢ଼ି [ ବକ୍ତବ୍ୟ ସଂପୂର୍ଣ୍ଣ ନୁହେଁ ]

ଗ. ଆମ୍ବ ତୋଳିଥିଲା [ ବକ୍ତବ୍ୟ ସଂପୂର୍ଣ୍ଣ ନୁହେଁ ]

କ+ଖ+ଗ = ଅରୁଣ କାଲି ଗଛରେ ଚଢ଼ି ଆମ୍ବ ତୋଳିଥିଲା । [ ବକ୍ତବ୍ୟ ସଂପୂର୍ଣ୍ଣ ] ଏହା ମନର ଭାବକୁ ପୂର୍ଣ୍ଣ ରୂପେ ପ୍ରକାଶ କରୁଅଛି । ଏହାକୁ ବାକ୍ୟ କୁହାଯିବ । ଏଇ ବାକ୍ୟରେ 'ଅରୁଣ', 'କାଲି' 'ଗଛରେ' 'ଚଢ଼ି' 'ଆମ୍ବ' 'ତୋଳିଥିଲା' – ଏଇ ପଦଗୁଡ଼ିକ ବାକ୍ୟର ଗୋଟିଏ ଗୋଟିଏ ଏକକ ଏକାଠି ମିଶିଛନ୍ତି । ତେଣୁ 'ଅରୁଣ', 'କାଲି' ଇତ୍ୟାଦି ଗୋଟିଏ ଗୋଟିଏ ପଦ ।

ପ୍ରଶ୍ନ : ତୁ ଖାଇଛୁ ? 'ତୁ', 'ଖାଇଛୁ' – ଦୁଇଟି ପଦ ।

ଉତ୍ତର – ହଁ । 'ହଁ'– ଗୋଟିଏ ପଦ ।

**ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କଲେ ବାକ୍ୟ ହୁଏ ।**

**୧.୧.** ଗୋଟିଏ ଶୁଦ୍ଧ ବାକ୍ୟରେ;

**୧.୧.୧.ଯୋଗ୍ୟତା :**

କ. ବାଳକଟି ଉଡୁଅଛି । (ବାଳକ ଉଡ଼ି ପାରେନା)

ଖ. ଛେଳି ଗୀତ ଗାଉଛି । (ଛେଳି ଗୀତ ଗାଇବାକୁ ଯୋଗ୍ୟ ନୁହେଁ ।)

ଗ. ଗଛଟି ପାଣିରେ ଜଳିଗଲା । (ପାଣି ଗଛକୁ ଜାଳିପାରେ ନାହିଁ ।)

ତେଣୁ ଉଦାହୃତ ବାକ୍ୟଗୁଡ଼ିକ ନିମ୍ନକ୍ରମରେ ପଢ଼ିବାକୁ ହେବ ।

କ.	ବାଳକଟି ଦୌଡୁଅଛି ।

ଖ.	ସବିତା ଗୀତ ଗାଉଅଛି ।

ଗ.	ଗଛଟି ନିଆଁରେ ପୋଡ଼ିଗଲା ।

**ବାକ୍ୟରେ ବ୍ୟବହାର କରାଯାଇଥିବା ପଦଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ ଯୋଗ୍ୟତା କୁହାଯାଏ ।**

**୧.୧.୨. ଆକାଂକ୍ଷା :**

କ.	ମଦନ ସହିତ......... ବାକ୍ୟଟି ପୂର୍ଣ୍ଣ ନୁହେଁ ଏହା ଅନ୍ୟ କିଛି କଥାକୁ ଅପେକ୍ଷା କରୁଛି ।

ଖ.	ରବିବାର ଦିନ ଚପଳା... ବାକ୍ୟ ଅନ୍ୟକିଛି ପଦକୁ ଅପେକ୍ଷା କରୁଛି, ତେଣୁ ପୂର୍ଣ୍ଣ ନୁହେଁ ।

ନିମ୍ନକ୍ରମରେ ବାକ୍ୟ ଦୁଇଟିର ପୂର୍ଣ୍ଣତା ଅଣାଯାଇପାରେ । ଯଥା :

କ.	ମଦନ ସହିତ ତାଙ୍କ ବାପା ଆସିବେ ।

ଖ.	ରବିବାର ଦିନ ଚପଳା ଭୁବନେଶ୍ୱର ଯିବ ।

**ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟ ପଦଗୁଡ଼ିକର ଅର୍ଥବୋଧକତା ପାଇଁ ଅପେକ୍ଷା କଲେ, ତାହାକୁ ଆକାଂକ୍ଷା କୁହାଯାଏ ।**

**୧.୧.୩. ଆସତ୍ତି :**

କ. ହୋଇ ହେଲେ ପ୍ରାପ୍ତ ବୁଦ୍ଧତ୍ୱ ଗୌତମ ତପସିଦ୍ଧ ।

ଖ. ଉଭୟେ ଏ ମିଶି ଛବି ଓ ବନ୍ଦନା ଆଙ୍କିଛନ୍ତି ଚନ୍ଦନା ।

ପ୍ରଦତ୍ତ ବାକ୍ୟ ଦୁଇଟିରେ କର୍ତ୍ତା, କ୍ରିୟା ଥିଲେ ମଧ୍ୟ ପ୍ରକୃତ ଅର୍ଥ ବୁଝା ପଡୁନାହିଁ । ଉଭୟ ବାକ୍ୟରେ ପଦଗୁଡ଼ିକ ଯାହା ପରେ ଯିଏ ରହିବା ଆବଶ୍ୟକ ସେପରି ହୋଇନାହିଁ । ପଦଗୁଡ଼ିକ ସଜାଇ ଲେଖାଗଲେ ବାକ୍ୟଦୁଇଟି ହେବ :

କ. ଗୌତମ ତପସିଦ୍ଧ ହୋଇ ବୁଦ୍ଧତ୍ୱ ପ୍ରାପ୍ତ ହେଲେ ।

ଖ. ଚନ୍ଦନା ଓ ବନ୍ଦନା ଉଭୟ ମିଶି ଏ ଛବି ଆଙ୍କିଛନ୍ତି ।

**ବାକ୍ୟରେ ଥିବା ପଦଯୋଜନା ବା ସୌନ୍ଦର୍ଯ୍ୟ ହେଉଛି ଆସତ୍ତି । ଏହା ଦ୍ୱାରା କାହା ପରେ କେଉଁପଦ ରହିଲେ, ତାହା ବାକ୍ୟର ଭାବକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବ ତାହା ବୁଝାଯାଏ । ଆସତ୍ତିକୁ ମଧ୍ୟ ପଦବିନ୍ୟାସ କୁହାଯାଏ ।**

**୧.୧.୪. ବାକ୍ୟାଂଶ :**

କ. ହରିହରଙ୍କ କଥା ଶୁଣି ମାଆ .....

ଖ. ଘଣ୍ଟା ବାଜିଲା, ଅଥଚ ପିଲାମାନେ .....

ଉଦାହୃତ ବାକ୍ୟ ଦ୍ୱୟ ସମ୍ପୂର୍ଣ୍ଣ ନୁହନ୍ତି। ଏ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନ୍ୟ କେତୋଟି ପଦର ଆବଶ୍ୟକତା ଅଛି। ଯଥା :

କ. ହରିହରଙ୍କ କଥା ଶୁଣି ମାଆ **ଆଶ୍ଚର୍ଯ୍ୟ ହେଲେ।**

ଖ. ଘଣ୍ଟା ବାଜିଲା, ଅଥଚ ପିଲାମାନେ **ଶ୍ରେଣୀକୁ ଆସିଲେ ନାହିଁ।**

ମୂଳ ବାକ୍ୟ ଦୁଇଟି ସହିତ ମୋଟା ଅକ୍ଷର ଲିଖିତ ପଦଗୁଡ଼ିକ ଯୋଡ଼ାଯିବାରୁ ବାକ୍ୟଦ୍ୱୟ ସମ୍ପୂର୍ଣ୍ଣ ହେଲେ।

ପ୍ରଥମେ ଦିଆଯାଇଥିବା ଅଂଶ ପୂର୍ଣ୍ଣବାକ୍ୟର ଏକ ଅଂଶ। ତେଣୁ ଏହା ବାକ୍ୟାଂଶ।

**ବାକ୍ୟର ବୁଝାପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ ବା ନିର୍ଦ୍ଦିଷ୍ଟ କେତୋଟି ପଦସଂହତିକୁ ବାକ୍ୟାଂଶ କୁହାଯାଏ।**

**୧.୧.୫. ଖଣ୍ଡବାକ୍ୟ :**

କ. ଯେଉଁମାନେ ବୃଥାରେ ସମୟ କାଟନ୍ତି, .....

ଖ. କିଏ ପ୍ରଥମ ହେବ .....

କ. 'ଯେଉଁମାନେ' – କର୍ତ୍ତା, 'କାଟନ୍ତି' କ୍ରିୟାପଦ।

ଖ. 'କିଏ' କର୍ତ୍ତା, 'ହେବ' – କ୍ରିୟାପଦ।

ଦୁଇଟି ବାକ୍ୟରେ କର୍ତ୍ତା ଓ କ୍ରିୟା ଥାଇ ମଧ୍ୟ ଏହା ମନୋଭାବ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରୁନାହିଁ। ତେଣୁ ଉଦାହୃତ ବାକ୍ୟଖଣ୍ଡକୁ **ଖଣ୍ଡବାକ୍ୟ** କୁହାଯିବ।

**ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଖଣ୍ଡବାକ୍ୟ କୁହାଯାଏ।**

## ପ୍ରଶ୍ନାବଳୀ

୧. ବାକ୍ୟ କାହାକୁ କୁହାଯାଏ, ଉଦାହରଣ ସହ ଦର୍ଶାଅ।

୨. ସାର୍ଥକ ବାକ୍ୟର କି କି ଲକ୍ଷଣ ଥାଏ ?

୩. ବାକ୍ୟର ଯୋଗ୍ୟତା କହିଲେ କ'ଣ ବୁଝାଏ ପ୍ରକାଶ କର।

୪. ଆସତ୍ତି କ'ଣ ଉଦାହରଣ ସହ ଦର୍ଶାଅ।

୫. ଆକାଂକ୍ଷା କହିଲେ କ'ଣ ବୁଝ ?

୬. ବାକ୍ୟାଂଶ କାହାକୁ କୁହାଯିବ ଦୃଷ୍ଟାନ୍ତ ଦେଇ ବୁଝାଅ।

୭. ଖଣ୍ଡବାକ୍ୟ କାହାକୁ କୁହାଯାଏ ?

୮. ବାକ୍ୟ ଓ ଖଣ୍ଡବାକ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

୯. ବାକ୍ୟ ପାଇଁ ଆକାଂକ୍ଷାର ଆବଶ୍ୟକତା କିପରି ଅଛି, ଉଦାହରଣ ସହ ଦର୍ଶାଅ।

## ୧.୨. ପଦ ବିନ୍ୟାସ :

'କହିବୋଲି ପାରେ ଯେ, ପଚା ଚୁଙ୍ଗୁଡ଼ି ବିକେ ସେ'– ଭଲ ଭାବରେ କହିବା ଜଣା ଥିଲେ, ଖରାପକୁ ମଧ୍ୟ ଭଲ ବୋଲି ସାବ୍ୟସ୍ତ କରିହୁଏ। 'କହିବା ଜଣା' ହେଉଛି ବାକ୍ୟ ଗଢ଼ାର କୌଶଳ। ତେବେ ଶୁଦ୍ଧ ବାକ୍ୟ ଗଢ଼ିବାକୁ ହେଲେ କେତୋଟି ବିଷୟ ପ୍ରତି ଯତ୍ନଶୀଳ ହେବାକୁ ପଡ଼ିବ। ଏଗୁଡ଼ିକୁ ବାକ୍ୟର **ପଦବିନ୍ୟାସ** କୁହାଯାଏ।

୧. ରାମଚନ୍ଦ୍ର ରାବଣଙ୍କୁ ବଧ କରିଥିଲେ।

ଏଠାରେ 'ରାମଚନ୍ଦ୍ର' କର୍ତ୍ତା, 'କରିଥିଲେ' କ୍ରିୟାପଦ।

ବାକ୍ୟର ଆରମ୍ଭରେ 'କର୍ତ୍ତା ଓ ଶେଷରେ 'କ୍ରିୟା' ପଦ ରହେ।

୨. ଅକ୍ଷୟ ଗୋଟିଏ ଭଲ ଗୀତ ଗାଇଲେ।

'ଗାଇଲେ' କ୍ରିୟା, 'ଗୀତ' କର୍ମ, 'ଗୀତ' ପରେ 'ଗାଇଲେ' ରହିଛି।

ବାକ୍ୟରେ କ୍ରିୟା ସକର୍ମକ ହୋଇଥିଲେ କର୍ମ ପଦଟି କ୍ରିୟା ପୂର୍ବରୁ ରହେ।

୩. ପଣ୍ଡିତ ଶିଷ୍ୟମାନଙ୍କୁ ଉପଦେଶ ଦେଲେ।

'ଶିଷ୍ୟମାନଙ୍କୁ' ଗୌଣ କର୍ମ, 'ଉପଦେଶ' ମୁଖ୍ୟ କର୍ମ।

ବାକ୍ୟରେ ଦ୍ୱିକର୍ମକ କ୍ରିୟାର ଗୌଣ କର୍ମ ପରେ ମୁଖ୍ୟ କର୍ମ ବ୍ୟବହାର କରାଯାଏ।

୪. ୧ମ: ହେ ଭଗବାନ ! ମତେ ରକ୍ଷାକର।

୨ୟ: ମୋତେ ଶକ୍ତି ଦିଅ ପ୍ରଭୁ !

ପ୍ରଥମ ବାକ୍ୟରେ 'ଭଗବାନ' ଏବଂ ଦ୍ୱିତୀୟ ବାକ୍ୟରେ 'ପ୍ରଭୁ' – ସଂବୋଧନ ପଦ।

ବାକ୍ୟରେ ସଂବୋଧନ ପଦ ଆରମ୍ଭରେ ବା ଶେଷରେ ରଖାଯାଏ।

୫. ଚତୁର ଲୋକ ସବୁଠି ଜିତନ୍ତି।

'ଚତୁର' ଲୋକର ବିଶେଷତା ପ୍ରକାଶ କରେ।

ବାକ୍ୟରେ ବିଶେଷଣ ପଦ ବିଶେଷ୍ୟ ପଦ ପୂର୍ବରୁ ବସେ।

୬. ଜମିଦାରଙ୍କ ପୁଅ ସୁରେନ୍ଦ୍ର ଏ ମନ୍ଦିର ତୋଳିଛନ୍ତି।

'ସୁରେନ୍ଦ୍ର' ଏଠାରେ କର୍ତ୍ତା, କିନ୍ତୁ ସେ ଜମିଦାରଙ୍କ ପୁଅ, 'ଜମିଦାରଙ୍କ' ସହିତ ସମ୍ବନ୍ଧିତ।

ବାକ୍ୟରେ ସମ୍ବନ୍ଧ ପଦ ସମ୍ବନ୍ଧିତ ପଦ ପୂର୍ବରୁ ବସେ।

୭. ସକାଳେ କାମ ଆରମ୍ଭ ହୁଏ।

'ସକାଳେ' ଅଧିକରଣ କାରକ, ବାକ୍ୟର ଆରମ୍ଭରେ ଅଛି।

ବାକ୍ୟର ଆରମ୍ଭରେ ବେଳେବେଳେ ଅଧିକରଣ କାରକ ରଖାଯାଏ।

୮.	ଏହା କେବଳ ସମ୍ଭବ ହେବ କଠିନ ଶ୍ରମ ଦ୍ୱାରା।
‘କଠିନ ଶ୍ରମ ଦ୍ୱାରା’ ଉପରେ ଗୁରୁତ୍ୱ ଆରୋପିତ।
ଗୁରୁତ୍ୱ ଆରୋପ ପାଇଁ ଯେ କୌଣସି ପଦ ବାକ୍ୟର ଶେଷରେ ବସିପାରେ।
ତୁମର କାମ ହେଉଛି, ଘର ଜଗିବା।
‘ତୁମର କାମ ହେଉଛି’ ଉପରେ ଗୁରୁତ୍ୱ ଅଛି, ଏଣୁ ଏହା ବାକ୍ୟ ଆରମ୍ଭରେ ରହିଛି।
ବାକ୍ୟରେ ଆରମ୍ଭରେ ଗୁରୁତ୍ୱ ଆରୋପଣ ପାଇଁ ଥିବା ବାକ୍ୟାଂଶ ବସିପାରେ।

୯.	ରମେଶଙ୍କ ବିନା ଏ କାମ ହୋଇ ପାରିବ ନାହିଁ।
ଏଠାରେ ‘ବିନା’ ଅବ୍ୟୟ ପଦ ଓ ଏହା ରମେଶଙ୍କ ସହିତ ସମ୍ବନ୍ଧିତ।
ବାକ୍ୟରେ ପଦାନ୍ୱୟୀ ଅବ୍ୟୟ ସମ୍ବନ୍ଧିତ ପଦର ପରେ ବ୍ୟବହୃତ ହୁଏ।

୧୦.	ବାପା ଜେଜେଙ୍କର ଓ ଜେଜେମାଆଙ୍କର ଯତ୍ନ ନିଅନ୍ତି।
ବାପା ଜେଜେଙ୍କର ଯତ୍ନ ନିଅନ୍ତି, ଜେଜେମାଙ୍କର ଯତ୍ନ ନିଅନ୍ତି।
ବାକ୍ୟରେ ବିଭିନ୍ନ ବ୍ୟକ୍ତିଙ୍କର ସମ୍ବନ୍ଧ ବୁଝାଇବାକୁ ହେଲେ ପ୍ରତ୍ୟେକ ସମ୍ବନ୍ଧ ପଦ ବିଭକ୍ତିଯୁକ୍ତ ହୁଏ।

୧୧.	୧ମ– ଚନ୍ଦ୍ରମୋହନ କଟକ ଗଲା ନାହିଁ।
୨ୟ– କାଲି ତମେ ଘରେ ନ ଥିଲ।
ପ୍ରଥମ ବାକ୍ୟରେ ‘ନାହିଁ’ ‘ଗଲା’ ପରେ ଓ ଦ୍ୱିତୀୟ ବାକ୍ୟରେ ‘ନ’ ‘ଥିଲ’ ପୂର୍ବରୁ ବସିଛି।
ବାକ୍ୟରେ ‘ନାହିଁ’ ବା ନାହିଁ ସଂଯୁକ୍ତ ପଦ କ୍ରିୟାପଦ ପରେ ବସେ ଓ ‘ନ’ କ୍ରିୟାର ପୂର୍ବରୁ ବସେ।

୧୨.	କ.	ରାଘବ ସୁଦାମକୁ ବେତରେ ପିଟିଲେ। ରାଘବ ବେତରେ ସୁଦାମକୁ ପିଟିଲେ।
ଖ.	ବାପା ଗୋପାଳକୁ ବହିଟିଏ ଦେଲେ। ବାପା ବହିଟିଏ ଗୋପାଳକୁ ଦେଲେ।
ଗ.	ନରେଶ ବ୍ୟବସାୟରୁ ବହୁତ ରୋଜଗାର କରୁଛି। ନରେଶ ବହୁତ ରୋଜଗାର ବ୍ୟବସାୟରୁ କରୁଛି।
ଘ.	ମିତା ଶିକ୍ଷକଙ୍କୁ ଘରେ ଦେଖାକଲା। ମିତା, ଘରେ ଶିକ୍ଷକଙ୍କୁ ଦେଖାକଲା।
ବାକ୍ୟରେ କରଣ, ସଂପ୍ରଦାନ, ଅପାଦାନ ଓ ଅଧିକରଣ କାରକର ପଦ କର୍ମର ପରେ ବା ପୂର୍ବରୁ ବ୍ୟବହୃତ ହୋଇପାରେ।

## ପ୍ରଶ୍ନାବଳୀ

୧. ସଂବୋଧନ ପଦ ବାକ୍ୟରେ କେଉଁଠି ବସେ, ଉଦାହରଣ ସହ ବୁଝାଅ।

୨. ବାକ୍ୟରେ 'ନାହିଁ' ଓ 'ନ' କେଉଁଠାରେ ରହିବା ଉଚିତ ?

୩. ବାକ୍ୟରେ ସମାପିକା କ୍ରିୟା କେଉଁଠାରେ ବସାଯାଏ ଉଦାହରଣ ସହ ଲେଖ।

୪. ସମ୍ବନ୍ଧ ପଦ ବାକ୍ୟରେ କେଉଁଠି ରଖାଯାଏ ?

୫. ଗୁରୁତ୍ୱ ଥିବା ପଦ ବା ବାକ୍ୟାଂଶ ବାକ୍ୟର କେଉଁଠାରେ ରଖାଯାଏ ସଦୃଷ୍ଟାନ୍ତ ଲେଖ।

୬. ବିଶେଷଣ ପଦ ବାକ୍ୟରେ କେଉଁଠାରେ ବସିବା ଆବଶ୍ୟକ ଉଦାହରଣ ସହ ଲେଖ।

୭. ପଦାନ୍ୱୟୀ ଅବ୍ୟୟ କେଉଁଠାରେ ବ୍ୟବହୃତ ହୁଏ ?

୮. ସମ୍ବନ୍ଧପଦ କେତେବେଳେ ବିଭକ୍ତିଯୁକ୍ତ ହୁଏ ?

## ୧.୩. ବାକ୍ୟର ପ୍ରକାର ଭେଦ :

ବାକ୍ୟ ହେଉଛି ଉପଯୁକ୍ତ ଅର୍ଥବୋଧକ ପଦସଂହତିର ଉପଯୁକ୍ତ ସମାହାର। ଗଠିତ ବାକ୍ୟର ରୂପ ପଦ ସଂହତି ଦୃଷ୍ଟିରୁ ନିର୍ଦ୍ଧାରିତ ହୁଏ। ଗଠନ କଳା ଓ ପ୍ରକାର୍ଯ୍ୟ– ଉଭୟ ଦୃଷ୍ଟିରୁ ବାକ୍ୟ ଦୁଇ ପ୍ରକାର। ଉଭୟକୁ ମୁଖ୍ୟତଃ ବାକ୍ୟରୂପ କୁହାଯାଏ।

**ବାକ୍ୟରୂପ**

| **ଗଠନାତ୍ମକ ରୂପ** | **ପ୍ରକାର୍ଯ୍ୟାତ୍ମକ ରୂପ** |
|---|---|
| ୧. ସରଳ ବାକ୍ୟ | ୧. ବିବୃତିସୂଚକ ବାକ୍ୟ |
| ୨. ଯୌଗିକ ବାକ୍ୟ | ୨. ଆଦେଶ / ଅନୁରୋଧସୂଚକ ବାକ୍ୟ |
| ୩. ଜଟିଳ ବାକ୍ୟ | ୩. ପ୍ରଶ୍ନସୂଚକ ବାକ୍ୟ |
| ୪. ମିଶ୍ରବାକ୍ୟ | ୪. ବିସ୍ମୟସୂଚକ ବାକ୍ୟ |
| | ୫. ନାସ୍ତିସୂଚକ ବାକ୍ୟ |

### ୧.୩.୧. ସରଳ ବାକ୍ୟ :

୧. ଗୋବର୍ଦ୍ଧନ ଦରିଦ୍ରମାନଙ୍କର ସେବାକରନ୍ତି।

୨. ନମିତାକୁ ତାଙ୍କ ଘରଲୋକ ଭଲପାଆନ୍ତି।

ଉଲ୍ଲିଖିତ ବାକ୍ୟ ଦୁଇଟିରେ 'ସେବାକରନ୍ତି', 'ଭଲପାଆନ୍ତି' ସମାପିକା କ୍ରିୟା।

୩. ପ୍ରଣବ ଜଣେ ଶିଳ୍ପୀ।

୪. ଆମ ସାହିତ୍ୟ ଶିକ୍ଷକ ଜଣେ ଜ୍ଞାନୀ ବ୍ୟକ୍ତି।

ବାକ୍ୟ ଦୁଇଟିରେ 'ଶିଳ୍ପୀ' ଓ 'ଜ୍ଞାନୀ ବ୍ୟକ୍ତି' ପରେ 'ଅଟନ୍ତି' ସଂଯୋଗ କରାଯିବ। ଏହି ବାକ୍ୟ ଦ୍ୱୟରେ 'ଅଟନ୍ତି' ଉହ୍ୟ ଅଛି।

**ଗୋଟିଏ ମାତ୍ର ସମାପିକା କ୍ରିୟା ଥିବା ବାକ୍ୟକୁ ସରଳ ବାକ୍ୟ କୁହାଯାଏ।**

### ୧.୩.୨. ଯୌଗିକ ବାକ୍ୟ :

୧. ପବିତ୍ର ପହଞ୍ଚିଲା, ସୁଷମା ଆସିଲା ଓ ଉଭୟେ ମିଶି ପାଠ ପଢ଼ିଲେ।

୨. ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ି ପାରିଲା ନାହିଁ।

୩. ମାଆ ଭଲ କରି ଶିଖାଇଲେ, କିନ୍ତୁ ବବିତା ରୋଷେଇ କରିପାରିଲା ନାହିଁ।

୪. ଶିକ୍ଷକ ଡାକିଲେ, ମାନସ ଏବଂ ସୁରେଶ ଗୀତ ଗାଇଲେ।

ଉଦାହୃତ ବାକ୍ୟ ଚାରୋଟିରେ 'ଓ', 'ମାତ୍ର', 'କିନ୍ତୁ' 'ଏବଂ ପ୍ରଭୃତି ଅବ୍ୟୟ ପଦଗୁଡ଼ିକ ଦ୍ୱାରା ବାକ୍ୟର ପ୍ରଥମ ଅଂଶ ଓ ଦ୍ୱିତୀୟ ଅଂଶ ମିଶି ପୂର୍ଣ୍ଣବାକ୍ୟ ହୋଇଛି। ତେଣୁ ଏଗୁଡ଼ିକୁ ସଂଯୋଜକ ଅବ୍ୟୟ କୁହାଯିବ। ଏଇ ଧରଣର ଅବ୍ୟୟପଦ ଯୌଗିକ ବାକ୍ୟ ଗଠନରେ ସହାୟତା କରିଥାନ୍ତି।

➢ **ପରସ୍ପର ନିର୍ଭରଶୀଳ ଦୁଇ ବା ତତୋଽଧିକ ସରଳ ବାକ୍ୟର ସମାହାର ଯୋଗେ ଗଠିତ ବାକ୍ୟକୁ ଯୌଗିକ ବାକ୍ୟ କୁହାଯାଏ।**

**୧.୩.୩. ଜଟିଳ ବାକ୍ୟ :**

୧. ଅଜା ଯେତେବେଳେ ଘରେ ପହଞ୍ଚିଲେ, ସେତେବେଳେ ଘରେ ରତନ ନ ଥିଲା।

୨. ବାପା କେବେ ଆଶା କରି ନ ଥିଲେ ଯେ, ସନାତନ ଶ୍ରେଣୀରେ ପ୍ରଥମ ହେବ।

୩. ଦରକାର ସମୟରେ ଯେ ସାହାଯ୍ୟ କରେ, ତାକୁ ଉପଯୁକ୍ତ ବନ୍ଧୁ କୁହାଯାଏ।

୪. କାଲିର କାମ ଯଦି ଆଜି କରୁଚ ତେବେ, ଆଜିର କାମ ଏବେ କର।

୧. ସେତେବେଳେ ରତନ ଘରେ ନ ଥିଲା – ପ୍ରଧାନ ବାକ୍ୟ
ଅଜା ଯେତେବେଳେ ଘରେ ପହଞ୍ଚିଲେ – ଅପ୍ରଧାନ ବାକ୍ୟ

୨. ସନାତନ ଶ୍ରେଣୀରେ ପ୍ରଥମ ହେବ – ପ୍ରଧାନ ବାକ୍ୟ
ବାପା କେବେ ଆଶା କରି ନ ଥିଲେ ଯେ – ଅପ୍ରଧାନ ବାକ୍ୟ

୩. ତାକୁ ଉପଯୁକ୍ତ ବନ୍ଧୁ କୁହାଯାଏ – ପ୍ରଧାନ ବାକ୍ୟ
ଦରକାର ସମୟରେ ଯେ ସାହାଯ୍ୟ କରନ୍ତି – ଅପ୍ରଧାନ ବାକ୍ୟ

୪. ଆଜିର କାମ ଏବେ କର – ପ୍ରଧାନ ବାକ୍ୟ
କାଲିର କାମ ଆଜି କରୁଚ କି – ଅପ୍ରଧାନ ବାକ୍ୟ
ଅପ୍ରଧାନ ବାକ୍ୟ ସହିତ ପ୍ରଧାନ ବାକ୍ୟ ମିଶିଲେ ଜଟିଳ ବାକ୍ୟ ହୁଏ।

➢ **ଦୁଇ ବା ତତୋଽଧିକ ପରସ୍ପର ସାପେକ୍ଷ ଖଣ୍ଡ ବାକ୍ୟର ସମନ୍ୱୟରେ ଜଟିଳ ବାକ୍ୟ ଗଠିତ ହୁଏ।**

**୧.୩.୪. ମିଶ୍ରବାକ୍ୟ :**

୧. ଗୀତ, ବାଜା ଓ ନାଚ ଚାଲିବା ଯେଉଁ ଦର୍ଶକମାନେ ଦେଖିବାକୁ ଆସିଥିଲେ – ଯୌଗିକ ଅସମ୍ପୂର୍ଣ୍ଣ ବାକ୍ୟ।

୨. ଜେଜେ ସେମାନଙ୍କୁ ଉପଯୁକ୍ତ ଚୌକିରେ ବସାଇଲେ – ସରଳ ବାକ୍ୟ

୩. ସେମାନଙ୍କୁ ଯଥାଶକ୍ତି ଭୋଜନ ମଧ୍ୟ ପ୍ରଦାନ କଲେ – ସରଳ ବାକ୍ୟ
ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବାକ୍ୟକୁ ଏକାଠି ମିଶାଇଲେ ହେବ –
ଗୀତ, ବାଜା ଓ ନାଚ ଚାଲିବା ସମୟରେ ଯେଉଁ ଦର୍ଶକମାନେ ଦେଖିବାକୁ ଆସିଥିଲେ, ଜେଜେ ସେମାନଙ୍କୁ ଉପଯୁକ୍ତ ଚୌକିରେ ବସାଇଲେ ଓ ସେମାନଙ୍କୁ ଯଥାଶକ୍ତି ଭୋଜନ ମଧ୍ୟ ପ୍ରଦାନ କଲେ।

➢ **ଯେ କୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ ମିଶ୍ରବାକ୍ୟ କୁହାଯାଏ।**

**ବାକ୍ୟର ପ୍ରକାର୍ଯ୍ୟଗତ ରୂପ :**

**୧.୩.୫. ବିବୃତିସୂଚକ ବାକ୍ୟ :**

କ. ଏ ବର୍ଷ ପ୍ରବଳ ଶୀତ ହୋଇଛି।

ଖ. କବିମାନଙ୍କ ମଧ୍ୟରେ ସାରଳା ଦାସ ଆଦିକବି ଅଟନ୍ତି ।

ପ୍ରଥମ ବାକ୍ୟରେ ଶୀତ ସମ୍ପର୍କରେ ଏବଂ ଦ୍ୱିତୀୟ ବାକ୍ୟରେ ସାରଳା ଦାସଙ୍କ ସମ୍ପର୍କରେ ବିବୃତି ଦିଆଯାଇଛି ।

➢ **ନିର୍ଦ୍ଦିଷ୍ଟ ବିଷୟକ ବିବୃତି ବା ବକ୍ତବ୍ୟ ପ୍ରକାଶ କରୁଥିବା ବାକ୍ୟକୁ ବିବୃତିସୂଚକ ବାକ୍ୟ କହାଯାଏ ।**

**୧.୩.୬. ଅନୁରୋଧ / ଆଦେଶ :**

କ. ଆଜ୍ଞା ! ମତେ ଟିକିଏ ସାହାଯ୍ୟ କରନ୍ତୁ ।

ଖ. ଘରଟାକୁ ସଫା କରିଦିଅ ।

ପ୍ରଥମ ବାକ୍ୟରେ ଅନୁରୋଧ ଓ ଦ୍ୱିତୀୟ ବାକ୍ୟରେ ଆଦେଶ ଭାବ ପ୍ରକାଶିତ ।

➢ **ଅନୁରୋଧ ବା ଆଦେଶ ଭାବ ପ୍ରକାଶ କରୁଥିବା ବାକ୍ୟକୁ ଅନୁରୋଧ/ଆଦେଶ ସୂଚକ ବାକ୍ୟ କୁହାଯାଏ ।**

**୧.୩.୭. ପ୍ରଶ୍ନସୂଚକ ବାକ୍ୟ :**

କ. ତମେ କେବେ ଆସିଲ ?

ଖ. ଆଜି କେତେ ତାରିଖ ?

ବାକ୍ୟ ଦୁଇଟିରେ ସମୟ ଓ ତାରିଖ ସମ୍ପର୍କରେ ପ୍ରଶ୍ନ କରାଯାଇଛି ।

➢ **କୌଣସି ପ୍ରଶ୍ନର ସୂଚନା ପ୍ରଦାନ କରୁଥିବା ବାକ୍ୟକୁ ପ୍ରଶ୍ନସୂଚକ ବାକ୍ୟ କୁହାଯାଏ ।**

**୧.୩.୮. ବିସ୍ମୟସୂଚକ ବାକ୍ୟ :**

କ. ବାପା ଏତେ ଟଙ୍କା ଦେଲେ !

ଖ. ସତରେ ତମେ ଆସିଛ !

ଉଭୟ ବାକ୍ୟରେ ବିସ୍ମୟ ବା ଆଶ୍ଚର୍ଯ୍ୟ ଭାବ ପ୍ରକାଶିତ ହୋଇଛି ।

➢ **ବିସ୍ମୟ ଭାବ ପ୍ରକାଶ କରୁଥିବା ବାକ୍ୟକୁ ବିସ୍ମୟସୂଚକ ବାକ୍ୟ କୁହାଯାଏ ।**

**୧.୩.୯. ନାସ୍ତିସୂଚକ ବାକ୍ୟ :**

କ. ରୀତା ଦ୍ୱାରା ଏ କାମ କେବେ ବି ହେବ ନାହିଁ ।

ଖ. ତମର ନିୟମ ମୁଁ ପାଳି ପାରିବି ନାହିଁ ।

ଉଭୟ ବାକ୍ୟରେ ନାସ୍ତିର ସୂଚନା ମିଳୁ ଅଛି ।

➢ **ନାସ୍ତିର ସୂଚନା ପ୍ରଦାନ କରୁଥିବା ବାକ୍ୟକୁ ନାସ୍ତିସୂଚକ ବାକ୍ୟ କୁହାଯାଏ ।**

## ପ୍ରଶ୍ନାବଳୀ

୧.  ବାକ୍ୟର କେତୋଟି ରୂପ ଅଛି ?

୨.  ଗଠନ ରୂପ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?

୩.  ଅର୍ଥ ପ୍ରକାଶ ବା ଭାବ ପ୍ରକାଶ ଦୃଷ୍ଟିରୁ ବାକ୍ୟକୁ କେତୋଟି ଭାଗରେ ବିଭକ୍ତ କରାଯାଏ ?

୪.  ସରଳ ବାକ୍ୟ କାହାକୁ କହନ୍ତି ଦୃଷ୍ଟାନ୍ତ ସହିତ ବୁଝାଅ ।

୫.  ଜଟିଳ ବାକ୍ୟ କ'ଣ, ଉଦାହରଣ ଦେଇ ଦର୍ଶାଅ ।

୬.  ଯୌଗିକ ବାକ୍ୟ କହିଲେ କ'ଣ ବୁଝ, ଦୁଇଟି ଦୃଷ୍ଟାନ୍ତ ଦିଅ ।

୭.  ତୁମ ମନରୁ ଗୋଟିଏ ମିଶ୍ର ବାକ୍ୟ ଗଢ଼ି ଏହା କିପରି ମିଶ୍ରବାକ୍ୟ ହେଲା ପ୍ରମାଣ କର ।

୮.  ପ୍ରଧାନ ବାକ୍ୟ କାହାକୁ କହନ୍ତି ?

୯.  ଅପ୍ରଧାନ ବାକ୍ୟ କହିଲେ କ'ଣ ବୁଝ ?

୧୦. ତଳ ବାକ୍ୟଗୁଡ଼ିକୁ ପଢ଼ି କେଉଁଟି କି ପ୍ରକାର ବାକ୍ୟ ଦର୍ଶାଅ ।

  କ.  ତମେ କ'ଣ କାମକୁ ପାରିବ ?

  ଖ.  ମଦନ ଦ୍ୱାରା ଗୀତ ଗାଇବା ସମ୍ଭବ ନୁହେଁ ।

  ଗ.  ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ।

  ଘ.  ନିଅ, ଏଇ ଚିଠିଟା ଡାକବାକ୍ସରେ ପକାଇ ଦିଅ ।

  ଙ.  ମତେ ଟଙ୍କାଟିଏ ଦିଅ ବାବୁ ।

  ଚ.  ଆଜି କି ଟାଣ ଖରା !

### ୧.୪.  ବାକ୍ୟ ରୂପାନ୍ତର :

କହିବା ସମୟରେ ବକ୍ତା ଗୋଟିଏ ବକ୍ତବ୍ୟକୁ ବିଭିନ୍ନ ଭଙ୍ଗୀରେ ପ୍ରକାଶ କରନ୍ତି । ଏହା ଫଳରେ ବକ୍ତାଙ୍କର ଉଦ୍ଦେଶ୍ୟ ପ୍ରକାଶ ପାଏ, ଶ୍ରୋତା ମଧ୍ୟ ତାକୁ ବୁଝି ପାରନ୍ତି । ଗୋଟିଏ ପ୍ରକାରର ବକ୍ତବ୍ୟକୁ ବେଳେବେଳେ ଅନ୍ୟ ପ୍ରକାରେ କରାଯାଇଥାଏ । ବେଳେବେଳେ ଅଳ୍ପ କଥାକୁ ବହୁଳ ଭାବରେ ଓ ବହୁ କଥାକୁ ଅଳ୍ପରେ ପ୍ରକାଶ କରାଯାଏ । ଯଥା–

କ. ଯେଉଁ ସ୍ୱାମୀ ଓ ସ୍ତ୍ରୀ ଏଠାକୁ ଆସିଥିଲେ, ସେ ଦୁଇ ଜଣଯାକ ମୋ ସାଙ୍ଗର ଭାଇ ଓ ତାଙ୍କ ସ୍ତ୍ରୀ ।

ଖ. ଏଠାକୁ ଆସିଥିବା ଦମ୍ପତି, ମୋ ସାଙ୍ଗର ଭାଇ ଓ ଭାଉଜ ।

ପ୍ରଥମ ବାକ୍ୟର ଦୀର୍ଘତା ଦ୍ୱିତୀୟ ବାକ୍ୟରେ ନାହିଁ, କିନ୍ତୁ ବକ୍ତବ୍ୟ ବଦଳି ନାହିଁ ।

ପ୍ରଥମ ବାକ୍ୟରେ 'ଯେଉଁ ସ୍ୱାମୀ ଓ ସ୍ତ୍ରୀ ଏଠାକୁ ଆସିଥିଲେ'– ସ୍ଥାନରେ ଦ୍ୱିତୀୟ ବାକ୍ୟରେ ଥିବା 'ଏଠାକୁ ଆସିଥିବା ଦମ୍ପତି', ଏବଂ ପ୍ରଥମ ବାକ୍ୟର 'ତାଙ୍କ ସ୍ତ୍ରୀ'– ଦ୍ୱିତୀୟ ବାକ୍ୟରେ 'ଭାଉଜ' ବୋଲି ଲେଖାଯିବାରୁ ବାକ୍ୟ ସଂକ୍ଷିପ୍ତ ଓ ସୁନ୍ଦର ହୋଇଛି ।

> **ଗୋଟିଏ ପ୍ରକାରର ବାକ୍ୟକୁ ଅର୍ଥ ପରିବର୍ତ୍ତନ ନ କରି ଅନ୍ୟ ପ୍ରକାରର ବାକ୍ୟରେ ପରିଣତ କରିବାକୁ ବାକ୍ୟର ରୂପାନ୍ତର କୁହାଯାଏ।**

**୧.୪.୧. ବାକ୍ୟର ଗଠନଗତ ରୂପାନ୍ତର :**

(କ) ୧. ହରି ଭଲ ନାଚିବାରୁ ସୁନାମ ଅର୍ଜନ କରିଛି। – ସରଳ ବାକ୍ୟ

୨. ହରି ଭଲ ନାଚୁଛି ଓ ଏଥିପାଇଁ ସୁନାମ ଅର୍ଜନ କରୁଛି। – ଯୌଗିକ ବାକ୍ୟ

୩. ଯଦି ହରି ଭଲ ନାଚିବ, ତେବେ ସେ ସୁନାମ ଅର୍ଜନ କରିବ। – ଜଟିଳ ବାକ୍ୟ

(ଖ) ୧. ଝଡ଼ କମିଗଲା ଓ ପିଲାମାନେ ନିଜ ନିଜ ଘରକୁ ଫେରିଲେ – ଯୌଗିକ ବାକ୍ୟ

୨. ଝଡ଼ କମିବାରୁ ପିଲାମାନେ ନିଜ ନିଜ ଘରକୁ ଫେରିଲେ – ସରଳ ବାକ୍ୟ

୩. ଯେହେତୁ ଝଡ଼ କମିଗଲା, ତେଣୁ ପିଲାମାନେ ନିଜ ନିଜ ଘରକୁ ଫେରିଲେ। – ଜଟିଳବାକ୍ୟ

(ଗ) ୧. ଯେହେତୁ ଘରେ ଅଶାନ୍ତି ଦେଖାଦେଇଛି, ସେହେତୁ ମୁଁ ସଭାକୁ ଯାଇ ପାରିବି ନାହିଁ। – ଜଟିଳ ବାକ୍ୟ

୨. ଘରେ ଅଶାନ୍ତି ଦେଖା ଦେଇଥିବାରୁ ମୁଁ ସଭାକୁ ଯାଇ ପାରିବି ନାହିଁ। – ସରଳ ବାକ୍ୟ

୩. ଘରେ ଅଶାନ୍ତି ଦେଖା ଦେଇଛି, ତେଣୁ ମୁଁ ସଭାକୁ ଯାଇ ପାରିବି ନାହିଁ। – ଯୌଗିକ ବାକ୍ୟ

(ଘ) ୧. ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ହେବୁ। – ସରଳ ବାକ୍ୟ

୨. ଜେଜେ ଆସିବେ ଓ ଆମେ ସମସ୍ତେ ଖୁସି ହେବୁ। – ଯୌଗିକ ବାକ୍ୟ

୩. ଯଦି ଜେଜେ ଆସିବେ, ତେବେ ଆମେ ଖୁସି ହେବୁ। – ଜଟିଳ ବାକ୍ୟ

**୧.୪.୨. ବାକ୍ୟର ଅର୍ଥଗତ ରୂପାନ୍ତର :**

**ବିବୃତିସୂଚକ ବାକ୍ୟ :**

ଉତ୍କଳମଣି ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶସେବକ।

ଏହା ଏକ ବିବୃତିସୂଚକ ବାକ୍ୟ। ଏଇ ବାକ୍ୟକୁ ଭିନ୍ନ ପ୍ରକାରେ ପ୍ରକାଶ କରାଯାଇପାରେ।

ଏହାକୁ ମୁଖ୍ୟତଃ ପ୍ରଶ୍ନସୂଚକ, ନାସ୍ତିସୂଚକ, ବିସ୍ମୟସୂଚକ ବାକ୍ୟରେ ରୂପାନ୍ତରିତ କରାଯାଇପାରେ।

ଯଥା–

କ. ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ସଚ୍ଚା ଦେଶସେବକ ଆଉ କାହାନ୍ତି ? – ପ୍ରଶ୍ନସୂଚକ ବାକ୍ୟ

ଖ. ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ସଚ୍ଚା ଦେଶସେବକ ନାହାନ୍ତି। – ନାସ୍ତିସୂଚକ ବାକ୍ୟ

ଗ. ଉତ୍କଳମଣି ଗୋପବନ୍ଧୁ କି ସଚ୍ଚା ଦେଶସେବକ ସତେ ! – ବିସ୍ମୟସୂଚକ ବାକ୍ୟ

**ପ୍ରଶ୍ନସୂଚକ ବାକ୍ୟ :**

ବିଜୁବାବୁଙ୍କୁ ଓଡ଼ିଶାରେ କିଏ ନ ଜାଣେ ?

ଏହାକୁ ନାସ୍ତିସୂଚକ, ବିବୃତିସୂଚକ ଓ ବିସ୍ମୟସୂଚକ ବାକ୍ୟରେ ରୂପାନ୍ତରିତ କରାଯାଇପାରେ। ଯଥା–

କ. ବିଜୁବାବୁ ଓଡ଼ିଶାରେ କାହକୁ ଅଜଣା ନୁହନ୍ତି। – ନାସ୍ତିସୂଚକ ବାକ୍ୟ

ଖ. ବିଜୁବାବୁଙ୍କୁ ଓଡ଼ିଶାରେ ସମସ୍ତେ ଜାଣନ୍ତି। – ବିବୃତିସୂଚକ ବାକ୍ୟ

ଗ. ବିଜୁବାବୁ ପୁଣି ଓଡ଼ିଶାରେ କାହାର ଅଜଣା! – ବିସ୍ମୟସୂଚକ ବାକ୍ୟ

**ନାସ୍ତି ସୂଚକ ବାକ୍ୟ :**

ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଠିକ୍ ହେଲା ନାହିଁ।

ଏହାକୁ ବିବୃତିସୂଚକ, ପ୍ରଶ୍ନସୂଚକ ଓ ବିସ୍ମୟସୂଚକ ବାକ୍ୟରେ ପରିଣତ କରାଯାଇପାରେ। ଯଥା–

କ. ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଭୁଲ୍। – ବିବୃତିସୂଚକ ବାକ୍ୟ

ଖ. ଅଜ୍ଞାତ ଯୁବକକୁ କ'ଣ ଆଶ୍ରୟ ଦିଆଯାଏ ? – ପ୍ରଶ୍ନସୂଚକ ବାକ୍ୟ

ଗ. ଅଜ୍ଞାତ ଯୁବକକୁ ପୁଣି ଆଶ୍ରୟ ! – ବିସ୍ମୟସୂଚକ ବାକ୍ୟ

**ବିସ୍ମୟସୂଚକ ବାକ୍ୟ :**

୪. ଲଙ୍କାରେ ପୁଣି ହରି ଶବ୍ଦ !

ଏହାକୁ ବିବୃତିସୂଚକ, ପ୍ରଶ୍ନସୂଚକ ଓ ନାସ୍ତିସୂଚକ ବାକ୍ୟରେ ରୂପାନ୍ତରିତ କରାଯାଇପାରେ। ଯଥା–

କ. ଲଙ୍କାରେ ହରି ଶବ୍ଦ ଖୋଜିବା ବୃଥା। – ବିବୃତିସୂଚକ ବାକ୍ୟ

ଖ. ଲଙ୍କାରେ ହରି ଶବ୍ଦ ଶୁଣାଯାଏ କି ? – ପ୍ରଶ୍ନସୂଚକ ବାକ୍ୟ

ଗ. ଲଙ୍କାରେ ହରି ଶବ୍ଦ ମିଳିବା ସମ୍ଭବ ନୁହେଁ । – ନାସ୍ତିସୂଚକ ବାକ୍ୟ

**୧.୪.୩. ବାଚ୍ୟଗତ ରୂପାନ୍ତରୀକରଣ :**

କହିବା ଭଙ୍ଗୀରେ ବାଚ୍ୟ ପରିବର୍ତ୍ତନ ହେଲେ ବାକ୍ୟ ପରିବର୍ତ୍ତିତ ହୁଏ। ଯଥା–

ଝରକା ଖୋଲ। ଏହାର ବାଚ୍ୟ ପରିବର୍ତ୍ତନ କରାଗଲେ ବାକ୍ୟଟି ହେବ– ଝରକା ଖୋଲା ହେଉ।

ଯେ କୌଣସି ବାକ୍ୟକୁ ଅନ୍ୟ ବାଚ୍ୟରେ ରୂପାନ୍ତରିତ କରାଯାଇପାରେ। ଯଥା–

କ. କର୍ତ୍ତୃ ବାଚ୍ୟ : ବିଜୟ କଲିକତା ଯିବ।

କର୍ମ ବାଚ୍ୟ : ବିଜୟର କଲିକତା ଯିବା ହେବ।

ଖ. କର୍ମ ବାଚ୍ୟ : ରାଧାଶ୍ୟାମଙ୍କ ଦ୍ୱାରା ଭାଷଣ ଭଲ ହୁଏ।

କର୍ତ୍ତୃ ବାଚ୍ୟ : ରାଧାଶ୍ୟାମ ଭଲ ଭାଷଣ ଦେଇ ପାରନ୍ତି।

ଗ. ଭାବ ବାଚ୍ୟ : ତନୁଜାର ନାଚ ହେଉ।

କର୍ତ୍ତୃ ବାଚ୍ୟ : ତନୁଜା ନାଚୁ।

ଘ. କର୍ତ୍ତୃ ବାଚ୍ୟ : ମାଆ ରାନ୍ଧୁଛନ୍ତି।

ଭାବ ବାଚ୍ୟ : ମାଆଙ୍କର ରନ୍ଧା ଚାଲିଛି।

## ୧.୫. ବାକ୍ୟ ସଂକ୍ଷେପଣ :

କେହି କେହି ଅଧିକ କଥାକୁ ଅଳ୍ପରେ ପ୍ରକାଶ କରନ୍ତି, କେହି କେହି ମଧ୍ୟ ଅଳ୍ପ କଥାକୁ ଅଧିକ ଭାବରେ ପ୍ରକାଶ କରନ୍ତି। ଦୀର୍ଘ ବାକ୍ୟ ଅପେକ୍ଷା ଛୋଟ ବାକ୍ୟ କହିବାକୁ ଓ ଶୁଣିବାକୁ ଭଲ ଲାଗେ। ତେଣୁ ଦୀର୍ଘ ବାକ୍ୟକୁ ମଧ୍ୟ ସଂକ୍ଷେପରେ ପ୍ରକାଶ କରାଯାଇପାରେ। ଏ ପ୍ରକାରର ପରିବର୍ତ୍ତନକୁ **ବାକ୍ୟ ସଂକ୍ଷେପଣ** କୁହାଯାଏ। ବାକ୍ୟ ସଂକ୍ଷେପଣ କ୍ଷେତ୍ରରେ ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ଉପସର୍ଗ ଓ ସମାର୍ଥବୋଧକ ଶବ୍ଦ ବିଶେଷ ଭାବରେ ସହାୟତା କରିଥାଆନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ।

**ସନ୍ଧି ଦ୍ୱାରା :**

୧. ଅତି ଆବଶ୍ୟକ ଜିନିଷର ଦର ଅଧିକ ବଢୁଛି।

ଅତ୍ୟାବଶ୍ୟକ (ଅତି+ଆବଶ୍ୟକ) ଜିନିଷର ଦରବୃଦ୍ଧି ହେଉଛି।

୨. ଅତି ଅଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ।

ଅତ୍ୟଧିକ (ଅତି+ଅଧିକ) ବକ୍ତବ୍ୟ ସ୍ପୃହଣୀୟ ନୁହେଁ।

**ସମାସ ଦ୍ୱାରା :**

୧. ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଯାକ ଆଜି ଆସିବେ।

ଦମ୍ପତି ଆଜି ଆସିବେ।

୨. ବର ଓ କନ୍ୟା ଦୁଇଜଣଯାକ ବେଦିରେ ବସିଛନ୍ତି।

ବରକନ୍ୟା (ଉଭୟ) ବେଦିରେ ବସିଛନ୍ତି।

**କୃଦନ୍ତ ଦ୍ୱାରା :**

୧. ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ବିଦ୍ୟାଲାଭ କରିବ।

ଜିଜ୍ଞାସୁ ଛାତ୍ର ବିଦ୍ୱାନ୍ ହେବ।

୨. ଯାହା କରିବା ଉଚିତ୍ ତାହା କର।

କର୍ତ୍ତବ୍ୟ କର।

**ତଦ୍ଧିତ ଦ୍ୱାରା :**

୧. ପାନ ବେପାର କରୁଥିବା ଲୋକଟି ଅନ୍ୟ ଗ୍ରାମକୁ ଗଲା।

ପାନରା ଗ୍ରାମାନ୍ତର ଗଲା।

୨. ଗିରିପଥ ଭାବରେ ଖାଇବର ସବୁଠାରୁ ଲମ୍ବା।

ଖାଇବର ଦୀର୍ଘତମ ଗିରିପଥ।

**ଉପସର୍ଗ ଦ୍ୱାରା :**

୧. ପବନର ବିପରୀତ ଦିଗରେ ସାଇକେଲ୍ ଚଳାଇବା କଷ୍ଟକର।

ପବନର ପ୍ରତିକୂଳରେ ସାଇକେଲ୍ ଚାଳନା କଷ୍ଟକର।

୨.  ସାହିତ୍ୟ ବିଷୟରେ ତାଙ୍କର ବିଶେଷ ଭାବରେ ଜ୍ଞାନ ଅଛି।
ସେ ସାହିତ୍ୟ ବିଶେଷଜ୍ଞ ଅଟନ୍ତି।

**ସମାର୍ଥବୋଧକ ଶବ୍ଦ ଦ୍ୱାରା :**

୧.  ବିଷ୍ଣୁ ଉପାସକମାନେ ଖୋଳ କରତାଳ ବଜାଇ ନାମ ଜପ କରୁଅଛନ୍ତି।
ବୈଷ୍ଣବମାନେ କୀର୍ତ୍ତନ କରୁଅଛନ୍ତି।

୨.  ଯେଉଁ ପିଲାମାନେ ବେଶି ଜିଦ୍ କରନ୍ତି, ସେମାନଙ୍କୁ ବାପା ଆଦୌ ପସନ୍ଦ କରନ୍ତି ନାହିଁ।
ଜିଦ୍‌ଖୋର ପିଲାମାନଙ୍କୁ ବାପା ନାପସନ୍ଦ କରନ୍ତି।

**ଉକ୍ତି ପରିବର୍ତ୍ତନ ଦ୍ୱାରା :**

୧.  ଶିକ୍ଷକ କହିଲେ, 'ମୁଁ ଆଜି ଇଂରାଜୀ ପଢ଼ାଇବି।' – ପ୍ରତ୍ୟକ୍ଷ ଉକ୍ତି।
ଶିକ୍ଷକ ଇଂରାଜୀ ପଢ଼ାଇବେ ବୋଲି କହିଲେ। – ପରୋକ୍ଷ ଉକ୍ତି।

୨.  ହରି ଯାତ୍ରା ଦେଖେ ନାହିଁ ବୋଲି କହିଲା।  – ପରୋକ୍ଷ ଉକ୍ତି।
ହରି କହିଲା, 'ମୁଁ ଯାତ୍ରା ଦେଖେ ନାହିଁ।' – ପ୍ରତ୍ୟକ୍ଷ ଉକ୍ତି।

## ପ୍ରଶ୍ନାବଳୀ

୧.  ବାକ୍ୟ କହିଲେ କ'ଣ ବୁଝ ଲେଖ।

୨.  ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ବାକ୍ୟ ଲେଖ।

କ.  ସରଳ ବାକ୍ୟ          ଖ.  ଯୌଗିକ ବାକ୍ୟ

ଗ.  ଜଟିଳ ବାକ୍ୟ          ଗ.  ମିଶ୍ର ବାକ୍ୟ

୩.  ବାକ୍ୟାଂଶ କ'ଣ ଦର୍ଶାଅ।

୪.  ଗଠନ କଳା ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ଓ କ'ଣ କ'ଣ ?

୫.  ଅର୍ଥ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାରର ଓ କ'ଣ କ'ଣ ?

୬.  ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଦୃଷ୍ଟାନ୍ତ ଦିଅ।

କ.  ବିବୃତିସୂଚକ ବାକ୍ୟ          ଖ.  ନାସ୍ତିସୂଚକ ବାକ୍ୟ

ଗ.  ବିସ୍ମୟସୂଚକ ବାକ୍ୟ          ଘ.  ପ୍ରଶ୍ନସୂଚକ ବାକ୍ୟ

୭.  ପ୍ରଦତ୍ତ ବାକ୍ୟଗୁଡ଼ିକ ପଢ଼ ଓ କେଉଁଟି କି ପ୍ରକାର ବାକ୍ୟ ଦର୍ଶାଅ।

କ.  ଦାମ, ସୁଦାମ, ଗୋବିନ୍ଦ – ଏକାଠି ଖେଳନ୍ତି, ଏକାଠି ପଢ଼ନ୍ତି ଓ ଏକାଠି ରହନ୍ତି।

ଖ.  ଓଃ କି ଶୀତ !

ଗ.  ତୁମେ ଓଲୁ ବୋଲି କ'ଣ ସମସ୍ତେ ଓଲୁ ?

ଘ. ଆମ୍ଭ କ୍ୱିଣ୍ଟାଲ୍ କେତେ ?

ଙ. ବିଜୟା ଭଲ ଗାଇପାରେ, ମାତ୍ର ଭଲ କହିପାରେ ନାହିଁ।

ଚ. ପ୍ରାଣକୃଷ୍ଣ ପରିଜା ଜଣେ ବିଖ୍ୟାତ ବୈଜ୍ଞାନିକ ଥିଲେ।

ଛ. ତମ ପିଲାଟା କେଡ଼େ ଦୁଷ୍ଟ !

ଜ. ଚପଳା କହିଲା, 'ମୁଁ ଆଜି ଭୁବନେଶ୍ୱର ଯିବି'।

ଝ. ଆଜ୍ଞା, ମତେ ଦଶଟଙ୍କା ସାହାଯ୍ୟ କରନ୍ତୁ।

୮. ପ୍ରଦତ୍ତ ବାକ୍ୟଗୁଡ଼ିକ ନିର୍ଦ୍ଦେଶ ଅନୁଯାୟୀ ପରିବର୍ତ୍ତନ କର।

କ. ତୁମେ ଘରେ ରହିଲେ ପାଠ ପଢ଼ିପାର ନାହିଁ। (ଯୌଗିକ ବାକ୍ୟ)

ଖ. କାଠ ବ୍ୟବସାୟ କରୁଥିବା ଲୋକଟି ଅନ୍ୟ ଦେଶକୁ ପଳାଇଲା। (ସଂକ୍ଷେପରେ ଲେଖ)

ଗ. ଯେଉଁମାନଙ୍କ ବାପା ମାଆ ନାହାନ୍ତି, ସେମାନଙ୍କର ବାରମ୍ବାର ବାପାମାଆଙ୍କ କଥା ମନେ ପଡ଼େ। (ସରଳବାକ୍ୟ)

ଘ. ଆଜି ଖରା ଖୁବ୍ ଟାଣ। (ବିସ୍ମୟସୂଚକ ବାକ୍ୟ)

ଙ. ତମ କଥା ରବିକୁ ଜଣା। (ନାସ୍ତିସୂଚକ)

ଚ. ସୂର୍ଯ୍ୟ ଉଇଁଲେ ପଦ୍ମଫୁଟେ। (ଯୌଗିକ ବାକ୍ୟ)

ଛ. ରମେଶ ଯିବା ପରେ ସଂଗ୍ରାମ ପଳେଇବ। (ଯୌଗିକ ବାକ୍ୟ)

ଜ. ନାନୀ ଆସିବାରୁ ଘରସାରା ସମସ୍ତେ ଖୁସି। (ଜଟିଳ ବାକ୍ୟ)

ଝ. ଗାନ୍ଧୀଙ୍କ କଥା ଦେଶରେ କାହାକୁ ଅଜଣା ? (ବିବୃତିସୂଚକ)

ଞ. ବଟବାବୁଙ୍କ ଦ୍ୱାରା ଟଙ୍କା ଆଦାୟ ହେଉଥିଲା। (ବାଚ୍ୟ ପରିବର୍ତ୍ତନ କର)

ଟ. ସ୍ମିତା କହିଲା, – 'ମୁଁ ନିଶ୍ଚୟ ପରୀକ୍ଷାରେ ପ୍ରଥମ ହେବି।' (ଉକ୍ତି ପରିବର୍ତ୍ତନ କର)

ଠ. ପାଠ ପ୍ରତି ସବୁବେଳେ ଉତ୍କଣ୍ଠା ରଖିବା ଭଲ। (ସଂକ୍ଷିପ୍ତ କର)

ଡ. ତମେ ଭଲ ପଢ଼ିଲେ ଭଲ ଫଳ ପାଇବ। (ଯୌଗିକ ବାକ୍ୟ)

ଢ. ପରିବାରରେ ଅଶାନ୍ତି ହେତୁ ମୋହନ କଟକ ଗଲା ନାହିଁ। (ଜଟିଳ ବାକ୍ୟ)

❖ ❖ ❖

ଦ୍ୱିତୀୟ ଅଧ୍ୟାୟ

# 'ଣତ୍ୱ' ବିଧି, 'ଷତ୍ୱ' ବିଧି ଓ ସାଧାରଣ ଅଶୁଦ୍ଧି

## ୨.୧. 'ଣତ୍ୱ' ବିଧି :

୧. ମଦନ, ଦାନ, ଦିନ, ଦୀନ, ମୁନ, ପ୍ରସୂନ, ଫେନ, ଦୈନ୍ୟ।

୨. ରଣ, ତୃଣ, ମସୃଣ, ଜୀର୍ଣ୍ଣ, ବିଦୀର୍ଣ୍ଣ, ଉତ୍ତୀର୍ଣ୍ଣ, କୃଷ୍ଣ, ଭାଷଣ, ଅନ୍ୱେଷଣ, ହିତୈଷଣା।

୩. ପ୍ରାଣ, ଦାରୁଣ, ମାର୍ଗଣ, ଦର୍ପଣ, ରୁକ୍ମିଣୀ, ପ୍ରୟାଣ, ମ୍ରିୟମାଣ, ରାବଣ, ଅପରାହ୍ଣ ।

ଉପର ଲିଖିତ ତିନୋଟି ଧାଡ଼ିର ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରାଯାଉ। ପ୍ରଥମ ଧାଡ଼ିର ଶବ୍ଦଗୁଡ଼ିକର ଶେଷରେ 'ନ' ଦ୍ୱିତୀୟ ଓ ତୃତୀୟ ଧାଡ଼ିର ଶବ୍ଦଗୁଡ଼ିକର ଶେଷରେ 'ଣ'ର ବ୍ୟବହାର ହୋଇଛି। ଏପରି କାହିଁକି ହୋଇଛି ? ଏବେ ଆମେ ଗଭୀର ଭାବରେ ପ୍ରଥମ ଧାଡ଼ିର ଶବ୍ଦଗୁଡ଼ିକୁ ଦେଖିବା।

| ଶବ୍ଦରୂପ | ବର୍ଣ୍ଣରୂପ | 'ନ'ର ଅବସ୍ଥାନ |
|---|---|---|
| ମଦନ | (ମ୍ ଅ ଦ୍ ଅ ନ୍ ଅ) | 'ଅ' କାର ପରେ 'ନ' |
| ଦାନ | (ଦ୍ ଆ ନ୍ ଅ) | 'ଆ' କାର ପରେ 'ନ' |
| ଦିନ | (ଦ୍ ଇ ନ୍ ଅ) | 'ଇ' କାର ପରେ 'ନ' |
| ଦୀନ | (ଦ୍ ଈ ନ୍ ଅ) | 'ଈ' କାର ପରେ 'ନ' |
| ମୁନ | (ମ୍ ଉ ନ୍ ଅ) | 'ଉ' କାର ପରେ 'ନ' |
| ପ୍ରସୂନ | (ପ୍ ର୍ ଅ ସ୍ ଊ ନ୍ ଅ) | 'ଊ' କାର ପରେ 'ନ' |
| ଫେନ | (ଫ୍ ଏ ନ୍ ଅ) | 'ଏ' କାର ପରେ 'ନ' |
| ଦୈନ୍ୟ | (ଦ୍ ଐ ନ୍ ୟ୍ ଅ) | 'ଐ' କାର ପରେ 'ନ' ରହିଛି। |

**ପ୍ରଥମ ଧାଡ଼ିରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଲକ୍ଷ୍ୟକଲେ ଜଣାଯିବ ଯେ 'ଅ'କାର, 'ଆ'କାର, 'ଇ'କାର, 'ଈ'କାର, 'ଉ'କାର, 'ଊ' କାର, 'ଏ'କାର, 'ଐ'କାର ସ୍ୱର ପରେ 'ନ୍' ଅଛି। ଭାଷାରେ ଶବ୍ଦଗୁଡ଼ିକ ଅବିକଳ ଏହିପରି ଚଳୁଅଛି। ଏହି ଶବ୍ଦଗୁଡ଼ିକରେ 'ନ୍' ସ୍ଥାରେ 'ଣ' ହୋଇପାରିବ ନାହିଁ।**

ଦ୍ୱିତୀୟ ଧାଡ଼ିରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଦେଖିଲେ ଜଣାଯିବ ଯେ–

| ଶବ୍ଦରୂପ | ବର୍ଣ୍ଣରୂପ | 'ଣ'ର ଅବସ୍ଥାନ |
|---|---|---|
| ରଣ | (ର ନ୍ ଅ) | 'ର' ପରେ 'ଣ' |
| ତୃଣ | (ତ୍ ର ନ୍ ଅ) | 'ର' ପରେ 'ଣ' |
| ମସୃଣ | (ମ୍ ଅ ସ୍ ର ନ୍ ଅ) | 'ର' ପରେ 'ଣ' |
| ଜୀର୍ଣ୍ଣ | (ଜ୍ ଈ ର୍ ନ୍ ଅ) | 'ର' ପରେ 'ଣ' |
| ବିଦୀର୍ଣ୍ଣ | (ବ୍ ଇ ଦ ଈ ର୍ ନ ଅ) | 'ର' ପରେ 'ଣ' |

| | | |
|---|---|---|
| ଉତ୍ତୀର୍ଣ୍ଣ | (ଉ ତ୍ ତ୍ ଈ ର୍ ନ୍ ଅ) | 'ର' ପରେ 'ଣ' |
| କୃଷ୍ଣ | (କ୍ ଋ ଷ୍ ନ୍ ଅ) | 'ଷ' ପରେ 'ଣ' |
| ଭାଷଣ | (ଭ୍ ଆ ଷ୍ ଅ ନ୍ ଅ) | 'ଷ' ପରେ 'ଣ' |
| ଅନ୍ୱେଷଣ | (ଅ ନ୍ ୱ୍ ଏ ଷ୍ ଅ ନ୍ ଅ) | 'ଷ' ପରେ 'ଣ' |
| ହିତୈଷଣା | (ହ୍ ଇ ତ୍ ଐ ଷ୍ ଅ ନ୍ ଆ) | 'ଷ' ପରେ 'ଣ' ରହିଛି । |

ଦ୍ୱିତୀୟ ଧାଡ଼ିର ଶବ୍ଦଗୁଡ଼ିକର ବ୍ୟବହାର ଦୃଷ୍ଟିରୁ ଅନୁଭବ କରାଯାଇ ପାରେ ଯେ **ଏକ ପଦ ମଧ୍ୟରେ 'ର' 'ଋ' 'ଷ୍' ପରେ 'ନ୍' ଥିଲେ 'ଣ' ହୁଏ ।**

ଏବେ ଆମେ ତୃତୀୟ ଧାଡ଼ିର ଶବ୍ଦଗୁଡ଼ିକୁ ଅନୁଧ୍ୟାନ କରିବା ।

| **ଶବ୍ଦରୂପ** | **ବର୍ଣ୍ଣରୂପ** | **'ଣ'ର ଅବସ୍ଥାନ** |
|---|---|---|
| ପ୍ରାଣ | (ପ୍ ର୍ ଆ ନ୍ ଅ) | ସ୍ୱରବର୍ଣ୍ଣ 'ଆ' ପରେ 'ନ' ଅଛି । |
| ଦାରୁଣ | (ଦ୍ ଆ ର୍ ଉ ନ୍ ଅ) | ସ୍ୱରବର୍ଣ୍ଣ 'ଉ' ପରେ 'ନ' ଅଛି । |
| ମାର୍ଗଣ | (ମ୍ ଆ ର୍ ଗ୍ ଅ ନ୍ ଅ) | 'କ' ବର୍ଗ 'ଗ୍' ପରେ 'ନ' ଅଛି । |
| ଦର୍ପଣ | (ଦ୍ ଅ ର୍ ପ୍ ଅ ନ୍ ଅ) | 'ପ' ବର୍ଗ 'ପ୍' ପରେ 'ନ' ଅଛି । |
| ରୁକ୍ମିଣୀ | (ର୍ ଉ କ୍ ମ୍ ଇ ନ୍ ଈ) | 'ପ' ବର୍ଗ 'ମ୍' ପରେ 'ନ' ଅଛି । |
| ପ୍ରୟାଣ | (ପ୍ ର୍ ଅ ୟ୍ ଆ ନ୍ ଅ) | 'ପ' ବର୍ଗ 'ପ୍' ପରେ 'ନ' ଅଛି । |
| ମ୍ରିୟମାଣ | (ମ୍ ର୍ ଇ ୟ୍ ଅ ମ୍ ଆ ନ୍ ଅ) | 'ପ' ବର୍ଗ 'ମ୍' ପରେ 'ନ' ଅଛି । |
| ରାବଣ | (ର୍ ଆ ବ୍ ଅ ନ୍ ଅ) | ଅନ୍ତସ୍ଥ 'ୱ୍' ପରେ 'ନ' ଅଛି । |
| ଅପରାହ୍ଣ | (ଅ ପ୍ ଅ ର୍ ଆ ହ୍ ନ୍ ଅ) | 'ହ୍' ପରେ 'ନ' ଅଛି । |

ତୃତୀୟ ଧାଡ଼ିରେ ପୂର୍ବ ନିୟମ ନ ଥାଇ ମଧ୍ୟ 'ନ୍' ର 'ଣ୍' ହୋଇଛି । ପ୍ରତ୍ୟେକ ଶବ୍ଦରେ 'ର' 'ର୍' 'ଷ' ଭିତରୁ କୌଣସି ଗୋଟିଏ ବର୍ଣ୍ଣ ଅଛି । ମାତ୍ର ଠିକ୍ 'ତା' ପରେ 'ଣ୍' ନାହିଁ । କେଉଁଠାରେ ସ୍ୱରବର୍ଣ୍ଣ (ପ୍ରାଣ, ଦାରୁଣ), କେଉଁଠାରେ 'କ୍' ବର୍ଗ (ମାର୍ଗଣ), କେଉଁଠାରେ 'ପ' ବର୍ଗ (ଦର୍ପଣ, ରୁକ୍ମିଣୀ), କେଉଁଠି 'ୟ' (ପ୍ରୟାଣ, ମ୍ରିୟମାଣ), କେଉଁଠି ଅନ୍ତସ୍ଥ 'ୱ୍' କେଉଁଠି 'ହ୍' (ଅପରାହ୍ଣ), ବ୍ୟବଧାନ ଥିଲେ ମଧ୍ୟ 'ନ୍' ର 'ଣ୍' ହୋଇଛି ।

**ଏହି ଉଦାହରଣ ଗୁଡ଼ିକରୁ ଜଣା ଯାଉଛି ଯେ 'ର' 'ର୍' 'ଷ' ର ଠିକ୍ ପରେ 'ନ' ଥିଲେ କିମ୍ବା ସ୍ୱର ବର୍ଣ୍ଣ, 'କ' ବର୍ଗ (କ୍ଖଗଘଙ) 'ପ' ବର୍ଗ (ପ୍, ଫ୍, ବ୍, ଭ୍, ମ୍) ଯ, ୟ୍ ୱ୍, , ହ୍, ପରେ 'ନ୍' ଥିଲେ 'ଣ' ହୁଏ । ଏଥି ମଧ୍ୟରୁ ଏକ କିମ୍ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ ମଧ୍ୟ 'ନ୍' ର 'ଣ୍' ହୁଏ ।**

**'ର', 'ର' 'ଷ' ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଥିଲେ 'ନ୍', 'ଣ୍' ହୁଏ ନାହିଁ ।** ଯଥା– ରଚନା, ମାର୍ଜନା, ବର୍ଣ୍ଣନା, କୀର୍ତ୍ତନ, ନର୍ତ୍ତନ, ଅର୍ଜୁନ, ମୂର୍ଚ୍ଛନା ଇତ୍ୟାଦି ।

ରଚନା– (ର୍ଅଚ୍ଅନ୍ଆ) 'ଚ୍' ବ୍ୟବଧାନ ହେତୁ ଅର୍ଥାତ 'ନ' ପୂର୍ବରୁ 'ଚ' ରହିଥିବାରୁ 'ନ୍' 'ଣ' ହେଲା ନାହିଁ ।

(୧) **ଅ, ଆ, ଇ, ଈ, ଉ, ଊ, ଏ, ଐ ଆଦି ସ୍ୱରବର୍ଣ୍ଣ ପରେ 'ନ' 'ଣ' ହୁଏ ନାହିଁ ।**

(୨)  'ର, ର, ଷ୍' ପରେ 'ନ୍' ଥିଲେ 'ଣ୍' ହୁଏ।

(୩)  'କ' ବର୍ଗ (କ୍ଖ୍ଗ୍ଘ୍ଙ୍) 'ପ' ବର୍ଗ (ପ୍ଫ୍ବ୍ଭ୍ମ୍) 'ଯ୍', 'ୟ୍', ଅନ୍ତସ୍ଥ 'ୱ୍' 'ହ୍' (ଂ) ଅନୁସ୍ୱାର ବ୍ୟବଧାନ ଥିଲେ ମଧ୍ୟ 'ନ୍' ର 'ଣ' ହୁଏ।

ଓଡ଼ିଆ ଭାଷାରେ 'ନ୍' ଓ 'ଣ' ର ବ୍ୟବହାର ସବୁବେଳେ ନିୟମ ଅନୁସାରେ ହୋଇ ନ ଥାଏ। କେତେକ ସ୍ଥଳରେ ଏହି ନିୟମର ଉଲ୍ଲଙ୍ଘନ ଦେଖାଯାଏ। ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରାଯାଉ। ଯଥା–

| | | |
|---|---|---|
| ଅଣା | ଚାଣକ୍ୟ | ବାଣୀ |
| ଅଣାକାର | ଚାହାଣି | ବୀଣା |
| ଆଣ | ଜଣାଣ | ବେଣୀ |
| କଣା | ଟାଣ | ବେଣୁ |
| କଣିକା | ନିଶାଣ | ମଣି |
| କାଣୀ | ପାଣି | ମଣିମା |
| ଖୁଣ | ଫେଡ଼ାଣ | ମଣିଷ |
| ଗଣନା | ବଣ | ମଶାଣି |
| ଗୁଣନ | ବାଣ | ହଇରାଣ |

ଉପର ଲିଖିତ ଶବ୍ଦ ଗୁଡ଼ିକରେ 'ଣ' ସ୍ୱାଭାବିକ୍ ଭାବରେ ରହିଅଛି।

**ପଦ ମଧ୍ୟରେ 'ନ' ସ୍ଥାନରେ 'ଣ' ହେବାକୁ 'ଣତ୍ୱ' ବିଧି କୁହାଯାଏ। ର, ର, ଷ, ପରେ 'ନ' ଥିଲେ 'ଣ' ହୁଏ ଏବଂ 'କ' ବର୍ଗ (କଖଗଘଙ) 'ପ' ବର୍ଗ (ପଫବଭମ) ଯ, ୟ, ୱ, ହ ବ୍ୟବଧାନଥିଲେ ମଧ୍ୟ 'ନ' ର 'ଣ' ହୁଏ।**

## ପ୍ରଶ୍ନାବଳୀ

୧ ।  'ଣତ୍ୱ' ବିଧି କାହାକୁ କୁହାଯାଏ।

୨ ।  ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ନ' କାହିଁକି 'ଣ୍' ହେଲାନାହିଁ ?

ମନ, ମାନ, ଗିନା, ମୀନ, ମୁନି, ପ୍ରସୂନ, ରଚନା, ରଜନୀ, ରସନା, ସଜନୀ।

୩ ।  ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ନ୍' କେଉଁ କାରଣରୁ 'ଣ୍' ହେଲା ଦର୍ଶାଅ।

କରଣ, କରୁଣ, କଷଣ, କୃଷ୍ଣ, ସୂର୍ପଣଖା, ରାମାୟଣ, ଉତ୍ତରାୟଣ, ତୃଣ, ମସୃଣ, କୃପଣ।

୪ ।  'ନ' ସ୍ଥାନରେ 'ଣ' ବ୍ୟବହୃତ ହୋଇଥିବା ପାଞ୍ଚଟି ଶବ୍ଦ ଲେଖ।

୫ ।  ବାକ୍ୟଗୁଡ଼ିକରେ ଥିବା ଅଶୁଦ୍ଧି ଗୁଡ଼ିକୁ ଠିକ୍ କରି ଲେଖ।

(କ)  ଦ୍ୱାପର ଯୁଗରେ ଭଗବାନ ବିଷ୍ନୁ, କୃଷ୍ନ ରୂପରେ ଜନ୍ମ ନେଇଥିଲେ।

(ଖ)  ତୃତୀୟ ପାଣ୍ଡବ ଅର୍ଜୁନ ବିଷ୍ନୁ କଳା ଲାଭ କରିଥିବାରୁ ତାଙ୍କୁ ଦ୍ୱିତୀୟ କୃଷ୍ନ କୁହାଯାଏ।

(ଗ)  ପାଣ୍ଡବପତ୍ନୀ ଦୌପଦୀଙ୍କୁ କୃଷ୍ନା କୁହାଯାଏ।

## ୨.୨. 'ଷତ୍ୱ' ବିଧି

୧. ତଳ ଲିଖିତ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରାଯାଉ।

| **ଶବ୍ଦରୂପ** | | **ବର୍ଣ୍ଣରୂପ** | | **'ସ'ର ଅବସ୍ଥାନ** |
|---|---|---|---|---|
| ପ୍ରସାଦ | – | (ପ୍ ର୍ ଅ ସ୍ ଆ ଦ୍ ଅ) | – | 'ଅ' ପରେ 'ସ୍' ଅଛି। |
| ଅବସାଦ | – | (ଅ ବ୍ ଅ ସ୍ ଆ ଦ୍ ଅ) | – | 'ଅ' ପରେ 'ସ୍' ଅଛି। |
| ଆସ୍ତିକ | – | (ଆ ସ୍ ତ୍ ଇ କ୍ ଅ) | – | ଆ ପରେ 'ସ୍' ଅଛି। |
| ଭାସମାନ | – | (ଭ୍ ଆ ସ୍ ଅ ମ୍ ଆ ନ୍ ଅ) | – | ଆ ପରେ 'ସ୍' ଅଛି। |

'ଅ' 'ଆ' ପରେ 'ସ' ଥିଲେ 'ସ'ର ପରିବର୍ତ୍ତନ ହୁଏ ନାହିଁ।

୨. ତଳଲିଖିତ ଶବ୍ଦଗୁଡ଼ିକୁ ଦେଖାଯାଉ।

| | | | | |
|---|---|---|---|---|
| ନିଷାଦ | – | (ନ୍ ଇ ଷ ଆ ଦ୍ ଅ) | – | 'ଇ' ପରେ 'ଷ୍' ଅଛି। |
| ଜିଗୀଷା | – | (ଜ୍ ଇ ଗ୍ ଈ ଷ ଆ) | – | 'ଈ' ପରେ 'ଷ୍' ଅଛି। |
| ପୁରୁଷ | – | (ପ୍ ଉ ର୍ ଉ ଷ୍ ଅ) | – | 'ଉ' ପରେ 'ଷ୍' ଅଛି। |
| ଶୁଶ୍ରୂଷା | – | (ଶ୍ ଉ ଶ୍ ର୍ ଊ ଷ୍ ଆ) | – | 'ଊ' ପରେ 'ଷ୍' ଅଛି। |
| ଗବେଷଣା | – | (ଗ୍ ଅ ବ୍ ଏ ଷ୍ ଅ ନ୍ ଆ) | – | 'ଏ' ପରେ 'ଷ୍' ଅଛି। |
| ହିତୈଷଣା | – | (ହ୍ ଇ ତ୍ ଐ ଷ୍ ଅ ନ୍ ଆ) | – | 'ଐ' ପରେ 'ଷ୍' ଅଛି। |
| ଔଷଧ | – | (ଔ ଷ୍ ଅ ଧ୍ ଅ) | – | 'ଔ' ପରେ 'ଷ୍' ଅଛି। |

୩. ତଳଲିଖିତ ଶବ୍ଦଗୁଡ଼ିକୁ ଦେଖାଯାଉ।

'କ' ବର୍ଗ (କ୍‌ଖ୍‌ଗ୍‌ଘ୍‌ଙ୍) ଏବଂ 'ର୍' କାର ପରବର୍ତ୍ତୀ 'ସ୍' 'ଷ' ହୁଏ।

| | | | | |
|---|---|---|---|---|
| ଚିକୀର୍ଷା | – | ଚ୍ ଇ କ୍ ଈ ର୍ ସ୍ ଆ | – | 'ର୍' ପର 'ସ୍', 'ଷ୍' ହୋଇଛି। |
| ଉତ୍କର୍ଷ | – | ଉ ତ୍ କ୍ ଅ ର୍ ସ୍ ଅ | – | 'ର୍' ପର 'ସ୍', 'ଷ୍' ହୋଇଛି। |

୪. ବିସର୍ଗ ସନ୍ଧିଜାତ 'ସ୍', 'ଷ୍', ହୁଏ।

| | | | | |
|---|---|---|---|---|
| ଯଥା– ଆବିଷ୍କାର | – | ଆବିଃ+କାର | – | ବିସର୍ଗ (ଃ) 'ଇ' ପରେ ଥିବାରୁ 'ସ୍' ହୋଇ ପରେ 'ଷ' ହୋଇଛି। |
| ଅନ୍ୟ ଉଦାହରଣ | – | ନିଷ୍ଫଳ | – | ନିଃ+ଫଳ |
| | | ନିଷ୍ପାପ | – | ନିଃ+ପାପ |
| | | ଚତୁଷ୍ପଦ | – | ଚତୁଃ+ପଦ |
| | | ଧନୁଷ୍ପାଣି | – | ଧନୁଃ+ପାଣି |
| | | ବହିଷ୍କୃତ | – | ବହିଃ+କୃତ |

୫.  ‘ସାତ୍’ ପ୍ରତ୍ୟୟ ଯୁକ୍ତ ହେଲେ ‘ସ୍’ ‘ଷ’ ହେବ ନାହିଁ।

ଯଥା– ଅଗ୍ନିସାତ୍, ଧୂଳିସାତ୍

୬.  କେତେକ ସ୍ଥଳରେ ‘ଷତ୍ୱ’ ବିଧି ନିୟମର ବ୍ୟତିକ୍ରମ ଦେଖାଯାଏ।

ଉଦାହରଣ – ଅନୁସରଣ, ବିସ୍ମରଣ, ବିସର୍ଗ, ବିସୂଚିକା, ବିସ୍ତାର, ଅନୁସନ୍ଧାନ।

୭.  କେତେକ ଶବ୍ଦରେ ସ୍ୱାଭାବିକ ଭାବରେ ‘ଷ୍’ ବ୍ୟବହୃତ ହୋଇଥାଏ।

| | | | | | | |
|---|---|---|---|---|---|---|
| ଯଥା– | ଆଷାଢ଼ | ତୋଷ | ବିଷ | ଭାଷା | ମେଷ | ଚାଷ |
| | ଉଷା | ଦୂଷଣ | ବିଷୟ | ଭୂଷଣ | ରୋଷ | କଷା |
| | କଲୁଷ | ପାଷାଣ | ବିଷାଣ | ମହିଷ | ଶେଷ | କଷଟି |
| | କୃଷକ | ପ୍ରଦୋଷ | ବିଶେଷ | ମୂଷିକ | ଷୋଡ଼ଶ | କଷଣ |

ଆମ ଭାଷାରେ ଅନେକ ବିଦେଶୀ ଶବ୍ଦ ବ୍ୟବହୃତ ହୋଇଥାଏ। ଏଗୁଡ଼ିକୁ ବୈଦେଶିକ ଶବ୍ଦ କୁହାଯାଏ। ଏଇ ଧରଣର କେତୋଟି ଶବ୍ଦ ହେଉଛି–

ନୋଟିସ୍, ବକ୍‌ସିସ୍, ପୁଲିସ୍, ସାଲିସ୍, ପାଲିସ୍, ଗିଲାସ୍

ଏଇ ଶବ୍ଦଗୁଡ଼ିକୁ ଲକ୍ଷ୍ୟକରାଯାଉ।

ନ୍-ଓ-ଟ୍-ଇ-ସ୍ = ନୋଟିସ୍

ବ୍-ଅ-କ୍-ସ୍-ଇ-ସ୍ = ବକ୍‌ସିସ୍ ଏହି ଶବ୍ଦ ଦୁଇଟିରେ ‘ଇ’ ପରେ ‘ସ’ ଥିବାରୁ

ପୂର୍ବ ନିୟମ ଅନୁଯାୟୀ ଏଠାରେ ‘ଷ୍’ ହେବାକଥା।

କିନ୍ତୁ ଏଗୁଡ଼ିକ ବୈଦେଶିକ ଶବ୍ଦ ହୋଇଥିବାରୁ ଏଠାରେ ‘ଷତ୍ୱ’ ବିଧି ଲାଗୁ ନ ହୋଇ ‘ସ’ ହୋଇଛି।

୮.  ଦେଶଜ ଓ ବୈଦେଶିକ ଶବ୍ଦରେ ଥିବା ‘ସ୍’ ର ‘ଷ୍’ ହୁଏ ନାହିଁ।

ନୋଟିସ୍, ବକ୍‌ସିସ୍, ପୁଲିସ୍, ସାଲିସ୍, ଇସ୍‌ପାତ, ଇସାରା, ହିସାବ, ସ୍କୁଲ ଇତ୍ୟାଦି।

## ପ୍ରଶ୍ନାବଳୀ

୧ ।  'ଷତ୍ୱ' ବିଧି କାହାକୁ କୁହାଯାଏ ?

୨ ।  ଅଶୁଦ୍ଧି ସଂଶୋଧନ କର ।

ପୁରଷ୍କାର, ପୂର୍ବାହ୍ନ, ଶୁଶ୍ରୂସା, ଧୂଳିଷାତ୍, ପାସାଣ, ଗୋସ୍ପଦ, ଭାଷ୍କର

୩ ।  ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ଷ' କାହିଁକି ଅଛି ଦର୍ଶାଅ ।

ନିଷାଦ, ବିଭୀଷଣ, କୃଷକ, ଗବେଷଣା, ଔଷଧ

୪ ।  ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ଷ' ପରିବର୍ତ୍ତେ 'ସ' କାହିଁକି ହୋଇଛି ?

ପୁରସ୍କାର, ସଂସ୍କାର, ଧୂଳିସାତ୍, ଆତ୍ମସାତ୍

୫ ।  ନିମ୍ନଲିଖିତ ବାକ୍ୟରେ ଥିବା ଭୁଲ୍ ଶବ୍ଦଗୁଡ଼ିକୁ ବାଛି ଠିକ୍ କରି ଲେଖ ।

(କ)  ସୀତାଙ୍କୁ ରାବଣ ଚୋରାଇ ନେବାପରେ ରାମଚନ୍ଦ୍ର ବିସନ୍ନ ହୋଇ ଇତସ୍ତତଃ ଅନ୍ୱେଷଣ କଲେ ।

(ଖ)  ପତ୍ନୀ ବିରହ ଯୋଗୁଁ ସେ ଅବଷାଦରେ କାନ୍ଦିବାକୁ ଲାଗିଲେ ।

(ଗ)  କଲମ୍ୱସ୍ ଆମେରିକା ଆବିସ୍କାର କରିଥିଲେ ।

(ଘ)  ଭଲକାମ କଲେ ପୁରଷ୍କାର ମିଳିଥାଏ ।

## ୨.୩. ସାଧାରଣ ଅଶୁଦ୍ଧି :

କହିବା ଓ ଲେଖିବା ମଧ୍ୟରେ ବ୍ୟବଧାନ ବହୁତ ବେଶି। ମାତୃଗର୍ଭରୁ ଜନ୍ମ ହେଲାମାତ୍ରେ ଛୁଆଟି କୁଆଁ କହେ। ଅଭ୍ୟାସ ବଳରେ କଥା କହିଶିଖେ। ବିଦ୍ୟାରମ୍ଭ ବୟସ ବେଳକୁ ସେ ଅନେକ କଥା କହି ଜାଣିଥାଏ। ପାଠପଢ଼ି ସେ ଶବ୍ଦଗୁଡ଼ିକର ଶୁଦ୍ଧରୂପ ଜାଣେ। ଭାଷାର କଥିତ ଓ ଲିଖିତ ଦୁଇଟି ରୂପ ଅଛି। ପାଠ ନ ପଢ଼ିଥିବା ବ୍ୟକ୍ତିଟି କେବଳ କଥିତ ରୂପଟିକୁ ଜାଣେସିନା; କିନ୍ତୁ ଶିକ୍ଷିତ ବ୍ୟକ୍ତିଟି କଥିତ ଓ ଲିଖିତ ଉଭୟ ରୂପକୁ ଜାଣିଥାଏ। ଉଦାହରଣ ସ୍ୱରୂପ 'ଗଣେଶ' ଗୋଟିଏ ଶବ୍ଦ। ଏଥିରେ ଥିବା 'ଶ'ଟି ତାଲବ୍ୟ 'ଶ' ମୂର୍ଦ୍ଧନ୍ୟ 'ଷ' ଦନ୍ତ୍ୟ 'ସ' ମଧ୍ୟରୁ କେଉଁ ଟି ଠିକ୍ ତାହା ପାଠୁଆ ବ୍ୟକ୍ତି ହିଁ ଠିକ୍ ଉତ୍ତର ଦେଇ ପାରନ୍ତି। କିନ୍ତୁ ଅଶିକ୍ଷିତ ବ୍ୟକ୍ତି ତା'ର ଠିକ୍ ଉତ୍ତର ଦେଇ ପାରିବ ନାହିଁ। ଆମ ଭାଷାରେ ବ୍ୟବହୃତ ଅନେକ ଶବ୍ଦର ଠିକ୍ ରୂପ ଆମେ ଜାଣୁନାହିଁ। ଠିକ୍ ରୂପ ନ ଲେଖିଲେ ଭାଷା ଅଶୁଦ୍ଧ ହେବ। ଆମ ଓଡ଼ିଆ ଭାଷା ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଆଦି ଅନେକ ଶବ୍ଦ ସମ୍ଭାରରେ ପୁଷ୍ଟ। ଶବ୍ଦଗୁଡ଼ିକର ବ୍ୟବହାର ବେଳେ କେତେକ ସାଧାରଣ ଅଶୁଦ୍ଧି ପରିଲକ୍ଷିତ ହୋଇଥାଏ। ଏହି ଅଶୁଦ୍ଧି ଅନେକ ପ୍ରକାରର। ଯଥା: ବଚନଗତ, ଲିଙ୍ଗଗତ, ବିଶେଷ୍ୟ ଓ ବିଶେଷଣଗତ, 'ଣତ୍ୱ'ବିଧିଗତ, 'ଷତ୍ୱ'ବିଧିଗତ, ସନ୍ଧିଗତ, ସମାସଗତ, କୃଦନ୍ତ, ତଦ୍ଧିତ ବିଧିଗତ ଓ ବନାନଗତ ଅଶୁଦ୍ଧି ଦେଖାଯାଏ। ସେହି ଅଶୁଦ୍ଧ ଶବ୍ଦଗୁଡ଼ିକର ଶୁଦ୍ଧ ରୂପ ଜାଣିଲେ ଭାଷା ସରସ ଓ ସୁନ୍ଦର ହୋଇଥାଏ। ନିମ୍ନରେ କାରଣ ସହ ଅଶୁଦ୍ଧ ଶବ୍ଦ ଓ ତାର ଶୁଦ୍ଧ ରୂପ ଦର୍ଶାକଲା।

## ୨.୩.୧. ବଚନଗତ ଅଶୁଦ୍ଧି :

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଗୋଟିଏ ପିମ୍ପୁଡ଼ିଟିଏ | ଗୋଟିଏ ପିମ୍ପୁଡ଼ି / ପିମ୍ପୁଡ଼ିଟିଏ |
| ପ୍ରତ୍ୟେକ ଲୋକମାନେ | ପ୍ରତ୍ୟେକ ଲୋକ / ଲୋକମାନେ |
| ଜନତାମାନଙ୍କର | ଜନତାର |
| ସବୁ ଛାତ୍ରମାନେ | ସବୁ ଛାତ୍ର / ଛାତ୍ରମାନେ |
| ସବୁ ବହିଗୁଡ଼ିକ | ସବୁ ବହି / ବହିଗୁଡ଼ିକ |

## ୨.୩.୨. ଲିଙ୍ଗଗତ ଅଶୁଦ୍ଧି :

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ସୁକେଶିନୀ | ସୁକେଶା |
| ବୈଶ୍ୟୀ | ବୈଶ୍ୟା |

### ୨.୩.୩. ବିଶେଷ୍ୟ, ବିଶେଷଣଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| ଅଧିକ୍ୟତା | ଆଧିକ୍ୟ |
| ଉତ୍କର୍ଷତା | ଉତ୍କର୍ଷ |
| ଐକ୍ୟତା | ଐକ୍ୟ |
| କାର୍ପଣ୍ୟତା | କାର୍ପଣ୍ୟ / କୃପଣତା |
| ପାଟବତା | ପାଟବ / ପଟୁତା |
| ପୂଜ୍ୟାସ୍ପଦ | ପୂଜାସ୍ପଦ |
| ସଂକ୍ଷିପ୍ତରେ | ସଂକ୍ଷେପରେ |
| ସାବଧାନ ସହିତ | ସାବଧାନତା ସହିତ |
| ସୌଜନ୍ୟତା | ସୌଜନ୍ୟ / ସୁଜନତା |

### ୨.୩.୪. "ଣତ୍ୱ"ବିଧିଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| କୃଷ୍ନ | କୃଷ୍ଣ |
| ଅପରାହ୍ନ | ଅପରାହ୍ଣ |
| ପୂର୍ବାହ୍ନ | ପୂର୍ବାହ୍ଣ |
| କ୍ଷୁନ୍ନ | କ୍ଷୁଣ୍ଣ |
| ବିଷ୍ନୁ | ବିଷ୍ଣୁ |

### ୨.୩.୫. "ଷତ୍ୱ"ବିଧିଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| ଆବିସ୍କାର | ଆବିଷ୍କାର |
| ପରଷ୍ପର | ପରସ୍ପର |
| ପୁରଷ୍କାର | ପୁରସ୍କାର |
| ପରିସ୍କାର | ପରିଷ୍କାର |
| ବିସମ | ବିଷମ |
| ବିଷର୍ଣ୍ଣ | ବିଷଣ୍ଣ |
| ବିଷର୍ଜନ | ବିସର୍ଜନ |
| ସୁସମା | ସୁଷମା |

## ୨.୩.୬. ସନ୍ଧିଗତ ଅଶୁଦ୍ଧି :

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଉଜ୍ୱଳ | ଉଜ୍ଜ୍ୱଳ (ଉତ୍+ଜ୍ୱଳ) |
| ଗଣେଷ | ଗଣେଶ (ଗଣ+ଈଶ) |
| ଗିରିଶ | ଗିରୀଶ (ଗିରି+ଈଶ) |
| ଦିଗାମ୍ବର | ଦିଗମ୍ବର (ଦିକ୍+ଅମ୍ବର) |
| ଦୂରାବସ୍ତା / ଦୂରାବସ୍ଥା | ଦୁରବସ୍ଥା (ଦୁଃ+ଅବସ୍ଥା) |
| ନୀର୍ଜନ | ନିର୍ଜନ (ନିଃ+ଜନ) |
| ପ୍ରତ୍ୟକ | ପ୍ରତ୍ୟେକ (ପ୍ରତି+ଏକ) |
| ପ୍ରତ୍ୟେହ | ପ୍ରତ୍ୟହ (ପ୍ରତି+ଅହ) |
| ବାକ୍ଦେବୀ | ବାଗ୍ଦେବୀ (ବାକ୍+ଦେବୀ) |
| ମନଭାବ | ମନୋଭାବ (ମନଃ+ଭାବ) |
| ରଜଗୁଣ | ରଜୋଗୁଣ (ରଜଃ+ଗୁଣ) |
| ସନ୍ୟାସ | ସନ୍ନ୍ୟାସ (ସମ୍+ନ୍ୟାସ) |
| ସାଣ୍ମାସିକ | ଷାଣ୍ମାସିକ (ଷଟ୍+ମାସିକ) |
| ସୂର୍ଯ୍ୟପରାଗ | ସୂର୍ଯ୍ୟୋପରାଗ (ସୂର୍ଯ୍ୟ+ଉପରାଗ) |

## ୨.୩.୭. ସମାସଗତ ଅଶୁଦ୍ଧି :

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଅହର୍ନିଶି | ଅହର୍ନିଶ |
| ଅହୋରାତ୍ରି | ଅହୋରାତ୍ର |
| ଦିବାରାତ୍ରି | ଦିବାରାତ୍ର |
| ନିର୍ଦ୍ଧନୀ | ନିର୍ଦ୍ଧନ |
| ନର୍ଦୋଷୀ | ନିର୍ଦୋଷ |
| ନିରପରାଧୀ | ନିରପରାଧ |
| ନୀରୋଗୀ | ନୀରୋଗ |
| ନୀରୋଦ | ନୀରଦ |
| ଶଶୀଭୂଷଣ | ଶଶିଭୂଷଣ |

## ୨.୩.୮. କୃଦନ୍ତଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| ଅଧୀନସ୍ଥ | ଅଧୀନ |
| ଅନୁଗୃହ | ଅନୁଗ୍ରହ |
| ଉତ୍ୟକ୍ତ | ଉଦ୍ୟକ୍ତ |
| ଗୃହିତ | ଗୃହୀତ |
| ସୃଜନ | ସର୍ଜନ |

## ୨.୩.୯. ତଦ୍ଧିତଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| ଆବଶ୍ୟକୀୟ | ଆବଶ୍ୟକ |
| ଆରକ୍ତିମ | ଆରକ୍ତ / ରକ୍ତିମ |
| ଉଜ୍ଜ୍ୱଳମୟ | ଉଜ୍ଜ୍ୱଳ |
| ଏକତ୍ରିତ | ଏକତ୍ର |
| ଦାଶରଥୀ | ଦାଶରଥି (ଦଶରଥ+ଇ) |
| ପୌରହିତ୍ୟ | ପୌରୋହିତ୍ୟ |
| ଭୌଗଳିକ | ଭୌଗୋଳିକ |

## ୨.୩.୧୦. ବନାନଗତ ଅଶୁଦ୍ଧି :

| **ଅଶୁଦ୍ଧ** | **ଶୁଦ୍ଧରୂପ** |
|---|---|
| ଅଞ୍ଜଳୀ | ଅଞ୍ଜଳି |
| ଅବସର୍ଣ୍ଣ | ଅବସନ୍ନ |
| ଅନୁସୂୟା | ଅନସୂୟା |
| ଅନୁଦିତ | ଅନୂଦିତ |
| ଅସ୍ତମାନ | ଅସ୍ତାୟମାନ |
| ଅପଦସ୍ତ | ଅପଦସ୍ଥ |
| ଭୂବନେଶ୍ୱର | ଭୁବନେଶ୍ୱର |
| ଅଭଡ଼ା | ଅବଢ଼ା |
| ଅମୀୟ | ଅମିୟ |

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଅନୁବାଦିତ | ଅନୂଦିତ |
| ଅପରାହ୍ନ | ଅପରାହ୍ଣ |
| ଅଭୁଦୟ | ଅଭ୍ୟୁଦୟ |
| ଅଭିଳାସ | ଅଭିଳାଷ |
| ଆରତୀ | ଆରତି |
| ଆନୁସଙ୍ଗିକ | ଆନୁଷଙ୍ଗିକ |
| ଆଶୀଷ | ଆଶିଷ |
| ଆଶ୍ରୀବାଦ | ଆଶୀର୍ବାଦ |
| ଉପଯୋଗୀତା / ଉପୋଯୋଗିତା | ଉପଯୋଗିତା |
| ଉହ୍ୟ | ଊହ୍ୟ |
| ଉଣା | ଊଣା |
| ଉର୍ଦ୍ଧ / ଉର୍ଦ୍ଧ୍ୱ | ଊର୍ଦ୍ଧ୍ୱ |
| ରଣଗ୍ରସ୍ଥ | ଋଣଗ୍ରସ୍ତ |
| କାଳନ୍ଦୀ | କାଳିନ୍ଦୀ |
| କୃଷ୍ନ | କୃଷ୍ଣ |
| ଗୋଲକବିହାରୀ | ଗୋଲୋକବିହାରୀ |
| ଗ୍ରାହାକ | ଗ୍ରାହକ |
| ଜଗନାଥ | ଜଗନ୍ନାଥ |
| ଜମ | ଯମ |
| ଯନ୍ତୁପତି | ଜନ୍ତୁପତି |
| ଜୀବୀତ | ଜୀବିତ |
| ଜେଷ୍ଠ | ଜ୍ୟେଷ୍ଠ |
| ତ୍ରିଭୂଜ | ତ୍ରିଭୁଜ |
| ତୃଟି | ତ୍ରୁଟି / ତ୍ରୁଟୀ |
| ଦିପ୍ତି | ଦୀପ୍ତି |
| ଦୂର୍ଗା | ଦୁର୍ଗା |

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଦୁର୍ବା | ଦୂର୍ବା (ଦୂବ) |
| ଦ୍ରୂତଗାମୀ / ଦୃତଗାମୀ | ଦ୍ରୁତଗାମୀ |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ |
| ଧନୀକ | ଧନିକ |
| ଧୂମ୍ରପାନ | ଧୂମପାନ |
| ନିରୁପଣ | ନିରୂପଣ |
| ନୀଛ | ନୀଚ |
| ନିରଦ | ନୀରଦ |
| ପତିତପାବିନୀ | ପତିତପାବନୀ |
| ପ୍ରଚୂର | ପ୍ରଚୁର |
| ପୁରଷ୍କାର | ପୁରସ୍କାର |
| ବାହାନ | ବାହନ |
| ବ୍ୟବହାରିକ | ବ୍ୟାବହାରିକ |
| ବିଷର୍ଣ୍ଣ | ବିଷଣ୍ଣ |
| ବିସମ | ବିଷମ |
| ବହୁବ୍ରିହୀ / ବହୁବ୍ରିହି | ବହୁବ୍ରୀହି |
| ବିଶ୍ୱସ୍ଥ | ବିଶ୍ୱସ୍ତ |
| ବାହୁଲ୍ୟତା | ବହୁଳତା / ବାହୁଲ୍ୟ |
| ଭୂଲ | ଭୁଲ |
| ସଂକୀଣ୍ଣ | ସଂକୀର୍ଣ୍ଣ |
| ମାର୍ଗଶୀର | ମାର୍ଗଶିର |
| ମୁକ | ମୂକ |
| ମୂଖ୍ୟ | ମୁଖ୍ୟ |
| ମିନତୀ | ମିନତି |
| ଯାତାୟତ | ଯାତାୟାତ |
| ଜାଜ୍ଞସେନୀ | ଯାଜ୍ଞସେନୀ |

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ରବିନ୍ଦ୍ର | ରବୀନ୍ଦ୍ର |
| ଲଜ୍ୟା | ଲଜ୍ଜା |
| ଶାରିରୀକ | ଶାରୀରିକ |
| ଶ୍ରୀକୃର୍ଷ୍ଣ | ଶ୍ରୀକୃଷ୍ଣ |
| ଶିକ୍ଷୟତ୍ରୀ | ଶିକ୍ଷୟିତ୍ରୀ |
| ଶୀକାର | ଶିକାର |
| ଶିର୍ଷ | ଶୀର୍ଷ |
| ଶୁଦ୍ର | ଶୂଦ୍ର |
| ଶୁଶ୍ରୁଷା | ଶୁଶ୍ରୂଷା |
| ଶତୃଘ୍ନ | ଶତ୍ରୁଘ୍ନ |
| ଶ୍ରେଷ୍ଠତମ | ଶ୍ରେଷ୍ଠ |
| ସାହାସ | ସାହସ |
| ସାହାର୍ଯ୍ୟ | ସାହାଯ୍ୟ |

## ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଅଶୁଦ୍ଧ ଶବ୍ଦଗୁଡ଼ିକୁ ସଂଶୋଧନ କରି ଲେଖ।

ଅନୁସୂୟା, ପୂଜାସ୍ପଦ, ଆଶୀଷ, ମାର୍ଗଶୀର, କୃର, ପ୍ରତିଯୋଗୀତା, ଉଣା, ଯାତାୟତ, ଦୂରାବସ୍ଥା, ଶିକ୍ଷୟତ୍ରୀ ।

୨. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା ଅଶୁଦ୍ଧ ଶବ୍ଦ ଗୁଡ଼ିକୁ ସଂଶୋଧନ କର।

(କ) ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ବହୁତ ଲୋକମାନେ ଆସିଥିଲେ।

(ଖ) ମନ୍ତ୍ରୀଙ୍କ ସଭାରେ ଆବାଳବୃଦ୍ଧ ବନିତାଗଣ ଯୋଗ ଦେଇଥିଲେ।

(ଗ) ମୁଁ ତୁମର ଉଜ୍ୱଳ ଭବିଷ୍ୟତ କାମନା କରୁଛି।

(ଘ) ସବୁ କବିମାନେ ପ୍ରାକୃତିକ ବର୍ଣ୍ଣନାରେ ସିଦ୍ଧହସ୍ତ।

(ଙ) ଶିକ୍ଷୟତ୍ରୀ ପ୍ରତ୍ୟେକ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିଲେ।

(ଚ) କୋଲକାତା ଭାରତର ବୃହତମ ନଗରୀ।

(ଛ) ପିଲାଟି ସଂକ୍ଷିପ୍ତରେ ଉତ୍ତର ଦେଲା।

(ଜ) ଅନନ୍ୟା ସାଣ୍ମାଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହେଲା।

(ଝ) ସର୍କସର ବାଘଗୁଡ଼ିକ ହୃଷ୍ଟପୃଷ୍ଟ ନୁହନ୍ତି।

(ଞ) ସେ ସପରିବାର ସହିତ ଭୋଜି ଖାଇ ଯାଇଥିଲେ।

(ଟ) ମୂଷା ଗଣେଷଙ୍କ ବାହାନ ଅଟେ।

(ଠ) ମାନଚିତ୍ର ପଠନ ଦ୍ୱାରା ଭୌଗଳିକ ଜ୍ଞାନ ବୃଦ୍ଧିହୁଏ।

(ଡ) ଗିରିଶ ବାବୁ ଭୂବନେଶ୍ୱରରୁ ଦୂତଗାମୀ ବସ୍‌ରେ କୋରାପୁଟ ଗଲେ।

(ଢ) ରବିନ୍ଦ୍ର ଦୌଡ଼ ପ୍ରତିଯୋଗୀତାରେ ପ୍ରଥମ ହେଲା।

ତୃତୀୟ ଅଧ୍ୟାୟ

# ରୂଢ଼ି ଓ ଲୋକବାଣୀ

**୩.୧.**

(କ) ଝିଅଟି ଖୁବ୍ ସୁନ୍ଦରୀ, ତା' ବାହାଘର ପାଇଁ ତାଙ୍କ ଘରକୁ କେତେ ଲୋକେ ଆସିଲେ, ସେମାନେ ସବିତାକୁ ପସନ୍ଦ କଲେ। ବାହାଘର ସ୍ଥିର ହେଲା, ଶେଷରେ ଝିଅଟି ସହିତ ପୁଅଟିର ବିବାହ ହେଲା।

(ଖ) ସବିତା ଗୋଟାଏ ଚାଉଳରେ ଗଢ଼ା, ତାକୁ ଦେଖିବାକୁ ବର ଘର ଦେଖା ଆସିଲେ, ଝିଅଟିର ରୂପ ତାଙ୍କ ମନକୁ ପାଇଲା, ବାହାଘର ସ୍ଥିର ହେଲା, ଶେଷରେ ପୁଅଟି ସହିତ ଝିଅଟିର ହାତଗଣ୍ଠି ପଡ଼ିଲା। ଉଭୟ ହାତକୁ ଦି' ହାତ ହେଲେ।

ଦୁଇଟି ଅନୁଚ୍ଛେଦକୁ ଲକ୍ଷ୍ୟ କରାଯାଉ। ଅନୁଚ୍ଛେଦର ଭାବ ସମାନ, ମାତ୍ର ପ୍ରକାଶ କଳା ଭିନ୍ନ ଭିନ୍ନ। ପ୍ରଥମ ଦୃଷ୍ଟାନ୍ତଠାରୁ ଦ୍ୱିତୀୟ ଦୃଷ୍ଟାନ୍ତଟି ଅଧିକ ସୁନ୍ଦର ଓ ବୋଧଗମ୍ୟ ଲାଗୁଛି। ପ୍ରଥମ ଅନୁଚ୍ଛେଦର କେତୋଟି ବକ୍ତବ୍ୟ ଦ୍ୱିତୀୟ ଅନୁଚ୍ଛେଦରେ ନିମ୍ନ ପ୍ରକାରେ କୁହାଯାଇଛି।

ଯଥା– (କ) ଖୁବ୍ ସୁନ୍ଦରୀ – ଗୋଟିଏ ଚାଉଳରେ ଗଢ଼ା

(ଖ) ପସନ୍ଦ କଲେ – ମନକୁ ପାଇଲା

(ଗ) ବାହାଘର ହେଲା – ହାତଗଣ୍ଠି ପଡ଼ିଲା

(ଘ) ବାହା ହେଲେ – ହାତକୁ ଦି'ହାତ ହେଲେ

"ଗୋଟିଏ ଚାଉଳରେ ଗଢ଼ା" ଅର୍ଥ ହେଉଛି ସୁନ୍ଦରୀ / ସୁନ୍ଦର।

'ଗୋଟିଏ', 'ଚାଉଳରେ', 'ଗଢ଼ା' – କୌଣସି ଶବ୍ଦର ଅର୍ଥ 'ସୁନ୍ଦରୀ', 'ସୁନ୍ଦର' ନୁହେଁ। କିନ୍ତୁ ତିନୋଟି ଶବ୍ଦ ଏକତ୍ର ମିଶିଗଲେ ଏହାର ଅର୍ଥ ହେଉଛି 'ସୁନ୍ଦରୀ' / 'ସୁନ୍ଦର'।

**କୌଣସି ଶବ୍ଦ ନିଜସ୍ୱ ଅର୍ଥ ଛାଡ଼ି, ଅନ୍ୟ ଶବ୍ଦ ସହିତ ମିଶି ସ୍ୱତନ୍ତ୍ର ଅର୍ଥ ପ୍ରକାଶ କଲେ ଏହାକୁ 'ରୂଢ଼ି' କୁହାଯାଏ।**

ଧାତୁରୁ ଶବ୍ଦ ଗଢ଼ା ହୁଏ। ଗୋଟିଏ ଶବ୍ଦରୁ ମଧ୍ୟ ଅନ୍ୟ ଶବ୍ଦ ଗଢ଼ା ହୋଇଥାଏ। ଶବ୍ଦ ତିନି ପ୍ରକାର – ରୂଢ଼, ଯୌଗିକ ଓ ଯୋଗରୂଢ଼।

**ରୂଢ଼ ଶବ୍ଦ :**

ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟଗତ ଅର୍ଥ ପ୍ରକାଶ ନ କରି ଭିନ୍ନ ଅର୍ଥ ପ୍ରକାଶ କରେ, ତାହା **ରୂଢ଼** ଶବ୍ଦ। ଯଥା– କ୍ଷତ – ତ୍ରୈ + ଅ = କ୍ଷତ୍ର। 'କ୍ଷତ୍ର' ଶବ୍ଦର ପ୍ରତ୍ୟୟଗତ ଅର୍ଥ – ଯେ କ୍ଷତରୁ ତ୍ରାଣ କରେ । ମାତ୍ର ଏହାର ସାଧାରଣ ଅର୍ଥ – ଜାତି ବିଶେଷ। ସେହିପରି ଘଟ୍ + ଅ = ଘଟ। ଘଟ୍ ଧାତୁର ଅର୍ଥ – ଚେଷ୍ଟା କରିବା । ମାତ୍ର ଘଟ ଶବ୍ଦର ଅର୍ଥ ପାତ୍ର।

ରୂଢ଼ି – ବି (ରୂହ–ତି) ପ୍ରସିଦ୍ଧି, ଉତ୍ପତ୍ତି, ବ୍ୟୁତ୍ପତ୍ତି – ବହିର୍ଭୂତ ଅର୍ଥ ପ୍ରକାଶର ଶକ୍ତି।

## ୩.୧.୧. ରୂଢ଼ି ପ୍ରୟୋଗ :

ନିମ୍ନଲିଖିତ ପଦସମଷ୍ଟି ବା ଖଣ୍ଡବାକ୍ୟକୁ ଲକ୍ଷ୍ୟ କର।

(କ) ଅନ୍ଧାରକୁ ଟେକା ପକାଇବା।

(ଖ) ଅରଣ୍ୟ ରୋଦନ।

ପ୍ରଥମ ଖଣ୍ଡବାକ୍ୟ ବା (କ) ଖଣ୍ଡବାକ୍ୟର ଅର୍ଥ ନୁହେଁ କୌଣସି ଅନ୍ଧାରିଆ ସ୍ଥାନକୁ ଟେକା ଫୋପାଡ଼ିବା। ଏହାର ଅର୍ଥ ହେଉଛି କୌଣସି ବିଷୟରେ ସ୍ପଷ୍ଟ ଜ୍ଞାନ ବା ଧାରଣା ଅର୍ଜନ ନ କରି କେବଳ ଅନୁମାନକୁ ଭିତ୍ତିକରି କୌଣସି କାର୍ଯ୍ୟ କରିବା। ଭାବଗତ ସାମ୍ୟ ଯାହା ଥାଉନା କାହିଁକି, ଏଠାରେ 'ଅନ୍ଧାରକୁ', 'ଟେକା' ଓ 'ପକାଇବା' ଶବ୍ଦ ସେମାନଙ୍କର ଆଭିଧାନିକ ବା ବ୍ୟୁତ୍ପତ୍ତିଗତ ଅର୍ଥକୁ ତ୍ୟାଗକରି ଅଲଗା ଏକ ରୂଢ଼ ଅର୍ଥକୁ ବ୍ୟକ୍ତ କରୁଛନ୍ତି।

ସେହିପରି 'ଅରଣ୍ୟରୋଦନ' ଖଣ୍ଡବାକ୍ୟଟି 'ଅରଣ୍ୟ' ଓ 'ରୋଦନ'ର ବ୍ୟୁତ୍ପତ୍ତିଗତ ଅର୍ଥକୁ ତ୍ୟାଗକରି 'ବୃଥା ପ୍ରୟାସ' ଅର୍ଥକୁ ବ୍ୟକ୍ତ କରୁଅଛି।

ତେଣୁ କୌଣସି ବାକ୍ୟାଂଶ ମୂଳ ଅର୍ଥକୁ ଅତିକ୍ରମ କରି ଏକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହେଲେ ତାହାକୁ **ରୂଢ଼ି** କୁହାଯାଏ। ପ୍ରତ୍ୟେକ ଭାଷାରେ ଏହାର ଉଦାହରଣ ଦେଖିବାକୁ ମିଳେ। ରୂଢ଼ି ପ୍ରୟୋଗ ଦ୍ୱାରା ଅଭିବ୍ୟକ୍ତି ସରସ, ସୁନ୍ଦର ହୁଏ। ଯୁଗଯୁଗରୁ ଏଗୁଡ଼ିକ ସ୍ୱତନ୍ତ୍ର ବ୍ୟଞ୍ଜନା ନେଇ ଫୁଟି ଉଠିଛନ୍ତି।

ଓଡ଼ିଆ ଭାଷାରେ ପ୍ରଚଳିତ ରୂଢ଼ିପ୍ରୟୋଗର ତିନୋଟି ଧାରା ପରିଲକ୍ଷିତ ହୁଏ।

**ଯଥା :**

(୧) କ୍ରିୟାହୀନ ରୂଢ଼ି (ପଦ ସଂହତିରେ କ୍ରିୟା ପଦ ନ ଥାଏ)

(୨) କ୍ରିୟାଯୁକ୍ତ ରୂଢ଼ି (ପଦ ସଂହତିରେ କ୍ରିୟା ପଦ ଥାଏ)

(୩) ତୁଳନାତ୍ମକ ରୂଢ଼ି (ପଦ ସଂହତିରେ ଉପମାବାଚକ ଶବ୍ଦର ବ୍ୟବହାର ଦେଖାଯାଏ)

### ୩.୧.୨. କ୍ରିୟାହୀନ ରୂଢ଼ି :

**ଅନ୍ଧର ଲଉଡ଼ି – (ଅସହାୟର ସହାୟ)**

➢ ଶ୍ରବଣ କୁମାର ବୃଦ୍ଧ ପିତାମାତାଙ୍କର ଅନ୍ଧର ଲଉଡ଼ି ଥିଲେ।

**ଅନ୍ଧବୁଝାମଣା – (ଅନ୍ୟାୟ ବିଚାର)**

➢ ଏ ତ ଅନ୍ଧବୁଝାମଣା ରୀତି, ମଣିଷକୁ ଯେବେ ମଣିଷ ଛୁଇଁଲା, କେଉଁବାଟେ ଯିବ ଜାତି।

**ଅରଣ୍ୟରୋଦନ – (ନିଷ୍ଫଳ ପ୍ରାର୍ଥନା / ବୃଥା ପ୍ରାର୍ଥନା)**

➢ ରାବଣ ନିକଟରେ ସୀତାଙ୍କର ଆକୁଳତା ଅରଣ୍ୟରୋଦନରେ ପରିଣତ ହୋଇଥିଲା।

**ଅହିନକୁଳ ସମ୍ପର୍କ – (ଘୋର ଶତ୍ରୁତା)**

➢ ଭାଇ ଭାଇ ମଧ୍ୟରେ ଅହିନକୁଳ ସମ୍ପର୍କ ସୃଷ୍ଟିହେବା ଆଦୌ ଉଚିତ ନୁହେଁ।

**ଅଲଣା କଥା – (ମୂଲ୍ୟହୀନ କଥା)**

➢ ତାଙ୍କର ସେ ଅଲଣା କଥା ଶୁଣିବାକୁ ମୋର ବେଳ ନାହିଁ।

**ଅକଲ ଗୁଡୁମ – (ବୁଦ୍ଧି ବଣାହେବା)**

➢ ଓକିଲବାବୁ ମିଛ କହୁଥିବା ସାକ୍ଷୀକୁ ପ୍ରଶ୍ନ ପଚାରି ତା'ର ଅକଲ ଗୁଡୁମ କରିଦେଲେ।

**ଅଳ୍ପ ବିଦ୍ୟା ଭୟଙ୍କରୀ - (ଅଳ୍ପ ଜ୍ଞାନଯୋଗୁ ଅପଦସ୍ଥ ହେବା)**

➢ ଆଶୁତୋଷ ସବୁଠି ନିଜର ଆତ୍ମବଡ଼ିମା ଦେଖାଇ ଶେଷରେ ଅପଦସ୍ଥ ହେଉଛି । କଥାରେ ପରା ଅଛି, ଅଳ୍ପବିଦ୍ୟା ଭୟଙ୍କରୀ ।

**ଆକାଶ କୁସୁମ – (ବୃଥା ସ୍ୱପ୍ନ)**

➢ ବର୍ତ୍ତମାନ ପରିସ୍ଥିତିରେ ରାମରାଜ୍ୟ ଗଢ଼ିବାର ଆସ୍ପର୍ଦ୍ଧା ପୋଷଣ କେବଳ ଆକାଶ କୁସୁମ ମାତ୍ର ।

**ଆପଣା ସୁନା ଭେଣ୍ଡି – (ନିଜ ଲୋକ ଅଯୋଗ୍ୟ)**

➢ ଆପଣା ସୁନା ତ ଭେଣ୍ଡି, ପର ସହିତ କଳି କରି ଲାଭ କ'ଣ ?

**ଉପରିମାଲ – (ନିର୍ଦ୍ଦିଷ୍ଟ ଆୟରୁ ଅଧିକ / ମାଗଣା ମିଳିବା)**

➢ ଉପରିମାଲ ସଂଗ୍ରହ କରୁଥିବା ବ୍ୟକ୍ତି ଦେଶର କଳଙ୍କ ।

**ଉପରଠାଉରିଆ –(ଗଭୀରତାର ଅଭାବ, ସାରବତ୍ତାର ଅଭାବ)**

➢ ସବୁବେଳେ ଏମିତି ଉପରଠାଉରିଆ କଥା କହ ନାହିଁ, କିଛି ଘଟଣା ଠିକ୍ ଭାବରେ ନ ବୁଝି ଉପରଠାଉରିଆ ମନ୍ତବ୍ୟ ଦେବା ଉଚିତ ନୁହେଁ ।

**ଏ ଘର ମାଉସୀ ସେ ଘର ପିଉସୀ – (ଏପଟ ସେପଟ ଛିଦ୍ର କହି ଯେ ସବୁଠାରେ ଭଲେଇ ହୁଏ)**

➢ ଚମ୍ପାନାନୀ କଥାକୁ ମୋଟେ ବିଶ୍ୱାସ କରନାହିଁ, ସେ ପରା ଏ ଘର ମାଉସୀ ସେ ଘର ପିଉସୀ ।

**ଏକଘରକିଆ – (ସାମାଜିକ ବାସନ୍ଦ)**

➢ ଜଣକୁ ଏକଘରକିଆ କରି ରଖିବା ମାନବିକ ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ।

**ଓଳିଆରୁ ଗଜା – (ଜନ୍ମରୁ ଚତୁର ବା ସିଆଣିଆ)**

➢ ସେ ତ ଓଳିଆରୁ ଗଜା, ତାକୁ ଶିଖାଇବା କ'ଣ ?

**କରଛଡ଼ା – (ଦାୟିତ୍ୱ ନ ନେବା)**

➢ ସମୂହ କାର୍ଯ୍ୟରେ କରଛଡ଼ା ଦେବା ଠିକ୍ ନୁହେଁ ।

**କାଠିକର ପାଠ – (କଷ୍ଟସାଧ୍ୟ)**

➢ ବଜାର ଦର ଯେମିତି ହେଲାଣି ଅଳ୍ପ ରୋଜଗାରରେ ଚଳିବା କାଠିକର ପାଠ ।

**କୁହା ମୁଣ୍ଡା କପିଳା (ବହୁ ଅବାନ୍ତର କଥା କହିବା ।)**

➢ ଆଜିକାଲି ଶସ୍ତା ରାଜନୀତି କରୁଥିବା ନେତାମାନେ ହେଉଛନ୍ତି କୁହାମୁଣ୍ଡା କପିଳା ।

**କପାଳ ଲିଖନ – (ଭାଗ୍ୟଫଳ)**

➢ କପାଳ ଲିଖନକୁ କିଏ ବା ବଦଳେଇ ଦେଇପାରିବ ?

**କୁମ୍ଭୀର କାନ୍ଦଣା – (ଛଳନା / ଉପର ଠାଉରିଆ ସହାନୁଭୂତି)**

➢ ତୁମର କୁମ୍ଭୀର କାନ୍ଦଣା ମୋ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

**କୂପ ମଣ୍ଡୂକ – (ସଂକୁଚିତ ପରିବେଶରେ ବଢ଼ିଥିବା)**

➢ ବିଜୟ ତ ଗୋଟେ କୂପମଣ୍ଡୂକ। ତାକୁ ଦେଶ ବିଦେଶ ଖବର ପଚାର ନାହିଁ।

**ଖତଗଦାରେ ପଦ୍ମ – (ପ୍ରତିକୂଳ ପରିସ୍ଥିତିରେ ପ୍ରତିଭା ସ୍ଫୁରଣ)**

➢ ରେଢ଼ାଖୋଲର କନ୍ଧ ପରିବାରରେ ଜନ୍ମହୋଇଥିଲେ ବି କବି ଭୀମ ହୋଇଥିଲେ ଖତଗଦାରେ ପଦ୍ମ ସଦୃଶ।

**ଗୋଟଏ ଚାଉଳରେ ଗଢ଼ା – (ଅତି ସୁନ୍ଦର)**

➢ ପିଲାଟିର ରୂପ ବାହୁନିବାକୁ କିଛି ନାହିଁ। ସେ ପରା ଗୋଟିଏ ଚାଉଳରେ ଗଢ଼ା।

**ଗୋଠଖଣ୍ଡିଆ – (ଅସାମାଜିକ ବ୍ୟକ୍ତି / ଗୋଷ୍ଠୀରୁ ଅଲଗା)**

➢ ଗୋଠଖଣ୍ଡିଆ ଲୋକ ଅନେକ ଅସୁବିଧାରେ ପଡ଼େ।

**ଗୋବରଗଣେଶ – (ନିର୍ବୋଧ / ମୂର୍ଖ)**

➢ ଏବେ ବି ସମାଜରେ ସାଧାରଣ ହିସାବ କିତାବ ଜାଣି ନ ଥିବା ଅନେକ ଗୋବରଗଣେଶ ଅଛନ୍ତି।

**ଘର ଢିଙ୍କି କୁମ୍ଭୀର – (ନିଜ ଲୋକ ଶତ୍ରୁ)**

➢ ତାଙ୍କ ଭାଇ ତାଙ୍କ ପତନର କାରଣ, ଘର ଢିଙ୍କି କୁମ୍ଭୀର ହେଲେ ସେ କାହାକୁ ଦୋଷ ଦେବେ ?

**ଘରବୁଡ଼ି ପାଣି ଆଣ୍ଠୁଏ – (ଅବସ୍ଥା ଅସମ୍ଭାଳ ହେବା / ବିପଦ ଉପରେ ବିପଦ)**

➢ ଦେଶର କରଜ ଏତେ ହେଲାଣି ଯେ ଘରବୁଡ଼ି ପାଣି ଆଣ୍ଠୁଏ, ତଥାପି ନେତାମାନଙ୍କର ରାଜକୀୟ ଅୟସ କମୁନି।

**ଘୋଷାବଳଦ – (କିଛି ନ ବୁଝି ମୁଖସ୍ଥ କରିବା)**

➢ ଘୋଷାବଳଦ ହୋଇ ଲାଭ କ'ଣ ? ପାଠ ଟିକେ ବୁଝିବାକୁ ଚେଷ୍ଟା କର।

**ଛୁଆଁମାଛି ପରୀକ୍ଷା / ପରଖ – (ତନ୍ନ ତନ୍ନ କରି ଦେଖିବା)**

➢ ସବୁ କଥାରେ ଏମିତ ଛୁଆଁମାଛି ପରୀକ୍ଷା କଲେ ଚଳିବନି।

**ଛକାପନ୍ଝା – (ଉଭୟ ପକ୍ଷର ସତର୍କ ଭାବ)**

➢ ଜଙ୍ଗଲ ମଧ୍ୟରେ ଗତକାଲି ପୋଲିସ୍ ଓ ଚୋରଙ୍କ ମଧ୍ୟରେ ଛକାପନ୍ଝା ଚାଲିଥିଲା।

**ଜପାମାଳି – (ଅତିପ୍ରିୟ)**

➢ ନାତିଟି ଅଜାଆଈଙ୍କର ଜପାମାଳି ହୋଇଛି।

**ଜୀବନ ମୂର୍ଚ୍ଛା – (ଆପ୍ରାଣ ଉଦ୍ୟମ)**

➢ ଭାରତୀୟ ହକିଦଳ ଆନ୍ତର୍ଜାତୀୟସ୍ତରରେ ଦେଶର ଗୌରବ ରକ୍ଷା ପାଇଁ ଜୀବନ ମୂର୍ଚ୍ଛା ସଂଗ୍ରାମ କରୁଛନ୍ତି।

**ଜୋକ ମୁହଁରେ ଲୁଣ – (ଗର୍ବ ଭାଙ୍ଗିବା / ଅହଂକାର ଭାଙ୍ଗିବା)**

➢ ଜଗା ଗାଁ ଲୋକଙ୍କୁ ଡରାଉଥିଲା ହେଲେ ପୋଲିସ ଆସିଯିବାରୁ ଜୋକ ମୁହଁରେ ଲୁଣ ପରି ଚୁପ୍ ରହିଲା।

**ଝାଳବୁହା ଧନ – (କଷ୍ଟ ଅର୍ଜିତ)**

➢ ଝାଳବୁହା ଧନ ମଣିଷକୁ ପ୍ରକୃତ ଶାନ୍ତି ଦିଏ।

**ଝିମିଟି ଖେଳରୁ ମହାଭାରତ – (ସାମାନ୍ୟ ଘଟଣାରୁ ବିରାଟକାଣ୍ଡ ବା ଭୟଙ୍କର ପରିସ୍ଥିତିର ସୂତ୍ରପାତ)**

➢ ପିଲାକଳିରୁ ଏ ଭୟଙ୍କର ପରିସ୍ଥିତି, ଝିମିଟି ଖେଳରୁ ମହାଭାରତ ସୃଷ୍ଟି ବ୍ୟତୀତ ଆଉ କିଛି ନୁହେଁ।

**ଡେଙ୍ଗା ମୁଣ୍ଡରେ ଠେଙ୍ଗା – (ସମସ୍ତଙ୍କ ଦୃଷ୍ଟିରେ ଥିବା ବ୍ୟକ୍ତି ଉପରେ ବିପଦର ମାତ୍ରା ଅଧିକ ଥାଏ)**

➢ ଏ ଅଞ୍ଚଳରେ ଯାହା ଘଟିବ ସମସ୍ତେ ତୋତେ ଦାୟୀ କରିବେ, କାରଣ ଡେଙ୍ଗା ମୁଣ୍ଡରେ ଠେଙ୍ଗା।

**ଢୋଲ ଭିତରେ ମୂଷା – (ଶତ୍ରୁ ଗୁପ୍ତରେ ଘରେ ଲୁଚି ରହିବା)**

➢ ତୁ କ'ଣ ଗୋପନ ରଖିଛୁ, ତୋ ପୁଅ ପରା ଢୋଲ ଭିତରେ ମୂଷା।

**ତେଲିଆ ମୁଣ୍ଡରେ ତେଲ – (ଥିଲାବାଲାକୁ ଅଧିକ ସାହାଯ୍ୟ)**

➢ ଏ ସମାଜରେ ସବୁବେଳେ ତେଲିଆ ମୁଣ୍ଡରେ ତେଲ, କିନ୍ତୁ ଗରିବର ଅବସ୍ଥା ତଳକୁ ତଳକୁ ଯାଉଛି।

**ଦେହଲଗା – (ଅତି ବିଶ୍ୱାସୀ)**

➢ ଦୟାନିଧି ଦୀନବନ୍ଧୁ ବାବୁଙ୍କର ଦେହଲଗା ବନ୍ଧୁ।

**ନଈ ନ ଦେଖୁଣୁ ଲଙ୍ଗଳା – (ବିପଦ ନ ଆସୁଣୁ ଛାନିଆ ହେବା)**

➢ ନଈ ନ ଦେଖୁଣୁ ଲଙ୍ଗଳା ହେଲେ ବିପଦକୁ ସାମନା କରିବା ଦୁଃସାଧ୍ୟ ହେବ।

**ନଛୋଡ଼ବନ୍ଧା – (ଏକଜିଦିଆ)**

➢ ତାଙ୍କର ନଛୋଡ଼ବନ୍ଧା ମନୋଭାବ ଯୋଗୁଁ ପରିବାରଟା ଉଜୁଡ଼ିଗଲା।

**ନାଟର ଗୋବର୍ଦ୍ଧନ - (ଅନର୍ଥର ମୂଳ)**

➢ ଗାଁ ସରପଞ୍ଚ ଟାଉଟର ହରି ମିଶ୍ରେ ସବୁନାଟର ଗୋବର୍ଦ୍ଧନ।

**ଫାଙ୍କା ଆୱାଜ – (ବୃଥା ଧମକ)**

➢ ତୁମର ଫାଙ୍କା ଆୱାଜରେ ଡରିଯିବା ଲୋକ ମୁଁ ନୁହେଁ।

**ଫଟା କପାଳ – (ମନ୍ଦଭାଗ୍ୟ)**

➢ ମୋର ତ ଫଟା କପାଳ, ଗୋଟିଏ ହେଲେ ପିଲା ଯୋଗ୍ୟ ହେଲେନି।

**ବଣ ବିଛୁଆତି – (ଅତିଦୁଷ୍ଟ / ମୂଳରୁ ଦୁଷ୍ଟ)**

➢ ସେ ପିଲାଟା ବଣବିଛୁଆତି, ତା' ସାଙ୍ଗରେ ମିଶିଲେ ଭଲପିଲା ବି ନଷ୍ଟ ହୋଇଯିବ।

**ବାଆକୁ ବତା – (କ୍ଷୀଣ ଆଶ୍ରୟ)**

➢ ମହାବାତ୍ୟା ଅଞ୍ଚଳରେ ମୁଣ୍ଡ ଗୁଞ୍ଜିବାକୁ ଲୋକମାନେ ତିଆରି କରିଥିବା ଝାଟିମାଟିର ଘରଗୁଡ଼ିକ ବାଆକୁ ବତା ପରି।

**ବାପରାଣ ଢିଙ୍କି ଗିଲ୍ – (ବାଧ୍ୟ କରିବା)**

➢ ମୁଁ ତ ଏ କାମ କରିପାରିବିନି ବୋଲି ବାରମ୍ବାର କହିଲି, ମୋତେ ବାପରାଣ ଢିଙ୍କି ଗିଲ୍ କଥା କହୁଛ କାହିଁକି ?

**ବାହାଘର ବେଳେ ବାଇଗଣରୁଆ – (ଆଗରୁ ପ୍ରସ୍ତୁତ ନ ହୋଇ ଶେଷ ମୁହୂର୍ତ୍ତରେ କାର୍ଯ୍ୟ ଆରମ୍ଭ କରିବା)**

➢ ପରୀକ୍ଷା ବେଳେ ବହିକିଣା, ବାହାଘରବେଳେ ବାଇଗଣ ରୁଆ ସହିତ ସମାନ।

**ବାଘ ଘରେ ମିରିଗନାଟ – (ମୁରବିଙ୍କ ଅନୁପସ୍ଥିତିରେ ବିଶୃଙ୍ଖଳା ସୃଷ୍ଟି କରିବା)**

➢ ଘରେ ବାପା ନ ଥିବାରୁ ମୁନା ଘରକୁ ପକାଉଛି ଉଠାଉଛି, ଏ ତ ବାଘଘରେ ମିରିଗନାଟ ଚାଲିଛି।

**ବିରାଡ଼ି ବୈଷ୍ଣବ / ବକ ଧାର୍ମିକ – (ଠକ)**

➢ ଧର୍ମ ପ୍ରଚାର ନାଆଁରେ ଅନେକ ବିରାଡ଼ିବୈଷ୍ଣବ ସାଧୁରୂପରେ ଆମ ସମାଜରେ ବୁଲୁଛନ୍ତି।

**ବୋଝ ଉପରେ ନଳିତା ବିଡ଼ା – (ଦୁଃଖ ଉପରେ ଦୁଃଖ)**

➢ ତାଙ୍କର ସ୍ୱାମୀ ଦୁର୍ଘଟଣାରେ ପ୍ରାଣ ହରାଇଲେ, ପରେ ପରେ ପୁଅଟି ଚାଲିଗଲା, ଏବେ ତାଙ୍କ ଅବସ୍ଥା ବୋଝ ଉପରେ ନଳିତା ବିଡ଼ା ଭଳି।

**ରାଣ୍ଡୀପୁଅ ଅନନ୍ତା / ଲଙ୍ଗଳା କଟୁରୀ / ଚାରିଦଉଡ଼ିକଟା (ଅନାୟତ୍ତ / ଶାସନର ବାହାରେ)**

➢ ତାର ଘରଦୁଆର, ଭାଇବନ୍ଧୁ, ମାୟାମମତା ବୋଲି କିଛି ନାହିଁ, ସେ ରାଣ୍ଡିପୁଅ ଅନନ୍ତା ପରି ବୁଲୁଛି।

**ହାତ ବାରିସି – (ଯାହା ସାହାଯ୍ୟରେ କାର୍ଯ୍ୟ ହାସଲ ହୁଏ)**

➢ ଆଜିକାଲି କଲେଜଛାତ୍ରମାନେ ରାଜନେତାଙ୍କର ହାତବାରସି ସାଜିଛନ୍ତି।

**ହୁଙ୍କାପିଟା – (କିଛି ନ ବୁଝି ହଠାତ୍ କାମରେ ଲାଗିଯିବା)**

➢ ତାଙ୍କର ହୁଙ୍କାପିଟା ନୀତି ତାଙ୍କ ବିଫଳତାର କାରଣ।

## ୩.୧.୩. କ୍ରିୟାଯୁକ୍ତ ରୂଢ଼ି :

**ଅହନ୍ତା ରଖିବା / ଅକସ ରଖିବା – (ପ୍ରତିହିଂସା ମନୋଭାବ ପୋଷଣ କରିବା)**

➢ ସାଧୁଲୋକଙ୍କ ପ୍ରତି ଅହନ୍ତା ରଖିଲେ କିଛି ଫଳହୁଏ ନାହିଁ।

**ଅନ୍ଧାରକୁ ଟେକାପକାଇବା / ଅନ୍ଧାରଘରେ ବାଡ଼ିବୁଲାଇବା – (ଅନୁମାନ କରିବା)**

➢ ପ୍ରକୃତ ପାଠ ନ ଜାଣି ଅନ୍ଧାରକୁ ଟେକା ପକାଇବା ଭଳି ଉତ୍ତର ଦେବାରୁ ଶିକ୍ଷକ ଧୀରେନ୍ଦ୍ର ଉପରେ ରାଗିଲେ।

**ଆଖି ରଖିବା – (ଲକ୍ଷ୍ୟ ରଖିବା / ଯତ୍ନନେବା)**

➢ ଜାତୀୟ ସ୍ୱାର୍ଥକୁ ଆଖି ଆଗରେ ରଖି ଆମକୁ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ।

**ଆଖିଦେବା / ଦୃଷ୍ଟିପକାଇବା – (ବିଷ ଦୃଷ୍ଟିରେ ଦେଖିବା / ଲୋଭ କରିବା)**

➢ ପରଦ୍ରବ୍ୟ ପ୍ରତି ଆଖିଦେବା / ଦୃଷ୍ଟି ପକାଇବା ଠିକ୍ ନୁହେଁ।

**ଆଖିପକାଇବା – (ଲୋଲୁପ ଦୃଷ୍ଟି ପକାଇବା)**

➢ ଚୋର ସେ ଘରଟି ଉପରେ ଆଖି ପକାଇଲାଣି।

**ଆଖି ବୁଲାଇବା – (ମୋଟାମୋଟି ଦେଖିବା)**

➢ ସାହିତ୍ୟ ପରୀକ୍ଷାକୁ ଯିବା ପୂର୍ବରୁ ବ୍ୟାକରଣ ବହି ଉପରେ ଟିକିଏ ଆଖି ବୁଲାଇଦେବ ଉଚିତ।

**ଆଖି ବୁଜିବା – (ମୃତ୍ୟୁ ବରଣ କରିବା)**

➢ ବାପ ଆଖିବୁଜିବାର ମାସ ଦୁଇଟା ହୋଇନି, ପୁଅମାନେ ଭିନ୍ନେ ହୋଇଗଲେ।

**ଆଖିକି ପାଇବା– (ପସନ୍ଦ କରିବା)**

➢ ବାପା ଆଣିଥିବା ଜିନିଷ ଗୋପାଳର ଆଖିକି ପାଇଲାନି।

**ଆଖି ପାଇବା – (କଳନା କରିବା / ଚାଲାକ୍ ହେବା)**

➢ ନିର୍ମଳର ତ ଆଖି ପାଇଲାଣି, ଏକୁଟିଆ ତାକୁ କଟକ ଯିବାକୁ ମନାକରୁଛ କାହିଁକି ?

**ଆଖିରେ ଧୂଳି ଦେବା – (ଠକିଦେବା)**

➢ କୃତଘ୍ନ ଲୋକ କେଉଁ ମୁହୂର୍ତ୍ତରେ ଆଖିରେ ଧୂଳି ଦେଇଦେବ ଠିକ୍ ନାହିଁ।

**ଆଡ଼ ଆଖିରେ ନ ଚାହିଁବା – (ସାମାନ୍ୟ ଦୃଷ୍ଟି ନ ଦେବା / ସମ୍ପର୍କ ନ ରଖିବା)**

➢ ଅଧିକାଂଶ ଧନୀ ଲୋକମାନେ ଗରିବଙ୍କୁ ଆଡ଼ ଆଖିରେ ଚାହାନ୍ତି ନାହିଁ।

**ଆ ବଳଦ ମୋତେ ବିନ୍ଧ୍ – (ବିପଦକୁ ଡାକି ଆଣିବା)**

➢ ଅନ୍ୟଦେଶର ଅପରାଧୀଙ୍କୁ ଆମ ଦେଶରେ ସ୍ଥାନ ଦେବା ମାନେ ଆ' ବଳଦ ମୋତେ ବିନ୍ଧ ସହିତ ସମାନ।

**ଉଷୁନାଧାନ ଗଜାହେବା – (ଅସମ୍ଭବ ସମ୍ଭବ ହେବା)**

➢ ତାଙ୍କ ପୁଅଟି ବ୍ୟାଧିମୁକ୍ତ ହେଲାନି ଯେ ଜାଣ ଉଷୁନା ଧାନ ଗଜା ହେଲା।

**ଉପରେ ପଡ଼ି କହିବା / ଆବୁଡ଼ି ପଡ଼ିବା – (ନ ପଚାରୁଣୁ କହିବା / ଅନ୍ୟର କଥା ନ ସରୁଣୁ କହିବା)**

➢ ଉପରେ ପଡ଼ି କହିବା ତାର ଗୋଟିଏ ମନ୍ଦ ଅଭ୍ୟାସ।

**କପାଳ ଖୋଲିବା – (ଭଲ ବେଳ ପଡ଼ିବା / ଉନ୍ନତି ହେବା)**

➢ ରାମବାବୁଙ୍କର ପଦୋନ୍ନତି ସାଙ୍ଗକୁ, ପୁଅ ଚାକିରି ପାଇଲା, ତାଙ୍କର କପାଳ ଖୋଲିଗଲା ଜାଣ।

**କପାଳ ଫାଟିବା – (ସର୍ବନାଶ ହେବା)**

➢ ମହାବାତ୍ୟାପରେ ପୁଣି ମରୁଡ଼ିହେବାରୁ ଲୋକଙ୍କ କପାଳ ଫାଟିଲା।

**କଳାକାଠ ପଡ଼ିଯିବା – (ମଳିନ ପଡ଼ିଯିବା)**

➢ ପରୀକ୍ଷାରେ କପି କରି ଧରାପଡ଼ିଯିବାରୁ ଛାତ୍ରଟି ପ୍ରଧାନଶିକ୍ଷକଙ୍କୁ ଦେଖି କଳାକାଠ ପଡ଼ିଗଲା।

**କଟା ଘା'ରେ ଚୂନ ଦେବା – (ଯନ୍ତ୍ରଣା ଉପରେ ଯନ୍ତ୍ରଣା ଦେବା)**

➢ ହରିଆ ଦୋଷ ନ କରି ଜରିମାନା ଦେଲା, ପୁଣି ତାକୁ ବାସନ୍ଦ କଲେ କଟା ଘା'ରେ ଚୂନଦେବା ଭଳି ହେବ।

**କଳାକନା ବୁଲାଇବା – (ସର୍ବସ୍ୱ ଲୁଟିନେବା / ସର୍ବନାଶ କରିବା)**

➢ ଚୋରମାନେ ଗତ ରାତିରେ ଜମିଦାର ଘରୁ ସମସ୍ତ ଜିନିଷ ଲୁଟିନେଇ କଳାକନା ବୁଲାଇ ଦେଇଛନ୍ତି।

**କାମରେ ହାତଦେବା – (କାର୍ଯ୍ୟ ଆରମ୍ଭ କରିବା)**

➢ ବୁଦ୍ଧିମାନ ଲୋକ କୌଣସି କାମରେ ହାତଦେବା ପୂର୍ବରୁ ସେ ବିଷୟରେ ଟିକିନିଖି ବୁଝିଥାନ୍ତି।

**କାନରେ ହାତଦେବା – (ଆଶ୍ଚର୍ଯ୍ୟ ହେବା)**

➢ ତାଙ୍କ ଡାହାମିଛ କଥାଗୁଡ଼ାକ ଶୁଣି ମୁଁ କାନରେ ହାତ ଦେଲି।

**କାଠ ହୋଇଯିବା / ଜଡ଼ ପାଲଟିଯିବା – (କାତର ହେବା)**

➢ ପୁତ୍ରର ମୃତ୍ୟୁ ଜନିତ ଦୁଃସମ୍ବାଦ ପାଇବାପରେ ମା' କ୍ଷଣକାଳ କାଠ ପାଲଟି ଗଲେ।

**କୁହୁଡ଼ିପହଁରିବା – (ବୃଥା ପରିଶ୍ରମ / ବୃଥା ପ୍ରୟାସ କରିବା)**

➢ ଆଜିକାଲିର ନେତାମାନଙ୍କ କଥାରେ ବିଶ୍ୱାସ କରିବା କୁହୁଡ଼ି ପହଁରିବା ସହିତ ସମାନ।

**ଖାଲରେ ପକାଇବା – (ବିପଦରେ ପକାଇବା)**

➢ ସେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଯେ କୌଣସି ଲୋକକୁ ଖାଲରେ ପକାଇବାକୁ କୁଣ୍ଠିତ ନୁହନ୍ତି।

**ଖିଅ କାଢ଼ିବା – (କଥାକୁ ଘାଣ୍ଟି ଦୋଷ ଖୋଜିବା)**

➢ ଖଳ ଲୋକମାନେ ସବୁକଥାରୁ ଖିଅ କାଢ଼ିଥାନ୍ତି।

**ଖାଇବା ପତରରେ ଧୂଳିଦେବା – (ଜୀବିକା ଛଡ଼ାଇ ନେବା)**

➢ ଆକ୍ରୋଶମୂଳକ ଭାବରେ ଚାକିରିରୁ ନିଲମ୍ବନ କରିବାମାନେ ଖାଇବା ପତରରେ ଧୂଳି ଦେବା ବ୍ୟତୀତ ଅନ୍ୟକିଛି ନୁହେଁ।

**ଗୁଜୁରାଣ ମେଣ୍ଟାଇବା – (କଷ୍ଟସହି (କଷ୍ଟକରି) କୌଣସିମତେ ଚଳିବା)**

➢ ଗତ ମହାବାତ୍ୟାରେ ଘରଦ୍ୱାର, ଚାଷବାସ ସବୁଗଲା ପରେ ମୂଲମଜୁରି ଲାଗି ବାପା କୌଣସି ପ୍ରକାରେ ଗୁଜୁରାଣ କେଣ୍ଟାଉଛନ୍ତି।

**ଗାଲରେ ହାତଦେବା – (ଚିନ୍ତିତ ହେବା)**

➢ ପୁଅଟି ପରୀକ୍ଷାରେ ଫେଲ୍ ହେବାରୁ ବାପା ଗାଲରେ ହାତ ଦେଇ ବସିଛନ୍ତି।

**ଗୋଡ଼ହାତ ଧରିବା – (ବିନମ୍ର ଗୁହାରି କରିବା)**

➢ ଝିଅଟିର ବାହାଘର ସୁରୁଖୁରୁରେ ତୁଲାଇ ଦେବାକୁ ଗରିବ ବାପା ସବୁ ବନ୍ଧୁବାନ୍ଧବଙ୍କ ଗୋଡ଼ହାତ ଧରିଲେଣି।

**ଗୋଡ଼ଟେକି ବସିବା – (ପ୍ରସ୍ତୁତ ହୋଇ ରହିବା)**

➢ ନନ୍ଦନକାନନ ବୁଲି ଯିବାପାଇଁ ପିଲାଏ ଗୋଡ଼ଟେକି ବସିଛନ୍ତି।

**ଚଳୁ କରିଦେବା – (ସବୁ ଶେଷ କରିଦେବା)**

➢ ଲୋକଟିର ଧର୍ମ ଅଧର୍ମ ବିଚାର ନାହିଁ, ଜନସାଧାରଣଙ୍କ ପାଣ୍ଠିକୁ ଚଳୁ କରିଦେଲାଣି।

**ଚାଲିଲା ଶଗଡ଼ରେ ହାତଦେବା – (ଅତି ଦୁଷ୍ଟାମି କରିବା)**

➢ ରାନୁ ଅପାର ଛୁଆ ଦି'ଟା ଚାଲିଲା ଶଗଡ଼ରେ ହାତଦେବା ପିଲା।

**ଚିତା କାଟିବା – (ଠକିବା)**

➢ ଅନେକ ଭଣ୍ଡ ସାଧୁ ଅଛନ୍ତି, ଯେଉଁମାନେ କି ଧର୍ମ ନାମରେ ଲୋକଙ୍କୁ ଚିତା କାଟୁଛନ୍ତି।

**ନାଁ କରିବା– (ସୁନାମ ଅର୍ଜନ କରିବା)**

➢ ଧର୍ମପଦ ଭଳି ଦେଶର ନାଁ କରିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଲକ୍ଷ୍ୟ ହେବା ଉଚିତ।

**ନାଁ ରଖିବା – (ଯଶ ରଖିବା)**

➢ ବିଦେଶକୁ ପଢ଼ିବାପାଇଁ ଗଲାବେଳେ ବାପା କହିଲେ, – "ତୁ ଆମ ବଂଶର ନାଁ ରଖିବୁ, ଏତିକି ମୋର କାମନା।"

**ନାକ ଛିଞ୍ଚାଡ଼ିବା – (ବିରକ୍ତ ହେବା)**

➢ ସବୁ କଥାରେ ତାଙ୍କର ନାକ ଛିଞ୍ଚାଡ଼ିବା ପ୍ରକୃତିକୁ କେହି ପସନ୍ଦ କରନ୍ତି ନାହିଁ।

**ନାକ ଟେକିବା – (ଘୃଣା କରିବା)**

➢ ରୋଗୀସେବା କଲାବେଳେ ନାକଟେକିବା ଉଚିତ ନୁହେଁ।

**ନାକେଦମ୍ କରିବା – (ଅଥୟ କରିବା)**

➢ ଜରୁଆ ଦେହରେ ସର୍କସ ଦେଖିବାକୁ ଯିବ ବୋଲି ପିଲାଟା କାନ୍ଦି କାନ୍ଦି ନାକେଦମ୍ କଲାଣି।

**ପିଠିରେ ପଡ଼ିବା – (ସାହା ହେବା)**

➢ ଯେତେ କହିଲେ ବି ପାଠପଢୁନୁ, ଫେଲ୍‌ହେଲେ କେହି ପିଠିରେ ପଡ଼ିବେନି।

**ଫସର ଫାଟିବା – (ବ୍ୟର୍ଥ ହେବା)**

➢ ଗୋଟିଏ ବୋଲି ପୁଅର ଉଚ୍ଚଶିକ୍ଷା ପାଇଁ ବାପା କେତେ କ'ଣ ଯୋଜନା କରିଥିଲେ, କିନ୍ତୁ ପୁଅଟି ମାଟ୍ରିକ ପରୀକ୍ଷାରେ ଫେଲ୍ ହେବାରୁ ତାଙ୍କର ସବୁ ଯୋଜନା ଫସର ଫାଟିଲା।

**ଫଟେଇ ହେବା – (ଗୋଟାଏ କଥାକୁ ବାରମ୍ବାର ପଚାରିବା)**

➢ ଥରେ କହିଲେ ଶୁଣିପାରିଲୁନି ଯେ ଏତେ ଥର ଫଟେଇ ହେଉଛୁ ?

**ବାଟ କାଟିବା – (ନିଜ ସୁବିଧା ଦେଖିବା)**

➢ ସ୍ୱାର୍ଥପର ଲୋକମାନେ କାହାକଥା ବିଚାର ନ କରି ନିଜେ ନିଜର ବାଟ କାଟି ଦୂରେଇ ଯାଆନ୍ତି।

**ବାଟଭାଙ୍ଗିବା – (ଉପେକ୍ଷା କରିବା)**

➢ ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ ନ କରି ବାଟଭାଙ୍ଗି ଚାଲିଯିବା ଠିକ୍ ନୁହେଁ।

**ବାଟମାରଣା ହେବା – (ମଝିରେ ଅନ୍ୟଦ୍ୱାରା ଅପହୃତ ହୋଇଯିବା)**

➢ ବାତ୍ୟା ସମୟରେ ଦେଶ ବିଦେଶରୁ ଆସିଥିବା ଦ୍ରବ୍ୟଗୁଡ଼ିକ ବାଟମାରଣା ହେଲା ବୋଲି ଲୋକେ କହୁଛନ୍ତି।

**ବିରାଡ଼ି ଛିଙ୍କିବା – (ଅନୁକୂଳ ବିଗିଡ଼ିଯିବା)**

➢ ସଙ୍ଗେ ସଙ୍ଗେ ଯାଇଥିଲ, ଅଥଚ ଫେରିଆସିଲ ଯେ, କ'ଣ ବିରାଡ଼ି ଛିଙ୍କିଲା କି ?

**ବିରାଡ଼ି କପାଳକୁ ଶିକାଛିଣ୍ଡିବା – (ଇଚ୍ଛା ଅନୁସାରେ ସୁବିଧା ମିଳିବା)**

➢ ପ୍ରଦର୍ଶନୀ ଦେଖିଯିବାକୁ କେହି ସାଙ୍ଗ ମିଳୁ ନ ଥିଲେ, ବିରାଡ଼ି କପାଳକୁ ଶିକାଛିଣ୍ଡିଲା ପରି ସାନମାମୁ ଆସି ପହଞ୍ଚିଗଲେ।

**ଭାଲୁ ଧରାଇବା – (କୌଶଳରେ ଜଞ୍ଜାଳଗ୍ରସ୍ତ କରାଇବା)**

➢ ନିଜର ସୁବିଧାପାଇଁ ଅନ୍ୟକାହାକୁ ଭାଲୁଧରାଇ ନିଜେ ଖସିଯିବା ବିବେକୀ ଲୋକର କାର୍ଯ୍ୟ ନୁହେଁ।

**ଭୂତ ଖାଇବା – (ଅନ୍ୟ ହାତରେ ପଡ଼ିବା)**

➢ ମୃତ୍ୟୁପରେ କୃପଣ ଲୋକର ସଞ୍ଚିତ ଧନ ଭୂତ ଖାଆନ୍ତି।

**ମହରଗରୁ ଯାଇ କାନ୍ତାରରେ ପଡ଼ିବା – (ସାମାନ୍ୟ ବିପଦରୁ ଯାଇ ବଡ଼ ବିପଦରେ ପଡ଼ିବା)**

➢ ବନ୍ୟା ଭୟରେ ନଦୀକୂଳ ଛାଡ଼ି ଅନ୍ୟତ୍ର ଘର କରି ରହିଲିଯେ ସେଠି ସବୁ ବର୍ଷ ମରୁଡ଼ି। ମହରଗରୁ ଯାଇ କାନ୍ତାରରେ ପଡ଼ିବା ସାର ହେଲା।

**ଚିତା କାଟିବା – (ଅନ୍ୟକୁ ଠକିବା)**

➢ ଭଦ୍ର ବେଶଧାରୀ ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସାଧାରଣ ଲୋକଙ୍କୁ ନାନା ଭାବରେ ଚିତା କାଟୁଛନ୍ତି।

**ଛାତିକି ପଥର କରିବା – (ଧୈର୍ଯ୍ୟ ଧରିବା)**

➢ ବିପଦବେଳେ ଅଧୀର ହେଲେ ଚଳିବ ନାହିଁ, ଛାତିକି ପଥର କରି ବିପଦର ମୁକାବିଲା କରିବାକୁ ପଡ଼ିବ।

**ଛାଇ ନ ମାଡ଼ିବା – (ସବୁ ସମ୍ପର୍କ ଛିନ୍ନ କରିବା)**

➢ ପରିବାରରୁ ଅଲଗା ହେଲାପରେ ବଡ଼ଭାଇ ସାନଭାଇର ଛାଇମାଡୁନି।

**ଛାତି ଫୁଲେଇ ଚାଲିବା –ଗର୍ବ ଦେଖାଇବା)**

➢ ସ୍ୱାଧୀନତାପରେ ଭାରତବାସୀ ବିଶ୍ୱଦରବାରରେ ଛାତି ଫୁଲାଇ ଚାଲିବାକୁ ସମର୍ଥ ହେଲେ।

**ଜିରାରୁ ଶିରା କାଢ଼ିବା – (ଅଯଥା ଦୋଷ ଦେଖାଇବା)**

➢ ଖଳ ଲୋକମାନେ ଜିରାରୁ ଶିରା କାଢ଼ି ନିଜର ବାହାଦୁରି ଦେଖାନ୍ତି।

**ଝିଣ୍ଟିକା ମାରି ବଣି ପୋଷିବା – (ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା)**

➢ ଝିଣ୍ଟିକା ମାରି ବଣି ପୋଷିଲେ ଆସନ୍ତା ଥରକୁ ଭୋଟ ପାଇବ ତ ?

**ଠାସକୁ ମାରିବା – (ଅନୁମାନ କରି କହିବା)**

➢ ତୁମର ପ୍ରକୃତ ଜ୍ଞାନ ନାହିଁ, ତୁମେ ଖାଲି ଠାସକୁ ମାରୁଛ।

**ତଳେ ପକାଇବା – (ଅମାନ୍ୟ କରିବା)**

➢ ସଦ୍‌ଗୁରୁଙ୍କ ବଚନକୁ କୌଣସି ସତ୍ ଶିଷ୍ୟ କେବେ ତଳେ ପକାଏ ନାହିଁ।

**ତିଳକୁ ତାଳ କରିବା – (ଛୋଟ କଥାକୁ ବଡ଼ କରିବା)**

➢ ଦୁଷ୍ଟ ଲୋକମାନେ ତିଳକୁ ତାଳ କରି କଳହ କରିଥାନ୍ତି।

**ଦାଉ ସାଧିବା – (ପ୍ରତିଶୋଧ ନେବା)**

➢ କାହା ଉପରେ ବିପଦ ପଡ଼ିଥିବା ବେଳେ ସୁଯୋଗ ନେଇ ଦାଉ ସାଧିବା ଭଲନୁହେଁ।

**ମନ ଘର ଧରିବା – (ଅସୁବିଧାରେ ପଡ଼ି ସଚେତନ ହେବା)**

➢ ଘର କେମିତି ଚଳୁଛି ବୁଝି ନ ଥିଲା, ବାପା ମଲାପରେ ଏବେ ତା'ମନ ପୂରା ଘର ଧରିଗଲାଣି।

**ମାଛିକି ମ' (ମର୍) ନ କହିବା – (ଖୁବ୍ ନିରୀହ)**

➢ ପ୍ରକୃତ ଗଣ୍ଡଗୋଳକାରୀମାନେ ଖସିଗଲେ, ଯିଏ ମାଛିକି ମ' ନ କହିବା ଲୋକ, ତାକୁ ପୋଲିସ୍ ଗିରଫ କରିନେଲା।

**ମୁହଁ ବଢ଼ାଇବା – (ସୁବିଧା ଦେବା)**

➢ ବାପାମାଆ ଗେହ୍ଲା କରି ଅନେକ ସମୟରେ ପିଲାଙ୍କ ମୁହଁ ବଢ଼ାଇଦିଅନ୍ତି, କିନ୍ତୁ ପରେ ଅନୁତାପ କରନ୍ତି।

**ମୁହଁ ଦେବା – (ପ୍ରଶ୍ରୟ ଦେବା)**

➢ ଛୋଟ ପିଲାଙ୍କୁ ଏତେ ମୁହଁଦେବା ଠିକ୍ ନୁହେଁ।

**ମୁଣ୍ଡଝାଳ ତୁଣ୍ଡରେ ମାରିବା – (କଠିନ ପରିଶ୍ରମ କରି ପେଟ ପୋଷିବା)**

➢ ଭଲଘର ଖଣ୍ଡେ କରିବ ବୋଲି ମୁଣ୍ଡଝାଳ ତୁଣ୍ଡରେ ମାରି ସେ ଯାହା କିଛି ସଞ୍ଚୟ କରିଥିଲା, ସବୁତକ ଚୋର ନେଇଗଲେ।

**ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିବା – (ଭୀଷଣ ଚିନ୍ତାରେ ପଡ଼ିଯିବା)**

➢ ଝିଅ ବାହାଘର ନାଁ ଧରୁ ନ ଥିଲେ, ଏବେ ଝିଅର ବୟସ ଗଡ଼ିଯିବାରୁ ତାଙ୍କ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିଲାଣି।

**ରକ୍ତଚାଉଳ ଚୋବାଇବା – (ରାଗ ଜର୍ଜରିତ ହେବା)**

➢ ବିଚାରରେ ଦୋଷୀ ସାବ୍ୟସ୍ତ ହେବାରୁ ସମସ୍ତଙ୍କ ଉପରେ ଖାଲି ସେ ରକ୍ତଚାଉଳ ଚୋବାଉଛି।

**ସୁଅ ମୁହଁରେ ଯିବା / ପଡ଼ିବା – (ବୃଥାରେ ଧନ ଦଉଲତ ଉଜାଡ଼ି ଦେବା)**

➢ ପୁଅ ଅଯୋଗ୍ୟ ହେଲେ ବାପର ସବୁଧନ ସୁଅ ମୁହଁରେ ଯାଏ।

**ହାତ ଧରିବା – (ବିବାହ କରିବା / ନେହୁରା ହେବା)**

➢ ଗୁଣୀ ପୁରୁଷର ହାତ ଧରିବାକୁ ସବୁଝିଅ ଇଚ୍ଛା କରନ୍ତି।

➢ ମୁଁ ଆପଣଙ୍କ ହାତଧରୁଛି, ମତେ ଏଇଥର କ୍ଷମା କରିଦିଅନ୍ତୁ।

**ହାତ କରିବା – (କୌଶଳରେ ଆୟତ୍ତ କରିବା)**

➢ ଅନ୍ୟପକ୍ଷର ସାକ୍ଷୀମାନଙ୍କୁ ହାତ କରି ସେ ମକଦ୍ଦମା ଜିତିଗଲେ।

**ହାତରେ ନ ମାରି ଭାତରେ ମାରିବା – (କୌଶଳରେ ଜୀବିକା ବା ବୃତ୍ତିରୁ ଉଚ୍ଛେଦ କରିବା)**

➢ ଶ୍ରମିକମାନଙ୍କୁ ହାତରେ ନ ମାରି ଭାତରେ ମାରିବା ନୀତି ଯୋଗୁଁ ତାଙ୍କ କାରଖାନାରେ ସବୁବେଳେ ଧର୍ମଘଟ ଲାଗିରହିଛି।

### ୩.୧.୪. ତୁଳନାତ୍ମକ ରୂଢ଼ି :

**ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା –** ସେ କିଛି ବୁଝୁ ନ ବୁଝୁ ସବୁବେଳେ ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରୁଥାଏ।

**କୁକୁର ପରି ଧାଇଁବା –** ଟଙ୍କା କେଇଟା ଲୋଭରେ ସେ କୁକୁର ପରି ଧାଉଁଛି।

**ଖୁଣ୍ଟଟା ପରି ଠିଆହେବା –** ବସିବାକୁ କହିଲି, ନ ବସି ଖୁଣ୍ଟଟା ପରି ଠିଆହୋଇ ରହିଲୁ କାହିଁକି ?

**ଗଡ଼ ପରି ପଡ଼ିବା / ଢିଙ୍କି ପରି ପଡ଼ିବା –** ଲୋକଟା ଗଡ଼ ପରି ପଡ଼ିଛି, ପଦେ ବି ଜବାବ ନାହିଁ।

**ଛୁଞ୍ଚି ପରି ମୁହଁ କରିବା –** ସବୁବେଳେ ଛୁଞ୍ଚି ପରି ମୁହଁକଲେ କିଏ ତୋତେ ଭଲପାଇବ ?

**ଜୋକ ପରି ଲାଗିବା –** ଯେଉଁମାନେ କର୍ମଠ, ସେମାନେ କାମରେ ସର୍ବଦା ଜୋକ ପରି ଲାଗିଥାନ୍ତି।

**ପେଡ଼ି ପରି ମୁହଁ କରିବା / ଫୁଲାଇବା –** ସତକଥା କହିଦେବାରୁ ସେ ପେଡ଼ି ପରି ମୁହଁ ଫୁଲାଇ ବସିଛି।

**ପବନ ପରି ଧାଇଁବା –** କିଏ ବିପଦରେ ପଡ଼ିଛି ଶୁଣିଲେ, ତାକୁ ସାହାଯ୍ୟ କରିବାପାଇଁ ସେ ପବନ ପରି ଧାଇଁଯାନ୍ତି।

**ପ୍ରସାଦ ପରି ପାଇଦେବା –** ପଡୋଶୀ ଘରୁ ଆସିଥିବା ତରକାରୀକୁ ସେ ପ୍ରସାଦ ପରି ପାଇଦେଲା।

**ବରଡ଼ା ପତ୍ର ପରି ଥରିବା –** ପିଲାଟାର ମିଛକଥା ଜଣା ପଡ଼ିଯିବାରୁ ବାପାଙ୍କ ଆଗରେ ସେ ବରଡ଼ାପତ୍ର ପରି ଥରୁଛି।

**ସାପ ପରି ଫଁ ଫଁ ହେବା –** ସାମାନ୍ୟ କଥାରେ ରାଗିଯାଇ ସେ ସାପ ପରି ଫଁ ଫଁ ହୁଅନ୍ତି।

**ସିଂହପରି ଯୁଝିବା –** ବାଳକ ଅଭିମନ୍ୟୁ ସପ୍ତରଥୀଙ୍କ ସହିତ ସିଂହପରି ଯୁଝିଥିଲେ।

**ଶୁଆ ପରି ଘୋଷିବା –** ଗୀତଟି ତା ମନକୁ ଏମିତି ପାଇଛି ଯେ ଦିନରାତି ଶୁଆପରି ଘୋଷିହେଉଛି।

## ପ୍ରଶ୍ନାବଳୀ

୧. ରୂଢ଼ି କ'ଣ ? ସଦୃଷ୍ଟାନ୍ତ ବୁଝାଅ।

୨. ନିମ୍ନଲିଖିତ ରୂଢ଼ିଗୁଡ଼ିକର ଅର୍ଥ ଲେଖ ଓ ବାକ୍ୟରେ ବ୍ୟବହାର କର।

ଅନ୍ଧର ଲଉଡ଼ି, ଅରଣ୍ୟରୋଦନ, କାଠିକର ପାଠ, ଜପାମାଳି, ବାଆକୁ ବତା, ଆଖିପକାଇବା, କପାଳ ଫାଟିବା, କଳାକନା ବୁଲେଇବା, ନାଁ ରଖିବା, ଛାତିକିପଥର କରିବା।

୩. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ରୂଢ଼ି ବାଛି ଶୂନ୍ୟସ୍ଥାନ ପୂରଣ କର।

(କ) ପିଲାଟା ଏପରି ______ ଯେ, ଯାହା କହିବ, ତାହା କରିବ।

(ଖ) ଏ କାର୍ଯ୍ୟଟି କରିବା ତୁମ ପକ୍ଷରେ ______।

(ଗ) ତାକୁ ଆଉ କିଛି କୁହନାହିଁ, ସେ ଭୟରେ ______ ପଡ଼ିଗଲାଣି।

(ଘ) ସେ ମୋ ସମ୍ପତ୍ତି ଉପରେ ______।

(ଙ) ତାକୁ ଠକିବା ସହଜ ନୁହେଁ, ସେ ______ କରି ସବୁ ଦେଖିବେ।

(ଚ) ତା' ବାପା ଚିରଦିନ ପାଇଁ ______।

(ଛ) ସେ ତ ______ ସାଜି ଅନର୍ଥ ସୃଷ୍ଟି କରୁଛି, ତାକୁ କ'ଣ ଚିହ୍ନନାହିଁ ?

(ଜ) ସେଇଟା ଗୋଟାଏ ______ ତା ସହିତ ପିଲାଙ୍କୁ ଛାଡ଼ ନାହିଁ ?

(ଝ) ______ ଧନ ମଣିଷକୁ ପ୍ରକୃତ ଶାନ୍ତି ଦିଏ।

(ଞ) ପ୍ରକୃତ କଥା ନ ଜାଣି ______ କହୁଛ କାହିଁକି ?

(ଟ) ଦୟାନିଧି, ଦୀନବନ୍ଧୁ ବାବୁଙ୍କର ______ ବନ୍ଧୁ।

(ଠ) ସବୁ କଥାରୁ ______ ତାହାର ଗୋଟାଏ ମନ୍ଦ ଅଭ୍ୟାସ।

(ଡ) ତାଙ୍କର ______ ନୀତି ତାଙ୍କ ବିଫଳତାର କାରଣ।

(ଢ) ପିଲାମାନଙ୍କୁ ______ ଉଚିତ ନୁହେଁ।

➢ (ଝାଳବୁହା ଧନ, ବଣବିଛୁଆତି, ମୁହଁଦେବା, ଦେହଲଗା, ଖିଅକାଢ଼ିବା, ଠାସୁକୁ ମାରିବା; ନାଟର ଗୋବର୍ଦ୍ଧନ, ଛୁଞ୍ଚିମାଛିପରୀକ୍ଷା, ଆଖିବୁଜିବା, କଳାକାଠ ପଡ଼ିବା, ନଛୋଡ଼ବନ୍ଧା, କାଠିକର ପାଠ, ଆଖିପକେଇବା, ହୁଙ୍କାପିଟା)

୪. 'କ' ସ୍ତମ୍ଭରେ କେତେକ ରୂଢ଼ି ଏବଂ 'ଖ' ସ୍ତମ୍ଭରେ ସେହି ରୂଢ଼ିର ଅର୍ଥ ଦିଆଯାଇଛି। କେଉଁ ରୂଢ଼ି କେଉଁ ଅର୍ଥ ପ୍ରକାଶ କରେ ବାଛି ଲେଖ।

| **'କ'** | **'ଖ'** |
|---|---|
| ବୋଝଉପରେ ନଳିତା ବିଡ଼ା | ଖୁବ୍ କଷ୍ଟକଥା |
| ବାଆକୁ ବତା | ସବୁ ଲୁଟିନେବା |
| ଅନ୍ଧବୁଝାମଣା | ଘୋର ଶତ୍ରୁତା |
| ଆଖିରେ ଧୂଳିଦେବା | କ୍ଷୀଣ ଆଶ୍ରୟ |
| କାଠିକର ପାଠ | ଅନ୍ୟାୟ ବିଚାର |
| କଳାକନା ବୁଲାଇବା | ଦୁଃଖ ଉପରେ ଦୁଃଖ |
| ଅକଲ ଗୁଡୁମ | ଠକିବା |
| | ବୁଦ୍ଧିବଣା ହେବା |

## ୩.୨. ଲୋକବାଣୀ

କ. କଖାରୁ ବଡ଼ି, ଉପରେ ପଡ଼ି ।

ଖ. କଖାରୁ ଚୋରକୁ ମୁଣ୍ଡକାଟ ।

ଗ. କଜଳପାତିଆ ଭଲ ଲୋକ / ଭଦ୍ରଲୋକ ।

ଘ. ସରଗୁଁ ପଡ଼ିଲା ଟୋକାଟେ,

ତା' ମୁଣ୍ଡରେ ଠେକାଟେ ।

ଦୁଇଜଣଙ୍କ ଭିତରେ କିଛି ଆଲୋଚନା ହେଉଛି । ତୃତୀୟ ଲୋକଟି ସେଠି ପହଞ୍ଚି ଯାଇଛି । ସେ ମୂଳକଥା ଭାଷା ସମ୍ପର୍କରେ କିଛି ଜାଣେନା, ଅଥଚ ସେ ଗୋଟିଏ ମନ୍ତବ୍ୟ ଦେଇ ପକାଏ । ସେତେବେଳେ 'କ'ରେ ଥିବା ଉକ୍ତିଟି ପ୍ରୟୋଗ କରାଯାଇଥାଏ ।

ସେହି ଭଳି କେହି ଜଣେ ଛୋଟ ଦୋଷଟେ କରିଛି, ତା' ପାଇଁ କିନ୍ତୁ କଠୋର ଦଣ୍ଡର ବ୍ୟବସ୍ଥା ହେଉଛି । ସେଇଠୁ ଜନ୍ମନେଲା 'ଖ' ଚିହ୍ନିତ ଦ୍ୱିତୀୟ ବାଣୀ ।

କେଉଁଠି ଦି' ଜଣଙ୍କ ଝଗଡ଼ାରେ ମଧ୍ୟସ୍ଥି କଲେ ଆଉ ଜଣେ ତୃତୀୟ ବ୍ୟକ୍ତି । ସେ ନିରୀହ । ଅଥଚ ସେଇ ମଧ୍ୟସ୍ଥିଙ୍କର କ୍ଷତି ହେଲା । ସେଇଠୁ ଉଠିଲା 'ଗ'ର ବାଣୀ ।

ଡେଙ୍ଗା ତାଳଗଛକୁ ଆଖିପାଉନାହିଁ । ମନେହେଉଛି, ତାହା ଆକାଶକୁ ଛୁଇଁଛି । ପାଚିଲା ତାଳଟେ ଗଛରୁ ଖସିପଡୁଛି । ତା ଉପରେ ଟୋପି ଏକ ଆବରଣ । ତାକୁ ଦେଖି ଭାବପ୍ରବଣ ଲୋକଟିଏ କହିପକାଇଲା 'ଆରେ, ଟୋକାଟେ ଠେକାଟେ ପିନ୍ଧି ଆକାଶରୁ ଖସି ପଡ଼ିଲାକି ।' ଏଇଠୁ ହୁଏତ 'ଘ' ଲୋକବାଣୀଟି ଚଳି ଆସିଲା । ଏଭଳି କଥା କିଏ ପ୍ରଥମେ କହିଲା ଆମେ ଜାଣୁନା, ମାତ୍ର ଏଗୁଡ଼ିକ ଆମ ଭାଷା ଓ ଚଳଣିର ଗୋଟିଏ ଗୋଟିଏ ଅଙ୍ଗ ।

ଲୋକମୁଖରେ ଯୁଗ ଯୁଗଧରି ଚଳିଆସୁଥିବା ଏବଂ ବିଭିନ୍ନ ପରିସ୍ଥିତିରେ ପ୍ରୟୋଗ କରାଯାଉଥିବା ବିଶେଷ ଉକ୍ତିଗୁଡ଼ିକ 'ଲୋକବାଣୀ' ବା 'ଲୋକୋକ୍ତି' । ପ୍ରତ୍ୟେକ ଭାଷାରେ ଲୋକବାଣୀ ଅଛି । ଆମ ଭାଷାରେ ଏଗୁଡ଼ିକୁ ପ୍ରବାଦ ଓ ପ୍ରବଚନ ମଧ୍ୟ କୁହାଯାଏ, ଯଥା–

ଇଂରାଜୀରେ – 'Might is right'

ଓଡ଼ିଆରେ – 'ଜୋର ଯା'ର ମୁଲକ ତା'ର ।

ହିନ୍ଦୀରେ – 'ନାଚ୍ ନ ଜାନେ ଆଙ୍ଗନ୍ ଟେଢ଼ା'

ଓଡ଼ିଆରେ – 'ଚାଲି ନ ଜାଣି ବାଟର ଦୋଷ'

ଓଡ଼ିଆଭାଷାରେ ବହୁସଂଖ୍ୟାରେ ଲୋକବାଣୀ ରହିଛି । ତନ୍ମଧ୍ୟରୁ କେତୋଟି ଲୋକବାଣୀ ତାହାର ଅର୍ଥସହ ଏଠାରେ ପ୍ରଦାନ କରାଗଲା ।

- **ଅକାଳେ ନିୟମ ନାସ୍ତି–** ଅସୁବିଧା ସମୟରେ ନିୟମମାନି ଚଳିବା ସମ୍ଭବ ହୋଇ ନ ପାରେ ।
- **ଅତିଭକ୍ତି ଚୋରର ଲକ୍ଷଣ–** କାର୍ଯ୍ୟହାସଲ ଉଦ୍ଦେଶ୍ୟ ରଖି ଉପରକୁ ବିନମ୍ରଭାବ ଦେଖାଇବା ।

- **ଅଣ୍ଟିଛୁରୀ ତଣ୍ଟିକାଟେ–** ଆତ୍ମୀୟଲୋକ ଶତ୍ରୁତା ଆଚରଣ କରିବା।
- **ଅଠାକାଠିରେ ପଡ଼ିବା–** ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେବା।
- **ଅନ୍ଧ ଦେଶକୁ ଗଲି ଦର୍ପଣ ବିକି–** ମୂର୍ଖଙ୍କ ଆଗରେ ତତ୍ତ୍ୱକଥା କହିବା।
- **ଅଳସୁଆର ବାରବାଟୀ ଚାଷ–** ନିକମା ବା ଅଳସୁଆ ଲୋକର ବୃଥା ଆସ୍ଫାଳନ।
- **ଅଧର୍ମ ବିତ୍ତ ବଢ଼େ ବହୁତ ଗଲାବେଳେ ଯାଏ ମୂଳ ସହିତ–** ପାପ ଅର୍ଜିତ ଧନ ସମୂଳ ନଷ୍ଟ ହୁଏ।
- **ଅଦାବେପାରୀର ଜାହାଜ ମୂଲ–** ଅନଧିକାର ଚର୍ଚ୍ଚା।
- **ଅତିପରିଚୟେ ଗୌରବ ନଷ୍ଟ–** ଅଧିକ ସମ୍ପର୍କ ବା ମିଳାମିଶାରେ ସମ୍ମାନ ହ୍ରାସ ପାଏ।
- **ଅନ୍ଧ ଥରେ ବାଡ଼ିହଜାଏ–** ଅଭିଜ୍ଞତାରୁ ସତର୍କହେବା ବା ଶିକ୍ଷାଲାଭ କରିବା।
- **ଅମୃତ ହାଣ୍ଡିରେ ବିଷ କଣିକାଏ–** ସାମାନ୍ୟ ଖରାପ ଅନେକ ଭଲକୁ ନଷ୍ଟକରେ।
- **ଆଲୋସଖି, ଆପଣା ମହତ ଆପେ ରଖି–** ନିଜ ସମ୍ମାନ ନିଜ ହାତରେ।
- **ଆଗତ ଚଢ଼େଇକି ବେସରବଟା–** ହାତକୁ ଜିନିଷ ଆସିବା ପୂର୍ବରୁ ଉପଯୋଗ ପାଇଁ ପ୍ରସ୍ତୁତି।
- **ଆଲ୍ଲା ଦିଅନ୍ତି ତ ଛପରଫାଡ଼ି ଦିଅନ୍ତି–** ଈଶ୍ୱର ଦୟାକଲେ ଆଶାତୀତ ଫଳମିଳେ।
- **ଆକାଶ କଇଁଆ ଚିଲିକାମାଛ–** ଅସମ୍ଭବ କଥା କଳ୍ପନା କରିବା।
- **ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା–** ନିଜେ ସମର୍ଥ ହେବା।
- **ଆଖୁ କିଆରିରେ ପଶିବା–** କୌଣସି କାର୍ଯ୍ୟ ଉତ୍ତମ ରୂପେ ନିର୍ଣ୍ଣୟ କରି ନ ପାରିବା।
- **ଉଡ଼ିଗଲା ଚଢ଼େଇର ପରଗଣିବା–** ଅତିବୁଦ୍ଧିଆ।
- **ଉପର ଚିକ୍କଣ ଭିତର ଫମ୍ପା–** ବାହାର ସୌନ୍ଦର୍ଯ୍ୟ ଥାଇ ଭିତରେ ଶୂନ୍ୟତା।
- **ଋଷି ଜଟା ଛିଣ୍ଡାଇବା–** ଧୈର୍ଯ୍ୟବାନ୍ ବ୍ୟକ୍ତି ଅତ୍ୟନ୍ତ କ୍ରୋଧ ପ୍ରକାଶ କରିବା।
- **ଏକା ମାଘକେ ଶୀତ ଯାଏନାହିଁ–** ଦୁର୍ଯୋଗ କେବଳ ଥରେ ଆସେ ନାହିଁ।
- **ଏ ମନ ଖୋଜୁଯାଏ ଯାହା କାଳେ ପ୍ରାପତ ହୁଏ ତାହା–** ସମୟ ଅନୁଯାୟୀ ମନ ଅନୁସାରେ ଫଳ ମିଳିବା।
- **ଓଟ ମୁହଁରେ ଜିରା–** ଅଧିକ ଆଶା କରୁଥିବା ବ୍ୟକ୍ତିକୁ ଅଳ୍ପ ମିଳିବା।
- **ଓଷଦ ରାଗରେ ତାଟିଆ କାମୁଡ଼ିବା–** ପ୍ରକୃତ ଲୋକ ବିରୋଧରେ କିଛି କରି ନ ପାରି ଅନ୍ୟ ଉପରେ ରାଗିବା।
- **କଷ୍ଟକଲେ କୃଷ୍ଣ ମିଳେ–** ସବୁ ସିଦ୍ଧିର ମୂଳହିଁ କଠିନ ପରିଶ୍ରମ। ସାଧନା ହିଁ ସିଦ୍ଧିର ଜନକ।
- **କବିତୁଣ୍ଡ, ମେଣ୍ଢାମୁଣ୍ଡ–** ଦୃଢ଼ବଚନ ବା ଆର୍ଷବଚନ।
- **କଂସାରି ଘର ପାରାକୁ କୁଲା ଡାଉଁ ଡାଉଁ–** ପ୍ରତିକୂଳତାରେ ଅଭ୍ୟସ୍ତ ବ୍ୟକ୍ତିକୁ ସାମାନ୍ୟ ଭୟ ଦେଖାଇବା।
- **କଙ୍କଡ଼ାକୁ ଗୋଳିପାଣି ସୁହାଏ–** ଅସାଧୁଲୋକପାଇଁ ଗୋଳିମାଳିଆ ପରିସ୍ଥିତି ସହାୟକ ହୁଏ।
- **କାହାର ପୁଷମାସ, କାହାର ସର୍ବନାଶ–** ଜଣକର ଲାଭ ବେଳେ ଅନ୍ୟ ଜଣଙ୍କର କ୍ଷତି।
- **କୂପ ମଣ୍ଡୂକ–** ସଙ୍କୁଚିତ ପରିବେଶରେ ବଢ଼ିଥିବା ବ୍ୟକ୍ତି।

- **କେଉଁ ଗାଈର ଗୋବର–** ଅତିସାମାନ୍ୟ / ତୁଚ୍ଛ।
- **କୋପେ ବର ନ ହେଲେ ତପେ ବର–** ଯେ କୌଣସି ଉପାୟରେ କାର୍ଯ୍ୟହାସଲ କରିବା।
- **କୌରବଙ୍କର ଖାଇ, ପାଣ୍ଡବଙ୍କର ଗାଇ–** ଜଣଙ୍କଠାରୁ ସାହାଯ୍ୟ ପାଇବା ଓ କୃତଘ୍ନଭାବେ ଅନ୍ୟର କାମ କରିବା।
- **ଖଜୁରି ଗଛର କି ଗୁଣ ଗାଇବି–** କୌଣସି ଖରାପଲୋକର ପ୍ରତିଟି କର୍ମ ମୂଳରୁ ଖରାପ ?
- **ଖଣ୍ଡାଧାରରେ ଚାଲିବା–** ଖୁବ୍ ସତର୍କତାର ସହିତ ନିୟମ ମାନି କାମ କରିବା।
- **ଖୋଳ ପର୍ବତ ମାର ମୂଷା–** ସାମାନ୍ୟ କାମ ପାଇଁ ବହୁଶ୍ରମ ଓ ଚେଷ୍ଟା।
- **ଗାଁ କନିଆଁ ସିଙ୍ଘାଣିନାକୀ–** ଯେ କୌଣସି ଲୋକ ନିଜ ଅଞ୍ଚଳରେ ସମ୍ମାନ ନ ପାଇବା।
- **ଗୁଣଚିହ୍ନେ ଗୁଣିଆ, ସୁନାଚିହ୍ନେ ବଣିଆ–** ଗୁଣୀ ଗୁଣର ଆଦର କରେ।
- **ଘରଦିଅଁ ନ ପୂଜି ପରଦିଅଁ ପୂଜିବା–** ନିଜ ସଂସ୍କୃତିକୁ ଅବହେଳା କରି ଅନ୍ୟ ସଂସ୍କୃତିକୁ ଅନୁସରଣ କରିବା।
- **ଘୁଷୁରିକି ପାଚିଲା କଦଳୀ–** ଇତର ବା ଅଯୋଗ୍ୟ ବ୍ୟକ୍ତି ପାଇଁ ଉନ୍ନତ ପରିଚର୍ଯ୍ୟା।
- **ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା–** କୌଣସି ଜିନିଷର ରକ୍ଷଣାବେକ୍ଷଣ ଖର୍ଚ୍ଚ ଜିନିଷର ମୂଲ୍ୟଠାରୁ ଅଧିକ ହେବା।
- **ଚାଷ ତରତର ବଣିଜ ମଠ–** ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ସଂପାଦନା କରିବା।
- **ଚୋର ମନ ଚୋର ଗଣ୍ଠିଲିରେ–** ଚୋର ସର୍ବଦା ଚୋରି କରିଥିବା ଦ୍ରବ୍ୟ ଧରାପଡ଼ିଯିବା ଭୟରେ ଶଙ୍କିତ ଥାଏ।
- **ଛୋଟ ସାପର ବିଷ ଟାଣ–** ଛୋଟ ବୋଲି ହେୟ ମନେ ନ କରିବା।
  **ଛୋଟ ସାପର ବଡ଼ ବିଷ–** କ୍ଷୁଦ୍ର ମଧ୍ୟରେ ଭୟଙ୍କରତା।
- **ଜାନ୍ ଯାଉ ମାନ୍ ଥାଉ–** ସମ୍ମାନ ବା ଇଜ୍ଜତ ଜୀବନଠାରୁ ଅଧିକ।
- **ଜୋର ଯା'ର ମୁଲକ ତାର–** ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ।
- **ଟେକା ହାତରୁ ଖସିଲେ ଅଣବାହୁଡ଼ା–** ଥରେ ଭୁଲ ହେଲେ ତାକୁ ସୁଧାରି ହୁଏ ନାହିଁ।
- **ଡେଙ୍ଗା ମୁଣ୍ଡରେ ଠେଙ୍ଗା–** ଆଗୁଆ ଲୋକ ଉପରେ ଦାୟିତ୍ୱ ଓ ବିପଦ ଥାଏ।
- **ଡିଙ୍କିଶାଳ କଥା ନ ଜାଣି ଢ଼େଙ୍କାନାଳ କଥା କହିବା –** ଘରକଥା ନ ଜାଣି ଦୂରଦେଶର କଥା କହିବା।
- **ଢ଼ୋକେ ପି' ଦଣ୍ଡେ ଜି–** କଷ୍ଟେମଷ୍ଟେ ବଞ୍ଚିରହିବା।
- **ତିନି ତୁଣ୍ଡରେ ଛେଳି କୁକୁର–** ମିଛକଥା ଅନେକଙ୍କଦ୍ୱାରା ବାରମ୍ବାର ପ୍ରକାଶିତ ହେଲେ ସତ୍ୟ ପରି ପ୍ରତୀତ ହୁଏ।
- **ତୁଣ୍ଡବାଇଦ ସହସ୍ର କୋଶ–** ଲୋକ ମୁଖରେ କଥା ବହୁଦୂର ପ୍ରସରି ଯାଏ।
- **ତୁ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ–** ସ୍ୱଭାବ ସହଜରେ ବଦଳେ ନାହିଁ।
- **ତୁଳସୀ ଦୁଇ ପତ୍ରରୁ ବାସେ, ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ–** ପ୍ରକୃତ ଗୁଣ ପ୍ରାଥମିକ ସ୍ତରରୁ ହିଁ ଜଣା ପଡ଼ିଥାଏ।
- **ତେଲିଆ ମୁଣ୍ଡରେ ତେଲ–** ଦରିଦ୍ରକୁ ସାହାଯ୍ୟ ନକରି ସ୍ୱଚ୍ଛଳ ବ୍ୟକ୍ତିକୁ ସାହାଯ୍ୟ କରିବା।
- **ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ–** ବିଧି ନିର୍ଦ୍ଦେଶରେ ମଣିଷ ପରିଚାଳିତ।

- **ଦେଶକେ ଫାଙ୍କ୍ ନଈକେ ବାଙ୍କ୍**– ଭିନ୍ନ ସ୍ଥାନରେ ଭିନ୍ନ ଚଳଣି ବା ପ୍ରଥା।
- **ଧରାକୁ ସରା ମଣିବା–** ଅତି ଗର୍ବଭାବ ପ୍ରଦର୍ଶନ କରିବା।
- **ଧାନ ପେଟରୁ ବାଲୁଙ୍ଗା ଜାତ–** ଗୁଣବତୀ ମାଆ ଠାରୁ କୁପୁତ୍ର ଜନ୍ମ।
- **ଧୀରପାଣି ପଥରକାଟେ–** ଧୀର ସ୍ଥିର ଭାବେ କାର୍ଯ୍ୟ କଲେ ସଫଳତା ମିଳେ।
- **ଧୀର କଥାରେ ବଇରି ବଶ–** ନମ୍ର ବ୍ୟବହାର ଦ୍ୱାରା ସମସ୍ତଙ୍କୁ ବଶୀଭୂତ ବା ନିଜର କରିହୁଏ।
- **ନଈ ସୁଅକୁ (ବଢ଼ିକୁ) ବାଲିବନ୍ଧ–** ବୃଥା ପରିଶ୍ରମ / ବୃଥା ଚେଷ୍ଟା।

  **ନ ଦେଖିଲା ଓଉ ଛ' ଫଡ଼ା–** ଅସମ୍ଭବ କଥା କହିବା।

  **ନଈରେ ଘର କରି କୁମ୍ଭୀର ସଙ୍ଗରେ କଳି –** ଅଧୀନ ହୋଇ ମୁନିବଙ୍କ ସଙ୍ଗେ କଳି।
- **ନାହିଁ ମାମୁଠାରୁ କଣା ମାମୁ ଭଲ–** କିଛି ନ ଥିବା ଅପେକ୍ଷା ସାମାନ୍ୟ ଥିବା ଭଲ।
- **ପେଟ ପୋଷ, ନାହିଁ ଦୋଷ–** ବଞ୍ଚିବା ପାଇଁ କୌଣସି ବୃତ୍ତି ଗ୍ରହଣ କରାଯାଇପାରେ।
- **ପାପଧନ ପ୍ରାୟଶ୍ଚିତ୍ତରେ ଯାଏ–** ଅନ୍ୟାୟ ଉପାୟରେ ଅର୍ଜିତଧନ ଅଯଥାରେ ନଷ୍ଟ ହୁଏ।
- **ପୋଥିଗତ ବିଦ୍ୟା ପରହସ୍ତ ଧନ–** ନିଜେ ନ ଜାଣିଥିବା ବିଦ୍ୟା ବା ନିଜ ପାଖରେ ନ ଥାଇ ଅନ୍ୟ ପାଖରେ ଥିବା ଧନ ଆବଶ୍ୟକ ବେଳେ କାର୍ଯ୍ୟରେ ଅସି ନ ଥାଏ।
- **ଫୁଲ ଯୋଗୁଁ ଗଭା, ପଣ୍ଡିତ ଯୋଗୁଁ ସଭା–** ଉଭୟ ଶୋଭା ବର୍ଦ୍ଧକ।
- **ବସିବା ଠାରୁ କାଶିବା ଭଲ–** ସବୁବେଳେ କିଛି ନା କିଛି କାର୍ଯ୍ୟରେ ଲାଗିରହିବା ଉଚିତ।
- **ବସି ଖାଇଲେ ନଈବାଲି ସରେ–** ଆଳସ୍ୟ ସର୍ବନାଶ କରେ।
- **ବଟେଇଦେଲା ବୁଦ୍ଧି, ମାଗି ଆଣିଲା ତିଅଣ–** ଉଭୟ କ୍ଷଣସ୍ଥାୟୀ
- **ବକର ବେକ ବଢ଼ିଲେ ମୀନର ବିପତ୍ତି–** ଶତ୍ରୁର ସୁବିଧା ବିପଦର କାରଣ।
- **ବ୍ରହ୍ମା ବିଳିବିଳେଇଲେ ବେଦ–** ପଣ୍ଡିତ ଲୋକର ଯେ କୌଣସି କାର୍ଯ୍ୟକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଧରିନେବା।
- **ବାହାସରିଲେ ବେଦୀମୁହଁ ପୋଡ଼ା–** ସ୍ୱାର୍ଥସାଧନ ପରେ ଆଗ୍ରହ କମିଯିବା।
- **ମାନିଲେ ଠାକୁର, ନ ମାନିଲେ ପଥର–** ନିଜର ଦୃଷ୍ଟିକୋଣ ଅନୁସାରେ ମାନ୍ୟତା ଦେବା ଅଥବା ନ ଦେବା।
- **ଯତ୍ନ କଲେ ରତ୍ନ ମିଳେ–** ଅଧ୍ୟବସାୟ ସଫଳତାର ଚାବିକାଠି।
- **ଯେମିତି ଠାକୁର ସେମିତି ପୂଜା, ବାଲି ଗରଡ଼ାକୁ ଚାଉଳ ଭଜା–** ଗୁଣ ଘେନି ଆଦର।
- **ଯେସାକୁ ତେସା–** ଯେ ଯେପରି ବ୍ୟବହାର ଦେଖାଇବ ତା ପାଇଁ ଅନୁରୂପ ବ୍ୟବହାର।
- **ଯେ ଦେଶେ ଯାଇ ସେ ଫଳ ଖାଇ–** ସବୁସ୍ଥାନରେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା।
- **ଲୁଚିଛି ନା ଗୋଡ଼ ଦିଇଟା ଦିଶୁଛି–** ଯେତେ ଘୋଡ଼ାଇଲେ ବି ଦୋଷ ଧରାପଡ଼େ।
- **ଶୋଇଲା ପୁଅର ଭାଗନାହିଁ–** କର୍ମକୁଣ୍ଠ ଲୋକ ଜୀବନରେ ହାରିଯାଏ।
- **ସଭାରେ ହାଣ୍ଡି ଭାଙ୍ଗିବା–** ଗୁପ୍ତକଥା ପ୍ରଘଟ କରିବା।

- **ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ–** ଧନୀ ଓ ପ୍ରଭାବଶାଳୀ ଲୋକଙ୍କୁ ଅନେକ କଥା କହିହୁଏ ନାହିଁ।
- **ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ–** ସବୁକାମ ସହଜରେ ହୁଏ ନାହିଁ।
- **ହାତେ ମାପି ଚାଖଣ୍ଡେ ଚାଲ–** ସାବଧାନ ହୋଇ କାମ କରିବା।
- **ହଲିଲା ପାଣିରେ ଗୋଡ଼ ନ ଦେବା–** ଗଣ୍ଡଗୋଳରେ ନ ପଶିବା।
- **ହାତ ଅଳସେ ନିଶ ବଙ୍କା–** ଅଳସୁଆ ଦୁଃଖ ପାଏ।

## ପ୍ରଶ୍ନାବଳୀ

୧ । ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୋଇଥିବା ଲୋକବାଣୀଗୁଡ଼ିକୁ ଲେଖ।

(କ) ଅଯୋଗ୍ୟ ବ୍ୟକ୍ତିପାଇଁ ଉନ୍ନତ ପରିଚର୍ଯ୍ୟା।

(ଖ) ଅତି ସାମାନ୍ୟ ମଣିଷ।

(ଗ) ଅନ୍ୟର ସାହଯ୍ୟରେ ବଡ଼ପଣିଆ ଦେଖାଇବା।

(ଘ) ଭିନ୍ନ ସ୍ଥାନରେ ଭିନ୍ନ ଚଳଣି।

(ଙ) ପାପାର୍ଜିତ ଧନ ସମୂଳେ ନଷ୍ଟ ହୁଏ।

(ଚ) ବାହାର ସୌନ୍ଦର୍ଯ୍ୟ ଭିତରେ ନ ଥିବା।

(ଛ) ଅଭିଜ୍ଞତାରୁ ଶିକ୍ଷାଲାଭ।

(ଜ) ଯେ କୌଣସି ଉପାୟରେ କାର୍ଯ୍ୟହାସଲ କରିବା।

(ଝ) ପ୍ରକୃତି ବଦଳେ ନାହିଁ।

(ଞ) ବିଧି ନିର୍ଦ୍ଦେଶରେ ମଣିଷ ପରିଚାଳିତ।

୨ । ନିମ୍ନଲିଖିତ ଲୋକବାଣୀ ଗୁଡ଼ିକର ଭାବ ସଂପ୍ରସାରଣ କର।

(କ) ଅତି ପରିଚୟେ ଗୌରବନଷ୍ଟ।

(ଖ) ଅଳ୍ପବିଦ୍ୟା ଭୟଙ୍କରୀ।

(ଗ) ଅମୃତ ହାଣ୍ଡିରେ ବିଷକଣିକାଏ।

(ଘ) ଆଳୋସଖି, ଆପଣା ମହତ ଆପେରଖି।

(ଙ) ଏକାମାଘକେ ଶୀତ ଯାଏନି।

(ଚ) କାହାର ପୁଷମାସ କାହାର ସର୍ବନାଶ।

(ଛ) ଛୋଟ ସାପର ବିଷଟାଣ।

(ଜ) ଜୋର ଯା'ର ମୂଲକ ତା'ର।

(ଝ) ଯତ୍ନ କଲେ ରତ୍ନ ମିଳେ।

(ଞ) ହାତ ଅଳସେ ନିଶ ବଙ୍କା।

**ଚତୁର୍ଥ ଅଧ୍ୟାୟ**

# ଅନୁବାଦ ପ୍ରକରଣ

**୪.୧.** ଭାଷାକୁ ସମୃଦ୍ଧ କରିବାପାଇଁ ଅନୁବାଦର ଆବଶ୍ୟକତା ରହିଛି। ଏହାଦ୍ୱାରା ଭାଷାଗୁଡ଼ିକ ମଧ୍ୟରେ ଭାବ ଓ ସଂହତିଗତ ମହତ୍ତ୍ୱ ପ୍ରକାଶିତ ହୋଇଥାଏ ଏବଂ ବିଭିନ୍ନ ଭାଷାର ସାହିତ୍ୟ କୃତିର ଚିନ୍ତନକୁ ଆହରଣ କରିବା ସମ୍ଭବ ହୋଇଥାଏ। ଅନୁବାଦର ଆକ୍ଷରିକ ଅର୍ଥ ହେଉଛି ପରେ କହିବା। (ଅନୁ – ବଦ୍ + ଅ)। ଗୋଟିଏ ଭାଷାର ପ୍ରଥମ ମୌଳିକ ରଚନାକୁ ଅନ୍ୟ ଏକ ଭାଷ୍ୟରେ ପ୍ରକାଶ କରିବାକୁ ଅନୁବାଦ କହନ୍ତି। ଏହା ଏକ ସ୍ୱତନ୍ତ୍ର କଳା। ଜଣେ ସାହିତ୍ୟିକ ମଧ୍ୟ ସଫଳ ଅନୁବାଦକ ହୋଇ ନ ପାରନ୍ତି। କାରଣ ଜଣେ ସାହିତ୍ୟିକ ଏକ ନିର୍ଦ୍ଦିଷ୍ଟ ଭାଷାରେ ଗଦ୍ୟ, ପଦ୍ୟ ବା ନାଟକ ପ୍ରଭୃତି ରଚନା କରୁଥିବାବେଳେ ଜଣେ ଅନୁବାଦକ ଉଭୟ ମୂଳ ରଚନାର ଭାଷା ଓ ଅନୁବାଦ କରାଯାଉଥିବା ଭାଷାରେ ଉପଯୁକ୍ତ ଦକ୍ଷତା ଅର୍ଜନ କରିଥାଇପାରନ୍ତି। ଦକ୍ଷତାର ଅଭାବ ଥିଲେ ଅନୁବାଦର ଭାବ ଅକ୍ଷୁଣ୍ଣ ରଖିବା ସମ୍ଭବ ହୁଏ ନାହିଁ। ବରଂ ବିକଳାଙ୍ଗ ହୋଇଯାଏ। ଏଣୁ ଅନୁବାଦର ସଫଳତା ପାଇଁ ଅନୁବାଦକଙ୍କର ଉଭୟ ଭାଷା ସାହିତ୍ୟ ବିଷୟରେ ଆଶାନୁରୂପ ପ୍ରବେଶ ଥିବା ବାଞ୍ଛନୀୟ।

ଅନୁବାଦକୁ ବିଭିନ୍ନଭାଗରେ ବିଭକ୍ତ କରାଯାଇପାରେ। ଉଦାହରଣ ସ୍ୱରୂପ ଭାବାନୁବାଦ– ଯେଉଁ ଅନୁବାଦରେ ଭାବର ମହତ୍ତ୍ୱ ସୁରକ୍ଷିତ ରହେ। ମର୍ମାନୁବାଦ– ଯେଉଁ ଅନୁବାଦରେ ମୂଳ ରଚନାର ମର୍ମ ବା ଆତ୍ମାକୁ ଗୁରୁତ୍ୱ ପ୍ରଦାନ କରାଯାଏ। ଆକ୍ଷରିକ ଅନୁବାଦ– ଯେଉଁ ଅନୁବାଦର ମୂଳ ରଚନାର ପ୍ରତିପଦର ଅର୍ଥକୁ ଉପଯୁକ୍ତ ଧ୍ୟାନ ଦିଆଯାଏ।

ଇଂରାଜୀ ଭାଷା ଏକ ଆନ୍ତର୍ଜାତିକ ଭାଷା। ଓଡ଼ିଆଭାଷୀ ଛାତ୍ରଛାତ୍ରୀମାନେ ସର୍ବଭାରତୀୟ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଇଂରାଜୀ ଭାଷାକୁ ଜାଣିବା ଆବଶ୍ୟକ। ସେହିପରି ଇଂରାଜୀ ସାହିତ୍ୟର କୃତିଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏଠାରେ କେତେକ ଇଂରାଜୀ ଅନୁଚ୍ଛେଦର ଓଡ଼ିଆ ଅନୁବାଦ ଦିଆଯାଇଛି। ଏହି ଅନୁଚ୍ଛେଦଗୁଡ଼ିକୁ ଲକ୍ଷ୍ୟ କରି ଛାତ୍ରୀଛାତ୍ରମାନେ ଅନୁବାଦ କଳାର ଶିକ୍ଷା ଓ ଅଭ୍ୟାସ କରିପାରିବେ।

### (କ) ଇଂରାଜୀ ଅନୁଚ୍ଛେଦ : (୧)

Pandit Iswarchandra Vidyasagar was born in 1820 A.D. His father’s name was Thakurdas Bandopadhyaya. He was an inhabitant of Birsingh in the district of Midnapur, Thakurdas was poor, yet he arranged for his son’s education. Iswarchandra began his education in the village primary school. He was very intelligent and never forgot what he once learnt. His teachers foresaw that little Iswarchandra would one day become a great man of India.

**ଓଡ଼ିଆ ଅନୁବାଦ :**

ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ୧୮୨୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଠାକୁର ଦାସ ବନ୍ଦୋପାଧ୍ୟାୟ। ସେ ମେଦିନାପୁର ଜିଲ୍ଲାର ବୀରସିଂହର ଅଧିବାସୀ ଥିଲେ। ଠାକୁରଦାସ ଦରିଦ୍ର ଥିଲେ। ତଥାପି ସେ ତାଙ୍କ ପୁଅର ଶିକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। ଈଶ୍ୱରଚନ୍ଦ୍ର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ। ସେ ଅତ୍ୟନ୍ତ ବୁଦ୍ଧିମାନ ଥିଲେ ଏବଂ ଯାହାଥରେ ପଢୁଥିଲେ, କେବେହେଲେ ଭୁଲୁ ନ ଥିଲେ। ତାଙ୍କର ଶିକ୍ଷକମାନେ ପୂର୍ବାନୁମାନ କରିଥିଲେ ଯେ ଶିଶୁ ଈଶ୍ୱରଚନ୍ଦ୍ର ଦିନେ ଭାରତର ଜଣେ ମହାନ୍ ବ୍ୟକ୍ତି ହେବେ।

**(ଖ) ଇଂରାଜୀ ଅନୁଚ୍ଛେଦ :**

Our school was closed yesterday, 2nd October. Mahatma Gandhi, the father of the nation, was born on this day at Kathiawad town of Porbandar. He fought for the rights of Indians in South Africa. Truth and non-violence were the ideals of his life. He never compromised with injustice. So he is regarded as a worshipper of truth.

**ଓଡ଼ିଆ ଅନୁବାଦ :**

ଗତ କାଲି ଅକ୍ଟୋବର ଦୁଇତାରିଖରେ ଆମ ବିଦ୍ୟାଳୟ ବନ୍ଦ ଥିଲା। ଏହିଦିନ ଜାତିର ଜନକ ମହାତ୍ମାଗାନ୍ଧୀ ପୋରବନ୍ଦରର କାଠିଆୱାଡ଼ ସହରରେ ଜନ୍ମଗ୍ରହଣ କରିଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କର ଅଧିକାର ପାଇଁ ଲଢ଼ିଥିଲେ। ସତ୍ୟ ଓ ଅହିଂସା ତାଙ୍କ ଜୀବନର ଆଦର୍ଶ ଥିଲା। ସେ କେବେହେଲେ ଅନ୍ୟାୟ ସହିତ ସାଲିସ୍ କରି ନ ଥିଲେ। ତେଣୁ ସେ ସତ୍ୟର ଉପାସକ ରୂପେ ସମ୍ମାନିତ ହୁଅନ୍ତି।

**(ଗ) ଇଂରାଜୀ ଅନୁଚ୍ଛେଦ :**

People of different religions live in India. There is unity among different communities. Secularism has been mentioned in the Indian constitution. So we should not quarrel among one another in the name of religion. Gandhi, the pioneer of Indian freedom movement, was a secular statesman. We should follow his footprints.

**ଓଡ଼ିଆ ଅନୁବାଦ :**

ଭାରତରେ ବିଭିନ୍ନ ଧର୍ମର ଲୋକେ ବାସ କରନ୍ତି। ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସଂହତି ରହିଛି। ଭାରତୀୟ ସମ୍ବିଧାନରେ ଧର୍ମନିରପେକ୍ଷତାର ଉଲ୍ଲେଖ ରହିଅଛି। ତେଣୁ ଧର୍ମନାମରେ ଆମେ ନିଜ ନିଜ ଭିତରେ କଳହ କରିବା ଉଚିତ ନୁହେଁ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ ଗାନ୍ଧୀ ଜଣେ ଧର୍ମନିରପେକ୍ଷ ରାଷ୍ଟ୍ରନାୟକ ଥିଲେ। ଆମ୍ଭେମାନେ ତାଙ୍କ ପଦାଙ୍କ ଅନୁସରଣ କରିବା ଉଚିତ।

### (ଘ) ଇଂରାଜୀ ଅନୁଚ୍ଛେଦ :

Diwali is the festival of lights. The people all over India observe this festival. It is said that the people of Ayodhya observed this festival commemorating the return of Ramachandra to Ayodhya. So it is the festival of conquest of justice over injustice. We celebrate Diwali in our houses with pomp and ceremony.

### ଓଡ଼ିଆ ଅନୁବାଦ :

ଦୀପାବଳି ହେଉଛି ଆଲୋକର ପର୍ବ । ଏହି ପର୍ବକୁ ଭାରତର ସବୁସ୍ଥାନରେ ଲୋକମାନେ ପାଳନ କରନ୍ତି । କୁହାଯାଏ ଯେ ଅଯୋଧ୍ୟାର ଲୋକମାନେ ରାମଚନ୍ଦ୍ରଙ୍କର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବାର ସ୍ମାରକୀରୂପେ ଏହି ପର୍ବକୁ ପାଳନ କରିଥିଲେ । ତେଣୁ ଏହା ହେଉଛି ଅନ୍ୟାୟ ଉପରେ ନ୍ୟାୟର ବିଜୟପର୍ବ । ଆମେ ଆମର ଘରେ ଦୀପାବଳିକୁ ଖୁବ୍ ଜାକଜମକରେ (ଆଡ଼ମ୍ବର ସହକାରେ) ପାଳନ କରୁ ।

### (ଙ) ଇଂରାଜୀ ଅନୁଚ୍ଛେଦ :

The National Flag of India is the symbol of our national unity. It is the soul of people of India. Every Indian must understand the significance of the colours of flag. Each colour has its meaning. The saffron colour represents sacrifice, the white colour purity and simplicity while the green colour suggests creative energy. The wheel denotes progress.

### ଓଡ଼ିଆ ଅନୁବାଦ :

ଭାରତର ଜାତୀୟ ପତାକା ଆମର ଜାତୀୟ ଏକତାର ପ୍ରତୀକ । ଏହା ଭାରତୀୟମାନଙ୍କର ଆତ୍ମା ଅଟେ । ପ୍ରତ୍ୟେକ ଭାରତୀୟ, ପତାକାର ରଙ୍ଗଗୁଡ଼ିକର ତାତ୍ପର୍ଯ୍ୟ ବୁଝିବା ଉଚିତ । ପ୍ରତି ରଙ୍ଗର ଅର୍ଥ ରହିଛି । କୁଙ୍କୁମରଙ୍ଗ ତ୍ୟାଗର ପ୍ରତିନିଧିତ୍ୱ କରେ, ଧଳାରଙ୍ଗ ପବିତ୍ରତା ଓ ସରଳତାର, ସବୁଜରଙ୍ଗ ସର୍ଜନାତ୍ମକ ଶକ୍ତିର ସୂଚନା ଦିଏ । ଚକ୍ର ପ୍ରଗତିକୁ ସୂଚିତ କରେ ।

### (ଚ) ଇଂରାଜୀ ଅନୁଚ୍ଛେଦ :

Time waits for none. He who makes best use of time, prospers. But those who waste their time in vain, suffer from poverty and starvation. Idleness is a great foe of human life. Hence we should attend to our duties and responsibilities in time. Some people are very lazy. They never work in time. So they suffer a lot in life.

### ଓଡ଼ିଆ ଅନୁବାଦ :

ସମୟ କାହାକୁ ଅପେକ୍ଷା କରେ ନାହିଁ। ଯିଏ ସମୟର ସର୍ବୋତ୍‌କୃଷ୍ଟ ଉପଯୋଗ କରେ, ସେ ଉନ୍ନତି କରେ। କିନ୍ତୁ ଯେଉଁମାନେ ବୃଥାରେ ସମୟ ନଷ୍ଟ କରନ୍ତି, ସେମାନେ ଅନାହାର ଓ ଦାରିଦ୍ର୍ୟ ଭୋଗ କରନ୍ତି। ଆଳସ୍ୟ ମନୁଷ୍ୟ ଜୀବନର ଏକ ବଡ଼ ଶତ୍ରୁ। ତେଣୁ ଆମେ ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ଠିକ୍ ସମୟରେ କରିବା ଉଚିତ। କିଛି ଲୋକ ଭାରି ଅଳସୁଆ। ସେମାନେ କେବେହେଲେ ଠିକ୍ ସମୟରେ କାମ କରନ୍ତି ନାହିଁ। ତେଣୁ ସେମାନେ ଜୀବନରେ ବେଶି ଦୁଃଖ ପାଆନ୍ତି।

## (ଛ) ଇଂରାଜୀ କଥୋପକଥନ :

Teacher – Mama, has father come home ?

Mama – No, he has got a lot of work in the office.

Teacher – Where is he working now ?

Mama – At Mahavir Chhak.

Teacher – Inform me when he comes home.

Mama – Yes, Sir.

Teacher – How did you perform in the examination ?

Mama – Not, so well.

Teacher – Read mindfully and try to do well.

### ଓଡ଼ିଆ ଅନୁବାଦ :

ଶିକ୍ଷକ – ମାମା, ବାପା ଘରକୁ ଆସିଲେଣି ?

ମାମା – ନା, ତାଙ୍କର ଅଫିସ୍‌ରେ ବହୁତ କାମ ଅଛି।

ଶିକ୍ଷକ – ଏବେ ସେ କେଉଁଠାରେ କାର୍ଯ୍ୟ କରୁଅଛନ୍ତି ?

ମାମା – ମହାବୀର ଛକଠାରେ।

ଶିକ୍ଷକ – ସେ ଘରକୁ ଆସିଲେ ମୋତେ ଖବର ଦେବ।

ମାମା – ହଁ, ମହାଶୟ। / ହଁ ଆଜ୍ଞା।

ଶିକ୍ଷକ – ତୁମେ ପରୀକ୍ଷାରେ କିପରି କରିଛ ?

ମାମା – ସେତେ ଭଲ ନୁହେଁ।

ଶିକ୍ଷକ – ମନଦେଇ ପଢ଼ ଏବଂ ଭଲ କରିବାକୁ ଚେଷ୍ଟା କର।

## ପ୍ରଶ୍ନାବଳୀ

**ଓଡ଼ିଆରେ ଅନୁବାଦ କର :**

1. Several persons hold the prestigious position of the Prime Minister of India. Lal Bahadur Shastri was one of these Prime Ministers. He was different in some ways from other Prime Ministers. He belonged to a very poor family. When he was a school boy he used to cross the river by swimming because he was too poor to pay to the boatman. Do you know he was born the same day as Gandhiji i.e. on 2nd October.

2. Indian culture and family traditions give great importance and respect to the aged and the parents. In our society they are very much respected. Young people very much like to help and serve them. In Indian Mythology also, the aged and parents are given a high place.

3. Rahul – Amit, have you brought my Notebook ?

Amit – Sorry, I haven't.

Rahul – Please go and bring it now.

Amit – Can't I do so tomorrow ?

Rahul – No, I've to show it to my teacher today.

**ପଞ୍ଚମ ଅଧ୍ୟାୟ**

# ଛନ୍ଦ ଓ ଅଳଙ୍କାର

**୫.୧.ଛନ୍ଦ :**

ପଦ୍ୟ ବା କବିତା ରଚନାରେ ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ **ଛନ୍ଦ** କୁହାଯାଏ। ଏହା କବିତାକୁ ଗତିଶୀଳ କରାଇଥାଏ। ତେଣୁ ଏହାକୁ ପଦ୍ୟରଚନାର ବୈଶିଷ୍ଟ୍ୟ ଭାବରେ ବିଚାର କରାଯାଏ। ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଛନ୍ଦରେ ରଚିତ ହୋଇଥିବାରୁ ପ୍ରାଚୀନ ପଦ୍ୟ ବା କବିତାକୁ **ଛାନ୍ଦ** ମଧ୍ୟ କହନ୍ତି।

ଛନ୍ଦ ସାଧାରଣତଃ ଦୁଇପ୍ରକାର।

(କ) ମିତ୍ରାକ୍ଷର, (ଖ) ଅମିତ୍ରାକ୍ଷର

ମିତ୍ରାକ୍ଷର ଛନ୍ଦ ତିନିଭାଗରେ ବିଭକ୍ତ।

(କ) ପୂର୍ଣ୍ଣ ମିତ୍ରାକ୍ଷର, (ଖ) ଅପୂର୍ଣ୍ଣ ମିତ୍ରାକ୍ଷର, (ଗ) ଏକାନ୍ତର ମିତ୍ରାକ୍ଷର।

**ପଦ** → ଯେ କୌଣସି କବିତା କେତେଗୁଡ଼ିଏ ପଦରେ ବିଭକ୍ତ।

ଉଦାହରଣ-(କ) ଗାନ୍ଧାରୀ ଦେଲା ଜନନୀ ପ୍ରାଣର
ସୁମହତ ପରିଚୟ,
ଅକ୍ଷର ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ। (ଗୋଟିଏ ପଦ)

(ଖ) କର୍ମକଷଣ ଦେହସହେ
ଅରଣ୍ୟେ ଅଜଗର ପ୍ରାୟେ ॥ (ଗୋଟିଏ ପଦ)

ଏତଦ୍‌ବ୍ୟତୀତ ଏକପଦୀ କ୍ଷୁଦ୍ର କବିତା ମଧ୍ୟ ଅଛି।

ଉଦାହରଣ-(କ) **( କୁଆଁତାରା )**

ସରଗ ନଈର ପରାଚୀ ତୁଠରେ
ପ୍ରଭାତ ସିନାନ ସାରି,
ଗୃହେ ଚଳେ ଉଷା ଏଇ ପଦୁଅଁଟି
ସରାଗେ ଗଭାରେ ମାରି।

(ଖ) **( ଝରାଶେଫାଳି )**

କେଉଁ ଦେବତାର କ୍ଷଣିକ ଆଶିଷ
ଶୁଭ୍ର ପାଖୁଡ଼ା ଧରି,
ସୁନ୍ଦର ଏଇ ଶରତ ସକାଳେ
ଭୂତଳେ ପଡ଼ିଲୁ ଝରି।

**ପାଦ** → ପଦର ପ୍ରତ୍ୟେକ ପଂକ୍ତିକୁ **ପାଦ** କହନ୍ତି । ପ୍ରତିପଦରେ ଦୁଇ ବା ତତୋଽଧିକ ପାଦଥାଏ ।

**ଯତି** → ଛନ୍ଦର ନିୟମ ଅନୁସାରେ ରଚିତ ହୋଇଥିବା ପଦ୍ୟକୁ ଗାନ ବା ଆବୃତ୍ତି କଲାବେଳେ ପ୍ରତ୍ୟେକ ପାଦର ନିର୍ଦ୍ଦିଷ୍ଟ ଅକ୍ଷର ଉପରେ ବିଶ୍ରାମ ନେବାକୁ ହୁଏ । ଏହି ବିଶ୍ରାମ ବା ଶ୍ୱାସଘାତକୁ **ଯତି** ବା **ଯତିପାତ** କହନ୍ତି ।

ବିଭିନ୍ନ ଛନ୍ଦ ଅନୁସାରେ ପଦ, ପାଦ, ଯତି ଭିନ୍ନ ଭିନ୍ନ । ଏଠାରେ କେତେକ ଛନ୍ଦ ଓ ଯତିପାତ ଉପରେ ଆଲୋଚନା କରାଯାଉଛି ।

**୫.୧.୧. ଦାଣ୍ଡିବୃତ୍ତ ବା ଛନ୍ଦ :-**

ଏହାର ଦୁଇଟି ପାଦରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ପାଦର ଅକ୍ଷରସଂଖ୍ୟା ସମାନ ନୁହେଁ । ତେଣୁ ନିର୍ଦ୍ଦିଷ୍ଟ ଭାବରେ ଯତିପାତ ହୁଏନାହିଁ କିନ୍ତୁ ବୋଲିଲାବେଳେ ଗାୟକ ସ୍ୱରଲମ୍ବାଇ ନିଜ ସୁବିଧା ଅନୁସାରେ ବିଶ୍ରାମ ନିଅନ୍ତି ।

ଓଡ଼ିଆ ସାହିତ୍ୟରେ କେତେକ ପ୍ରାଚୀନକାବ୍ୟ ଏହି ଦାଣ୍ଡିବୃତ୍ତରେ ରଚିତ ହୋଇଛି । ସାରଳାଦାସଙ୍କ 'ମହାଭାରତ', ବଳରାମ ଦାସଙ୍କ 'ଦାଣ୍ଡିରାମାୟଣ', ଚୈତନ୍ୟଦାସଙ୍କ 'ବିଷ୍ଣୁଗର୍ଭ ପୁରାଣ' ଇତ୍ୟାଦି ଏହି ଛନ୍ଦରେ ଲେଖା ।

ଉଦାହରଣ - (କ) ଯେଥୁ ଅନନ୍ତରେ ଦ୍ରୋଣେ ବିଦ୍ୟାପୁତ୍ରନ୍ତ ହକାରି
ବାବୁ ତୁମ୍ଭେ ଯାଅରେ ମୃଗୟା ବନ ହେରି । (ସାରଳା ମହାଭାରତ)

(ଖ) ଏଥୁ ଅନନ୍ତରେ ଗୋ ପାର୍ବତୀ ଦେବୀ ଶୁଣ
ମାଲ୍ୟବନ୍ତ ପର୍ବତେ ରହିଲେ ରଘୁରାଣ । (ଦାଣ୍ଡି ରାମାୟଣ)

**୫.୧.୨. ଭାଗବତବାଣୀ ବା ଗୁଜ୍ଜରୀ :-**

କବି ଜଗନ୍ନାଥ ଦାସଙ୍କ ଭାଗବତ ଏହି ଛନ୍ଦରେ ରଚିତ । ଏହାର ଦୁଇପାଦରେ ଗୋଟିଏ ପଦହୁଏ । ପ୍ରତିପାଦର ଅକ୍ଷର ସଂଖ୍ୟା ନଅ । ତେଣୁ ଏହାକୁ **ନବାକ୍ଷରୀବୃତ୍ତ** ବା **ନବାକ୍ଷରୀଛନ୍ଦ** ମଧ୍ୟ କୁହାଯାଏ । ପ୍ରତିପାଦର ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଉଦାହରଣ - (କ) ପ୍ରାଣୀର' ଭଲ' ମନ୍ଦବାଣୀ' ।
ମରଣ' କାଳେ' ତାହା ଜାଣି' ॥

(ଖ) ଅମୃତ' ବିନ'ୟ ବଚନ' ।
କହି ତୋ'ଷିବ' ପ୍ରାଣୀମନ' ॥

(ଭାଗବତ - ଜଗନ୍ନାଥ ଦାସ)

**୫.୧.୩. ନଟବାଣୀ ବା ବିଭାସକେଦାର :-**

ଏଥିରେ ଦୁଇଟି ପାଦରେ ଗୋଟିଏ ପଦ ହୁଏ । ପ୍ରତିଟି ପାଦର ଅକ୍ଷର ସଂଖ୍ୟା ବାର । ପାଦର ତୃତୀୟ, ଷଷ୍ଠ, ନବମ ଏବଂ ଶେଷ ଅକ୍ଷର ସଂଖ୍ୟା ଉପରେ ଯତିପାତ ହୁଏ ।

ଉଦାହରଣ- ଉତ୍କଳ'-କମଳା'-ବିଳାସ'-ଦୀର୍ଘିକା'
ମରାଳ'-ମାଳିନୀ'-ନୀଳାମ୍ବୁ'-ଚିଲିକା' ॥

(ଚିଲିକା - ରାଧାନାଥ ରାୟ)

### ୫.୧.୪. ଚୋଖି :-

ଏହାର ଚାରିପାଦରେ ଗୋଟିଏ ପଦ ହୁଏ । ପ୍ରଥମ ଦୁଇଟି ପାଦରେ ଅଣତିରିଶଟି ଲେଖାଏଁ ଅକ୍ଷରଥାଏ । ତୃତୀୟପାଦରେ ନଅଟିଅକ୍ଷର ଏବଂ ଚତୁର୍ଥପାଦରେ ତେରଟି ଅକ୍ଷର ଥାଏ । ପ୍ରଥମପାଦ ଦୁଇଟିର ଷଷ୍ଠ, ଅଷ୍ଟମ, ଚତୁର୍ଦ୍ଦଶ, ଷୋଡ଼ଶ, ଦ୍ୱାବିଂଶ, ଚତୁର୍ବିଂଶ ଏବଂ ଶେଷଅକ୍ଷରରେ ଯତିପାତହୁଏ । ତୃତୀୟପାଦର ଷଷ୍ଠ ଓ ଶେଷଅକ୍ଷରରେ ଏବଂ ଚତୁର୍ଥ ପାଦର ଷଷ୍ଠ, ଅଷ୍ଟମ ଓ ଶେଷ ଅକ୍ଷରରେ ଯତିପାତ ହୁଏ ।

ଯତିପାତ ମନେରଖିବାର ସହଜ ଉପାୟ–

୧ମ ଓ ୨ୟ ପାଦ → ୬+୨ + ୬+୨ + ୬ +୨ + ୫

୩ୟ ପାଦ → ୬+୩

୪ର୍ଥ ପାଦ → ୬+୨+୫

ଉଦାହରଣ– ତୁହି ମା' ଜନମ' ଭୂମି'    ପବିତ୍ର ଭାରତ' ଭୂମି'
ତୋହର ସନ୍ତାନ' ଆମ୍ଭେ' ଅଟୁଁ ସରବେ' ;
ତୋର ଶ୍ରୀଚରଣ' ସେବା'    ପାଇଁ ମନପ୍ରାଣ' ଦେବା'
ଗାଇବା ତୋହର' ନାମ' ଆନନ୍ଦ ରବେ' ।
ତୋ ଆନନ୍ଦେ ହୋଇ'ବା ସୁଖୀ',
କାନ୍ଦିବା ଦୁଃଖରେ' ତୋର'    ହୋଇଣ ଦୁଃଖୀ' ।

(ଜନ୍ମଭୂମି – ମଧୁସୂଦନ ରାଓ)

### ୫.୧.୫. ବଙ୍ଗଳାଶ୍ରୀ :-

ଏ ରଚନାରେ ଗୋଟିଏ ପଦ ହେଉଛି ଦୁଇପାଦ ବିଶିଷ୍ଟ । ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କୋଡ଼ିଏ । ପ୍ରଥମ ଏବଂ ଦ୍ୱିତୀୟ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଉଦାହରଣ– ମାଆ ମାଆ ବୋଲି'    କେତେ ମୁଁ ଖୋଜିଲି'
ମାଆକୁ ପାଇଲି' ନାହିଁ
ଭାଇ ଭାଇ ବୋଲି'    କେତେ ମୁଁ ଡାକିଲି'
ନ ଦେଲେ ଉତ୍ତର' କେହି' ।

(ସନ୍ତାନର ଉକ୍ତି - ମଧୁସୂଦନ ଦାସ)

### ୫.୧.୬. ଶଙ୍କରାଭରଣ :–

ଏହାର ଚାରିପାଦରେ ଗୋଟିଏ ପଦ ହୁଏ । ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଚଉଦ । ତୃତୀୟ ପାଦର ଅକ୍ଷର ସଂଖ୍ୟା ଆଠ । ପ୍ରଥମ, ଦ୍ୱିତୀୟ, ଚତୁର୍ଥ ପାଦର ଅଷ୍ଟମ, ଏକାଦଶ, ଏବଂ ଶେଷ ଅକ୍ଷର ଉପରେ ଯତିପାତ ହେଉଥିବାବେଳେ ତୃତୀୟପାଦର ଦ୍ୱିତୀୟ, ଷଷ୍ଠ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଉଦାହରଣ– ହେ ଆନନ୍ଦମୟ କୋଟି'- ଭୁବନ' ପାଳକ',

ଅଧମ ଅକ୍ଷମ ମୁହିଁ ଅବୋଧ' ବାଳକ,

ଜ୍ଞାନ'-ଦାତା ଭଗ'ବାନ,

ଦିଅ ମୋତେ ଶୁଭବୁଦ୍ଧି' ଦିଅଦି'ବ୍ୟ ଜ୍ଞାନ'।

(ସ୍ତବ-ମଧୁସୂଦନ ରାଓ)

**୫.୧.୭. ରାମକେରୀ :–**

ଦୁଇ ପାଦରେ ଗୋଟିଏ ପଦ। ପ୍ରତିପାଦରେ ୧୬ଟି ଅକ୍ଷର। ନବମ, ଏକାଦଶ ଓ ଷୋଡ଼ଶ ଅକ୍ଷରରେ ଯତିପାତ ହୁଏ।

ଉଦାହରଣ- କଳାକଳେବର କହ୍ନାଇ' ସଙ୍ଗେ' ରୋହିଣୀସୁତ'

କରନ୍ତି ମଥୁରା ବିଜୟେ' ଦାଣ୍ଡେ' ଦେଖ ସଙ୍ଗାତ' ॥

## ପ୍ରଶ୍ନାବଳୀ

୧. ଛନ୍ଦ କାହାକୁ କହନ୍ତି ?

୨. ଯତିପାତ କାହାକୁ କୁହାଯାଏ ?

୩. ପ୍ରାଚୀନ କାବ୍ୟକୁ ଛାନ୍ଦକାବ୍ୟ କାହିଁକି କୁହାଯାଏ ?

୪. ପାଦ କାହାକୁ କହନ୍ତି ?

୫. ଛନ୍ଦକୁ ସାଧାରଣତଃ କେତେ ଭାଗରେ ବିଭକ୍ତ କରାଯାଏ ?

୬. ମିତ୍ରାକ୍ଷର ଛନ୍ଦ କେତେ ଭାଗରେ ବିଭକ୍ତ ?

୭. ଜଗନ୍ନାଥ ଦାସଙ୍କ ଭାଗବତ କେଉଁ ଛନ୍ଦରେ ଲିଖିତ ?

୮. ଚୋଖି ଛନ୍ଦର ଲକ୍ଷଣ ଲେଖି ଗୋଟିଏ ଉଦାହରଣ ଦିଅ।

୯. ସାରଳାଦାସଙ୍କ ମହାଭାରତ କେଉଁ ବୃତ୍ତରେ ରଚିତ ?

୧୦. ନିମ୍ନଲିଖିତ ପଦ୍ୟାଂଶଗୁଡ଼ିକର ଲକ୍ଷଣ ନିର୍ଦ୍ଦେଶପୂର୍ବକ 'ଛନ୍ଦ'ର ନାମଲେଖ।

(କ) କ୍ଷମାସାଗର ପୀତବାସ।
କ୍ଷମିଲେ ବଳରାମ ଦାସ ॥

(ଖ) ଟୋପି ଟୋପି ଗୋପୀଚନ୍ଦନ ମଣ୍ଡିଛନ୍ତି କି ସଜେ,
ଟେକି ବାରେ ଚାହାଁ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ॥

(ଗ) ମଙ୍ଗଳେ ଅଇଲା ଉଷା, ବିକଚ ରାଜୀବ ଦୃଶା,
ଜାନକୀ ଦର୍ଶନ ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର – ମୁକ୍ତା ଧରି ଉପହାର,
ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି,
କଳକଣ୍ଠ କଣ୍ଠେ କହିଲା,
'ଦରଶନ ଦିଅ ସତି, ରାତିପାହିଲା' ॥

**୫.୨.** **ଅଳଙ୍କାର :**

ସାହିତ୍ୟକୁ ସରସ, ସୁନ୍ଦର ଓ ରମଣୀୟ କରିବାକୁ ଯେଉଁ ସୌନ୍ଦର୍ଯ୍ୟବର୍ଦ୍ଧକ ଉପାଦାନ ଆବଶ୍ୟକ ହୁଏ, ତାହାକୁ **ଅଳଙ୍କାର** କୁହାଯାଏ। ଏହା ବାକ୍ୟର ଶୋଭା ବୃଦ୍ଧି କରେ। ପାଠକ ପ୍ରାଣକୁ ଆମୋଦିତ କରେ। ବସ୍ତୁତଃ ଅଳଙ୍କାର (ସୌନ୍ଦର୍ଯ୍ୟତତ୍ତ୍ୱ) ହେଉଛି ସାହିତ୍ୟର ବୈଶିଷ୍ଟ୍ୟ। ତଦ୍ଦ୍ୱାରା କାବ୍ୟ କବିତା ରମଣୀୟ ହୋଇଥାଏ।

କାବ୍ୟର ଅଳଙ୍କାରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ। ଯଥା– **ଶବ୍ଦାଳଙ୍କାର** ଓ **ଅର୍ଥାଳଙ୍କାର**। ଯାହାଦ୍ୱାରା ଶବ୍ଦ ସରସ, ସୁନ୍ଦର ଓ ଶ୍ରୁତିମଧୁର ହୁଏ ତାହାକୁ **ଶବ୍ଦାଳଙ୍କାର** କୁହାଯାଏ। ଯଥା– ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି।

ଯାହାଦ୍ୱାରା ଅର୍ଥ ରମଣୀୟ ଓ ଚିତ୍ତାକର୍ଷକ ହୁଏ ତାହାକୁ **ଅର୍ଥାଳଙ୍କାର** କୁହାଯାଏ। ଉପମା, ଉତ୍‌ପ୍ରେକ୍ଷା, ରୂପକ, ବ୍ୟତିରେକ ପ୍ରଭୃତି ଅର୍ଥାଳଙ୍କାର।

**ଶବ୍ଦାଳଙ୍କାର :**

**୫.୨.୧.** **ଅନୁପ୍ରାସ :**

ପଦମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ ତାହାକୁ **ଅନୁପ୍ରାସ** ଅଳଙ୍କାର କୁହାଯାଏ। ଉଦାହରଣ :–

(କ) "ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା" ॥
(ଚିଲିକା - ରାଧାନାଥ ରାୟ)

ଏ ଦୁଇଟି ପାଦରେ 'କ' 'ଳ' ଏବଂ 'ମ'ର ବାରମ୍ବାର ଆବୃତ୍ତି ଘଟିଛି।

(ଖ) ଦେଖି ନବ କାଳିକା ବକାଳିକା ମାଳିକା
ଆଳି କାଳିକା କାନ୍ତସ୍ମରି,
ରକ୍ଷା କେମନ୍ତେ କରି କରିବା ମଉକରୀ–
ଗତିକି ଏମନ୍ତ ବିଚାରି,
(ଲାବଣ୍ୟବତୀ - ଉପେନ୍ଦ୍ରଭଞ୍ଜ)

ଏଠାରେ 'କ' 'ଳ' ଏବଂ 'ର' ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ପ୍ରୟୋଗ ହୋଇଛି।

(ଗ) "ମୋ କୂଳେ ଚାଳି ଚରଣ କରିବୁ ମା' ବିଚରଣ
ବ୍ୟପଦେଶେ ବିତରିଣ ଅମରକାନ୍ତି,
ତା' ଲଭି ବନପାଦପ ରାଜି ହୋଇ ଦପଦପ
ବହିବେ ଅମର ଦର୍ପ ବିହିବେ ଶାନ୍ତି,
ପଲ୍ଲବେ ପାଟଳ ଶ୍ୟାମଳ,
ରୁଚିର ରୁଚି ରହିବ ଚିର ନିର୍ମଳ।"
(ତପସ୍ୱିନୀ - ଗଙ୍ଗାଧର ମେହେର)

ଏଠାରେ ପ୍ରଥମ ଓ ଦ୍ୱିତୀୟ ପାଦରେ – କ, ଚ, ର ଏବଂ ପ – ବ୍ୟଞ୍ଜନ ବର୍ଣ୍ଣମାନଙ୍କର ବହୁବାର ଆବୃତ୍ତି ଘଟିଛି । ତୃତୀୟ ପାଦରେ 'ପ', 'ଳ' ଏବଂ ଚତୁର୍ଥ ପାଦରେ 'ର' ଏବଂ 'ଚ'ର ମଧ୍ୟ ଏକାଧିକବାର ଆବୃତ୍ତି ଘଟିଛି ।

ଏହି ଅନୁପ୍ରାସ ଅଳଙ୍କାର ମଧ୍ୟରେ ବିଭିନ୍ନ ବିଭାଗ ଅଛି । ଯଥା– ବୃତ୍ତ୍ୟାନୁପ୍ରାସ, ଛେକାନୁପ୍ରାସ, ଆଦ୍ୟପ୍ରାନ୍ତ୍ୟାନୁପ୍ରାସ, ଅନ୍ତ୍ୟାନୁପ୍ରାସ ଇତ୍ୟାଦି ।

**୫.୨.୨. ଯମକ :**

ଭିନ୍ନାର୍ଥବୋଧକ ଏକପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ **ଯମକ** ଅଳଙ୍କାର କୁହାଯାଏ ।

ଉଦାହରଣ– (କ) ଦେଖରେ ନଳିନି ! ନଳିନୀ ନଳିନୀରେ ପୂରିତ

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

(ଲାବଣ୍ୟବତୀ - ଉପେନ୍ଦ୍ରଭଞ୍ଜ)

ପ୍ରଥମ ପାଦରେ ଥିବା ନଳିନି ଏକ ସମ୍ବୋଧନପଦ । (ପଦ୍ମିନୀ ଜାତୀୟା ସୁନ୍ଦରୀ ରମଣୀ) । ଦ୍ୱିତୀୟ 'ନଳିନୀ'ର ଅର୍ଥ ପୁଷ୍କରିଣୀ ଏବଂ ତୃତୀୟ 'ନଳିନୀ'ର ଅର୍ଥ ପଦ୍ମ । ସେହିପରି ଦ୍ୱିତୀୟ ପାଦରେ ପ୍ରଥମ 'ଭ୍ରମରେ' ଅର୍ଥ ଭ୍ରମରମାନେଳ ଦ୍ୱିତୀୟ 'ଭ୍ରମରେ' ଅର୍ଥ ଭୁଲରେ (ବିଭ୍ରାନ୍ତିରେ) ଏବଂ ତୃତୀୟ 'ଭ୍ରମରେ' ଅର୍ଥ ଭଉଁରୀରେ ।

ଉଦାହରଣ– (ଖ) ବରଜୀବ ରସେ ଦେଇ ମାନସ

ବରଜି ବରଷେ ଅମେଧ୍ୟ ଗ୍ରାସ

(ଜଗତେ କେବଳ - ବଳଦେବ ରଥ)

ପ୍ରଥମ ପାଦରେ 'ବରଜୀବ' (ଶ୍ରେଷ୍ଠ ପଶୁ)ର ଅର୍ଥ ଗାଈ ; ତାହାର ରସ ହେଲା କ୍ଷୀର । 'ବରଜୀବରସ'ର ସାମଗ୍ରିକ ଅର୍ଥ ଗାଈକ୍ଷୀର । ଦ୍ୱିତୀୟ ପାଦରେ 'ବରଜି'ର ଅର୍ଥ ତ୍ୟାଗକରି (ବର୍ଜନ କରି) ଏବଂ 'ବରଷେ' ଅର୍ଥ ବର୍ଷକଯାଏ । ଅର୍ଥାତ୍ ବର୍ଷକଯାଏ ବର୍ଜନ କରି ।

ଉଦାହରଣ– (ଗ) ଅହିମକର ତାପନାଶେ ଶୋଭା ସାରସ ଚକ୍ରେ

ଅହିମକର ତାପନାଶେ ଶୋଭା ସାରସ ଚକ୍ରେ ॥ (ଲାବଣ୍ୟବତୀ)

ଅକ୍ଷର ଦୃଷ୍ଟିରୁ ଦେଖିଲେ ଉଭୟପାଦରେ ଏକା ବର୍ଣ୍ଣମାନ ରହିଅଛି । କିନ୍ତୁ ଅର୍ଥ ଦୃଷ୍ଟିରୁ ଶବ୍ଦମାନଙ୍କର ଭିନ୍ନତା ଜଣାଯାଏ । ଦୁଇ ପଙ୍କ୍ତି ଉଚ୍ଚାରଣରେ ସମାନ ।

ପ୍ରଥମ ପାଦ - ଅହି → ସାପ, ମକର → କୁମ୍ଭୀର,

ତାପ → ଦୁଃଖ, ସାରସ → ପଦ୍ମ, ଚକ୍ରେ - ସମୂହରେ ।

ଦ୍ୱିତୀୟ ପାଦ - ଅହିମକର → ସୂର୍ଯ୍ୟ, ତାପ → ଉଷ୍ଣତା, ସାରସ → ହଂସ

ଚକ୍ରେ → ଚକ୍ରବାକାଦିରେ / ମଣ୍ଡଳୀରେ

ଏହି ଯମକ ଅଳଙ୍କାର ପ୍ରଧାନତଃ ପାଞ୍ଚ ପ୍ରକାରର, ଯଥା– ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତଯମକ, ମାଳଯମକ ଏବଂ ସର୍ବଯମକ ।

**୫.୨.୩. ଶ୍ଳେଷ :**

ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନାର୍ଥ ପ୍ରକାଶ କରେ, ସେଠାରେ **ଶ୍ଳେଷ** ଅଳଙ୍କାର ହୁଏ। ଯେଉଁ ଶବ୍ଦ ଏକାଧିକ ଅର୍ଥ ପ୍ରକାଶ କରୁଥାଏ, ତାହାକୁ **ଶ୍ଳିଷ୍ଟପଦ** କୁହାଯାଏ।

ଶ୍ଳେଷ ଅଳଙ୍କାର ତିନିପ୍ରକାର ; ଯଥା- ଅଭଙ୍ଗଶ୍ଳେଷ, ସଭଙ୍ଗଶ୍ଳେଷ ଓ ଭଙ୍ଗାଭଙ୍ଗ ଶ୍ଳେଷ। ଯେଉଁଠାରେ ଶବ୍ଦକୁ ନଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କରାଯାଏ, (ଶବ୍ଦ ଅଖଣ୍ଡିତ ରହି ଏକାଧିକ ଅର୍ଥ ପ୍ରକାଶ କଲେ) ସେଠାରେ **ଅଭଙ୍ଗ** ଶ୍ଳେଷ, ଯେଉଁଠାରେ ଶବ୍ଦକୁ ଭାଙ୍ଗି ଭିନ୍ନାର୍ଥ କରାଯାଏ ଅର୍ଥାତ୍ ଶବ୍ଦ ଖଣ୍ଡିତ ହୋଇ ଭିନ୍ନାର୍ଥ ପ୍ରକାଶ କରେ, ସେଠାରେ ସଭଙ୍ଗ ଶ୍ଳେଷ ହୁଏ। ଯେଉଁଠାରେ ଅଭଙ୍ଗ ଓ ସଭଙ୍ଗ ଉଭୟେ ରହିଥାନ୍ତି, ସେ ସ୍ଥଳରେ **ଭଙ୍ଗାଭଙ୍ଗ** ଶ୍ଳେଷ ବା **ସଭଙ୍ଗାଭଙ୍ଗ** ଶ୍ଳେଷହୁଏ।

ଉଦାହରଣ- ବାବୁ ନାକଶିରୀଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ।
(ବୈଦେହୀଶ ବିଳାସ - ଉପେନ୍ଦ୍ରଭଞ୍ଜ)

ଏଠାରେ ପ୍ରଥମ ପାଦରେ ଥିବା 'ନାକଶିରୀ' ଏବଂ 'ଦାନ' ପଦଦୁଇଟି ଶ୍ଳିଷ୍ଟପଦ। ଏହି ପଦଦୁଇଟି ଅଭଙ୍ଗ ରୂପେ ଦୁଇଟି ଭିନ୍ନ ଅର୍ଥ ପ୍ରକାଶ କରୁଛି। ପ୍ରଥମ ଅର୍ଥରେ - ନାକଶିରୀ → ସ୍ୱର୍ଗସମ୍ପଦ (ଐଶ୍ୱର୍ଯ୍ୟ)

[ ନାକ → ସ୍ୱର୍ଗ, ଶିରୀ → ଐଶ୍ୱର୍ଯ୍ୟ / ସମ୍ପଦ ]

ଏବଂ ଦାନ → ଦାନଦେବା (ପ୍ରଦାନକରିବା)

ଦ୍ୱିତୀୟ ଅର୍ଥରେ - ନାକଶିରୀ = ନାକର ସୌନ୍ଦର୍ଯ୍ୟ ଏବଂ ଦାନ ଅର୍ଥ ଛେଦନ କରିବା [ ଦା → ଦେବା ଓ କାଟିବା ଅର୍ଥରେ ପ୍ରଯୁଜ୍ୟ ] ଉକ୍ତ ପଦଦୁଇଟି ଖଣ୍ଡିତ ନହୋଇ ଭିନ୍ନଭିନ୍ନ ଅର୍ଥ ପ୍ରକାଶ କରୁଥିବାରୁ ଏହା ଅଭଙ୍ଗ ଶ୍ଳେଷ।

ଦ୍ୱିତୀୟ ପାଦରେ 'ବିହର କାନନ' ଅର୍ଥ କାନନରେ (ବନରେ) 'ବିହାର କର' (ଭ୍ରମଣ କର) ତଥା 'ଆଲିଙ୍ଗନ କର' ବୁଝାଉଛି।

ଦ୍ୱିତୀୟ ଅର୍ଥରେ 'ବି' ହର (ବିଶେଷ ଭାବରେ ହରଣ କର) 'କାନ' ଓ 'ନ କର' ଆଲିଙ୍ଗନକୁ ବୁଝାଉଛି। ଏଠାରେ 'ବିହର' ଅର୍ଥ ଛେଦନକର। [ କାନକୁ ଛେଦନ କର ଓ ଆଲିଙ୍ଗନକୁ ନ କର ] 'କାନନ' ପଦଟି ଖଣ୍ଡିତ ହେବାଦ୍ୱାରା [କାନ-ନ] ଭିନ୍ନାର୍ଥ ପ୍ରକାଶ ପାଉଛି। ତେଣୁ ଏହା ସଭଙ୍ଗ ଶ୍ଳେଷ।

ସମଗ୍ର ପଦଟିରେ ଅଭଙ୍ଗ ଓ ସଭଙ୍ଗ ଶ୍ଳେଷଥିବାରୁ ଏହାକୁ ଭଙ୍ଗାଭଙ୍ଗ ଶ୍ଳେଷ ବା ସଭଙ୍ଗାଭଙ୍ଗ ଶ୍ଳେଷ କୁହାଯାଏ।

**ଅର୍ଥାଳଙ୍କାର :**

**୫.୨.୪. ଉପମା :**

ଯେଉଁ ବାକ୍ୟରେ ଉପମାନ, ଉପମେୟ ସମାନଧର୍ମ ବିଶିଷ୍ଟ ହୋଇଥାନ୍ତି ଓ ସେମାନଙ୍କ ମଧ୍ୟରେ ଥିବା ସାଦୃଶ୍ୟ (ପରି, ତୁଲ୍ୟ, ସଦୃଶ, ଯେହ୍ନେ, ଯେସନ, ସରି, ଯଥା ପ୍ରଭୃତି) ସାଧାରଣବୋଧକ ଶବ୍ଦଦ୍ୱାରା ଅଭିହିତ ହୋଇଥାଏ, ସେଠାରେ **ଉପମା** ଅଳଙ୍କାର ହୁଏ।

ଯାହାକୁ ତୁଳନା ଦିଆଯାଇଥାଏ ତାହାକୁ **ଉପମେୟ** କୁହାଯାଏ। ଯଥା- ମୁଖ ଚନ୍ଦ୍ରପରି ସୁନ୍ଦର। ଏଠାରେ ମୁଖକୁ ଚନ୍ଦ୍ରସହିତ ତୁଳନା କରାଯାଇଥିବାରୁ 'ମୁଖ' ଉପମେୟ। ଯାହାସହିତ ତୁଳନା କରାଯାଏ ତାହା

**ଉପମାନ**। ସାଧାରଣତଃ ପ୍ରକୃତିର ସୌନ୍ଦର୍ଯ୍ୟବିଭବ କିମ୍ବା ଅଧିକ-ଗୁଣବିଶିଷ୍ଟ ବସ୍ତୁକୁ ଉପମାନ ଭାବେ ଗ୍ରହଣ କରାଯାଏ। ଏଠାରେ 'ଚନ୍ଦ୍ର' ବହୁଗୁଣବିଶିଷ୍ଟ ହୋଇଥିବାରୁ ଉପମାନ।

ଉପମେୟ ଓ ଉପମାନକୁ ଯେଉଁ ସାଧାରଣ ଗୁଣ ହେତୁ ତୁଳନା କରାଯାଏ ତାହାକୁ **ସାଧାରଣ ଧର୍ମ** କହନ୍ତି। ଉପରଲିଖିତ ବାକ୍ୟରେ ମୁଖ ଓ ଚନ୍ଦ୍ରର ସାଧାରଣ ଗୁଣ ହେଉଛି ସୌନ୍ଦର୍ଯ୍ୟ।

ଉପମେୟ ଓ ଉପମାନ ମଧ୍ୟରେ ଥିବା ସାଧାରଣ ଧର୍ମକୁ ଶବ୍ଦ ସଂଯୋଗ କରେ ଅଥବା ସେମାନଙ୍କ ସାଦୃଶ୍ୟକୁ ପ୍ରକାଶ କରେ, ତାହାକୁ **ଉପମାବାଚକ ଶବ୍ଦ** କୁହାଯାଏ। ପରି, ଯେହ୍ନେ, ଯଥା, ସଦୃଶ, ତୁଲ୍ୟ, ଯେସନ ପ୍ରଭୃତି ଉପମାବାଚକ ଶବ୍ଦ।

ଉଦାହରଣ– (କ) ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ।
(ଶରତ - ଭକ୍ତକବି ମଧୁସୂଦନ ରାଓ)

ଏଠାରେ ଉପମେୟ = ସୁନୀଳ ଅମ୍ବରେ (ଆକାଶରେ), ଧଳା ମେଘ

ଉପମାନ → ନୀଳ ସମୁଦ୍ରରେ ଭାସୁଥିବା ବୋଇତ

ସାଧାରଣ ଧର୍ମ → ଭାସିବା

ଉପମାବାଚକ ଶବ୍ଦ → ଯଥା

(ଖ) ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ,
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ,
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ,
ମିଶିଗଲା ତଥା ଅବଳା ସେହି ନୀଳ ତରଙ୍ଗେ।
(ଚନ୍ଦ୍ରଭାଗା - ରାଧାନାଥ ରାୟ)

ଏଠାରେ ଉପମେୟ - ଅବଳା (ଚନ୍ଦ୍ରଭାଗା)

ଉପମାନ - ପ୍ରଭାତୀ ତାରା, ଜୀବାତ୍ମା, ଚପଳା

ସାଧାରଣ ଧର୍ମ - ଲୀନହେବା, ମିଶିଯିବା

ଉପମାବାଚକ ଶବ୍ଦ - ଯଥା, ତଥା

ଏହି ପଦରେ ଗୋଟିଏ ଉପମେୟ ପାଇଁ ତିନୋଟି ଉପମାନ ରହିଛି। ଏହା ମାଳୋପମାର ଉଦାହରଣ।

### ୫.୨.୫. ଉତ୍ପ୍ରେକ୍ଷା :

ପ୍ରକୃତ ବସ୍ତୁରେ (ଉପମେୟରେ) ଅପ୍ରକୃତ ବସ୍ତୁ (ଉପମାନ)ର ସମ୍ଭାବନା ବା ତର୍କଣା କରାଗଲେ **ଉତ୍ପ୍ରେକ୍ଷା** ଅଳଙ୍କାର ହୁଏ। ଏହି ଅଳଙ୍କାରରେ 'କି, ସତେକି, ସିନା, ସତେ, ଅବା, କିବା, ବା, ବୋଧେ ପ୍ରଭୃତି ଉତ୍ପ୍ରେକ୍ଷାବାଚକ ଶବ୍ଦ ବ୍ୟବହୃତ ହୋଇଥାଏ।

ଉଦାହରଣ- (କ) ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ,
ନୀରଭେଦି କିବା ଉଠେ ଐରାବତ।
(ଚିଲିକା - ରାଧାନାଥ ରାୟ)

### ୫.୨.୬. ରୂପକ :

ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପିତ / କଥିତ ହେଲେ ଏବଂ ଉପମେୟରେ ଉପମାନର ଆରୋପ ହେଲେ **ରୂପକ** ଅଳଙ୍କାର ହୁଏ ।

ଉପମାଳଙ୍କାରରେ ଉପମାନ ଉପମେୟ ଉଭୟର ସାଦୃଶ୍ୟ ବର୍ଣ୍ଣନା କରାଯାଇଥାଏ । ରୂପକ ଅଳଙ୍କାରରେ ଉପମାନ ଓ ଉପମେୟର ଅଭେଦ କଳ୍ପନା କରାଯାଇଥାଏ ।

ଉଦାହରଣ- (କ) ଦରିଦ୍ରତା-ପଙ୍କପୂର୍ଣ୍ଣ ମୋ ଜୀବନ-ସର,
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।

[ ତପସ୍ୱିନୀ - ଗଙ୍ଗାଧର ମେହେର ]

ଏହି ପଦରେ 'ଦରିଦ୍ରତା'ରେ 'ପଙ୍କ'ର ଆରୋପଣ ହେତୁ 'ଜୀବନ' ଓ 'ଜଞ୍ଜାଳ'ରେ ଯଥାକ୍ରମେ 'ସର', 'ଜଳଦ-ଜଳ'ର ଆରୋପ କରାଯାଇଛି ।

ଉଦାହରଣ- (ଖ) କବିତା ବନିତା କବି ତା'ପିତା
କହିବା ଲୋକ ତା'ର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେତେହେଁ ଅବା ରହଇ ଯୋଗ୍ୟତା
କୁମତି ଗୁଆଁର
କେବଳ ବଇମାତ୍ର ଭାଇ ତା'ର ॥

[ ରସକଲ୍ଲୋଳ - ଦୀନକୃଷ୍ଣ ଦାସ ]

ଏଠାରେ କବିତା ଠାରେ ବନିତା, କବିଙ୍କଠାରେ ପିତା, କହିବା ଲୋକଠାରେ ଉପମାତା, ଗୁଆଁରଠାରେ ବୈମାତ୍ରେୟ ଭାଇର ଆରୋପ କରାଯାଇଅଛି ।

ଉଦାହରଣ-(ଗ) କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ,
କେମନ୍ତେ ସରି ତୋର ହେବି ନଳିନ !

[ ପଦ୍ମ - ଭକ୍ତକବି ମଧୁସୂଦନ ]

ଏଠାରେ କଳୁଷ ଓ ପଙ୍କ ମଧ୍ୟରେ ଅଭେଦ କଳ୍ପନା କରାଯାଇଛି ଏବଂ କଳୁଷ ଯାହା ପଙ୍କ ତାହା ବୋଲି କୁହାଯାଇଛି । ଅର୍ଥାତ୍ କଳୁଷ ଓ ପଙ୍କ ମଧ୍ୟରେ କୌଣସି ଭେଦନାହିଁ - ଦୁହେଁ ଏକ ବସ୍ତୁ ବୋଲି କଳ୍ପନା କରାଯାଇଛି ।

## ପ୍ରଶ୍ନାବଳୀ

୧. ଅଳଙ୍କାର କାହାକୁ କୁହାଯାଏ ?

୨. ସାହିତ୍ୟରେ ଅଳଙ୍କାର କେତେ ପ୍ରକାରର ଓ କ'ଣ କ'ଣ ?

୩. ବ୍ୟଞ୍ଜନ ବର୍ଣ୍ଣର ବାରମ୍ବାର ପ୍ରୟୋଗରେ କେଉଁ ଅଳଙ୍କାର ହୁଏ ?

୪. ଉପମାନ କାହାକୁ କହନ୍ତି ?

୫. ଉପମେୟ କାହାକୁ କହନ୍ତି ?

୬. ଉପମାବାଚକ ଶବ୍ଦର ତିନୋଟି ଉଦାହରଣ ଦିଅ ।

୭. '<u>ଜାତିପ୍ରେମ-ବହ୍ନି ପ୍ରଜ୍ୱଳିତ</u> କର' - କବିତାଂଶରେ ରେଖାଙ୍କିତ ପଦଗୁଡ଼ିକରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

୮. "କ୍ଷେପଣି କ୍ଷେପଣେ ତୋହରି ସଲିଳେ,
ହୀରକର ଉତ୍ସ ଉଠିଲା ସଲୀଳେ ।।" – ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

୯. "ପ୍ରଚେତା, ପ୍ରବାଳ ପ୍ରାସାଦର ରୁଚି,
ନୀଳ ନୀରୁ ଅବା ଫୁଟି ବାହାରୁଚି ।।"
ଏହି ପଦଟିରେ କେଉଁ ଅଳଙ୍କାର ରହିଛି ? ଏଠାରେ 'ଅବା' କି ପ୍ରକାର ପଦ ?

୧୦. ଗୋଟିଏ ଉପମା ଅଳଙ୍କାରରେ ସାଧାରଣ ଧର୍ମବାଚକ ପଦ ଦର୍ଶାଅ ।

୧୧. "ଦେଖି ନବ କାଳିକା ବକାଳିକା ମାଳିକା
ଆଳି କାଳିକାକାନ୍ତ ସ୍ମରି ।।" ଏଥିରେ କେଉଁ ଅଳଙ୍କାର ଅଛି ?

୧୨. "କୀର୍ତ୍ତି ସଉରଭ ଗଲା ଦିଗେ ଦିଗେ ଭାସି" - ଏଠାରେ କିଏ ଉପମେୟ ଓ କିଏ ଉପମାନ ଚିହ୍ନାଅ ।

୧୩. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଯାହାକୁ ତୁଳନା ଦିଆଯାଏ ତାକୁ ______କହନ୍ତି ।
(ଉପମେୟ, ଉପମାବାଚକ ଶବ୍ଦ, ଉପମାନ)

(ଖ) ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ ______ ଅଳଙ୍କାର କୁହାଯାଏ ।
(ଅନୁପ୍ରାସ, ଶ୍ଲେଷ, ଯମକ)

(ଗ) ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନ ଅର୍ଥ ପ୍ରକାଶ କରେ ସେଠାରେ ______ ଅଳଙ୍କାର ହୁଏ ।
(ଯମକ, ଶ୍ଲେଷ, ଉପମା)

୧୪. (କ) ରୂପକ ଅଳଙ୍କାରର ଲକ୍ଷଣ ନିର୍ଦ୍ଦେଶ ପୂର୍ବକ ଉଦାହରଣ ଦିଅ ।

(ଖ) ଅନୁପ୍ରାସ ଅଳଙ୍କାର କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାଅ ।

(ଗ) ଶ୍ଲେଷ ଅଳଙ୍କାରର ଗୋଟିଏ ଉଦାହରଣ ଦେଇ ବୁଝାଅ ।

❖ ❖ ❖

**ଷଷ୍ଠ ଅଧ୍ୟାୟ**

**କେବଳ ଅଭ୍ୟାସ ନିମନ୍ତେ ଉଦ୍ଦିଷ୍ଟ**

# ତଥ୍ୟଭିତ୍ତିକ ବିବରଣୀ

**୬.୧.** ପାଠକମାନଙ୍କର ଆଗ୍ରହ ସୃଷ୍ଟି କରିବା ନିମିତ୍ତ ଆଜିକାଲି ଅନେକ ସମ୍ବାଦଧର୍ମୀ ସାହିତ୍ୟ ଓ ସାହିତ୍ୟାଶ୍ରିତ ସମ୍ବାଦ ପ୍ରକାଶିତ ହେଉଛି । ଏହାକୁ ତଥ୍ୟଭିତ୍ତିକ ବିବରଣୀ ବା ଫିଚର କୁହାଯାଏ । କୌଣସି ଏକ ତଥ୍ୟ ଉପରେ ଆଧାରିତ ସାମାଜିକ ଚଳଣି, ସାଂସ୍କୃତିକ ବିଷୟ, ଅନୁଷ୍ଠାନ, ପ୍ରାକୃତିକ ପରିବେଶ, ଆଧ୍ୟାତ୍ମିକ ପରିବେଶ, ସ୍ୱାସ୍ଥ୍ୟ ଇତ୍ୟାଦି ସମ୍ପର୍କୀୟ ଘଟଣା ଏହାର ପରିସରଭୁକ୍ତ ହୋଇପାରେ ।

## ତଥ୍ୟଭିତ୍ତିକ ବିବରଣୀର ବିଶେଷତ୍ୱ :

୧. ଏହା ଯୁଗପତ୍ ସମ୍ବାଦ ଓ ସାହିତ୍ୟ ପାଠର ଆନନ୍ଦ ଦେଇଥାଏ ।

୨. ବିବରଣୀ ପାଠକ ମନରେ ଆଗ୍ରହ ସୃଷ୍ଟିକରେ ।

୩. ତଥ୍ୟଗୁଡ଼ିକର ପୂର୍ବାପର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଘଟଣା ଏକତ୍ର ପ୍ରକାଶ କରିପାରେ ।

୪. ରଙ୍ଗୀନ ଚିତ୍ର ବା କାର୍ଟୁନ ଜରିଆରେ ତଥ୍ୟଗୁଡ଼ିକୁ ଅଧିକ ଆକର୍ଷଣୀୟ କରାଯାଇପାରେ ।

୫. ସରଳଭାଷା, ଆକର୍ଷଣୀୟ ଓ କଳାତ୍ମକ ଉପସ୍ଥାପନା ଏହାର ଆଦର ବୃଦ୍ଧି କରାଏ ।

୬. ବିବରଣୀ ବର୍ତ୍ତମାନ ସହ ଅତୀତ ଓ ଅତୀତ ସହ ବର୍ତ୍ତମାନକୁ ତୁଳନା କରିବାରେ ସହାୟତା କରେ ।

## ପ୍ରସ୍ତୁତି କୌଶଳ :

ସମ୍ବାଦ ପ୍ରସ୍ତୁତି, ପ୍ରବନ୍ଧ ଲିଖନ ଇତ୍ୟାଦି ଭଳି ବିବରଣୀ ପ୍ରସ୍ତୁତିର ସ୍ୱତନ୍ତ୍ର କଳା କୌଶଳ ରହିଛି । ନିଜର ଦକ୍ଷତାକୁ ନେଇ ଲେଖକ ପ୍ରସଙ୍ଗ ବାଛି କେଉଁ ଦିଗ ଉପରେ ଆଲୋକପାତ କରିବେ ପ୍ରଥମେ ତା'ର ଏକ ଖସଡ଼ା ପ୍ରସ୍ତୁତ କରିବେ । ଅତି ସରଳଭାଷାରେ ପ୍ରାୟ ୧୦୦ ରୁ ୧୫୦ଟି ଶବ୍ଦ ମଧ୍ୟରେ ଏହାକୁ ଲେଖିବେ ।

"ଅଭ୍ୟାସ ବଳେ ଶିଶୁ ଯଥା,
ଶିଖଇ କ୍ରମେ କହି କଥା ।"

ଅଭ୍ୟାସ ବଳରେ ଶିଶୁ କଥା କହିବା ଓ ଚାଲି ଶିଖିବା ପରି ଛାତ୍ରୀଛାତ୍ରମାନେ ଅଭ୍ୟାସ କରି ବିବରଣୀ ବା ଫିଚର ଲେଖି ପାରିବେ । ନିମ୍ନରେ କେତେକ ତଥ୍ୟଭିତ୍ତିକ ବିବରଣୀର ଦୃଷ୍ଟାନ୍ତ ଦିଆଗଲା ।

# ଭୂମିପୁତ୍ର

ଡାରଉଇନ୍‌ଙ୍କ ବିବର୍ତ୍ତନବାଦ କହେ – ଜେଲିରୁ ଜଳଚର, ଉଭୟଚର, ସ୍ଥଳଚର ଆଦି ଜୀବସୃଷ୍ଟିପରେ ବାନରାକୃତି ମଣିଷର ଉଦ୍ଭବ ହେଲା। ତା'ର କ୍ରମୋବିକାଶ ହୋଇ ଉଲଗ୍ନ ଅସଭ୍ୟ ବଣ ମଣିଷ ଜାତ ହେଲେ। ଗଛ କୋରଡ଼ରେ କିମ୍ବା ପଥରଗୁମ୍ଫାରେ ଆଦିମାନବ ବାସ କରୁଥିଲେ। ପରିବାର ଗଠନ କରି ସ୍ଥାୟୀ ବସତି ସ୍ଥାପନ ପରେ କୃଷିକୁ ମଣିଷ ଆପଣେଇ ନେଲା। କୃଷିକାର୍ଯ୍ୟ ହେଲା ମଣିଷର ମୁଖ୍ୟ ବୃତ୍ତି।

ମହାକାଳ ସ୍ରୋତରେ ମାନବ ସଭ୍ୟତା ଉନ୍ନତ ହେଲା। ତାମ୍ର, କାଂସ୍ୟ, ବ୍ରୋଞ୍ଜ୍, ଲୌହ ଆଦି ବିଭିନ୍ନ ଯୁଗ ଦେଇ ସଭ୍ୟତା ଆଗେଇ ଚାଲିଲା। ଆର୍ଯ୍ୟଯୁଗରେ କର୍ମ ଅନୁସାରେ ଜାତି ପ୍ରଥା ସୃଷ୍ଟିହେଲା। ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର: ଏହି ଚାରିଜାତିରୁ ବିଭିନ୍ନ ଉପଜାତିର ଉଦ୍ଭବ ହେଲା। କେତେକ ସେବାକାରୀ ଶୂଦ୍ର ଜାତିକୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କର କୃଷିହିଁ ମୁଖ୍ୟ ବୃତ୍ତି ଥିଲା। ବ୍ରାହ୍ମଣମାନେ ପୂଜାପାଠ କଲେ ମଧ୍ୟ କୃଷିକର୍ମକୁ ଛାଡ଼ିଲେ ନାହିଁ। କ୍ଷତ୍ରିୟମାନେ ରାଜ୍ୟରକ୍ଷାକରି ଅଖଣ୍ଡ ଭୂସମ୍ପତ୍ତିର ମାଲିକଥିଲେ। ବାଣିଜ୍ୟ ବ୍ୟବସାୟ ସାଙ୍ଗକୁ କୃଷିକର୍ମଥିଲା ବୈଶ୍ୟମାନଙ୍କର ପ୍ରଧାନ ଜୀବିକା। ଭୂମିହୀନ ସେବାକାରୀମାନେ ଅନ୍ୟ ଜମିରେ ଚାଷ କାର୍ଯ୍ୟରେ ନିଯୁକ୍ତ ହୋଇ ଜୀବିକା ଉପାର୍ଜନ କଲେ। ଜାତିପ୍ରଥା ସୃଷ୍ଟିହେବା ଯୁଗଠାରୁ ଆଜିର ନବ୍ୟ-ସଭ୍ୟ ଯୁଗ ପର୍ଯ୍ୟନ୍ତ ହଜାର ହଜାର ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ କୃଷିକର୍ମ ଏବେ ବି ଚାଲିଛି। ପ୍ରାଚୀନ ପଦ୍ଧତି ଦୂରହୋଇ ଉନ୍ନତ ପଦ୍ଧତିରେ ତାହା ପରିମାର୍ଜିତ ହୋଇଛି। ବର୍ତ୍ତମାନ ଯୁଗରେ ବ୍ରାହ୍ମଣର ମୁଖ୍ୟ ଜୀବିକା ପୂଜା କର୍ମ ନୁହେଁ। ରାଜାମାନଙ୍କର ରାଜ୍ୟ ନାହିଁ କି ସେମାନେ ଆଉ ଶାସକ ନାହାନ୍ତି। ବ୍ରାହ୍ମଣ କିମ୍ବା ରାଜା ନିଜର ବୃତ୍ତି ହରାଇଥିଲେ ମଧ୍ୟ ଜମି ହରାଇ ନାହାନ୍ତି। ରାଜ୍ୟହୀନ ରାଜା ଓ ପୂଜାକର୍ମ ରହିତ ବ୍ରାହ୍ମଣମାନେ ରାଜସେବା (ଚାକିରି) କିମ୍ବା କୃଷିକର୍ମକରି ଜୀବିକା ନିର୍ବାହ କରୁଛନ୍ତି। ପୂର୍ବର ଚଷାପୁଅ ଓ ଆଜିର ଚଷାପୁଅ ମଧ୍ୟରେ ଫରକ କିଛି ନାହିଁ। ପୂର୍ବେ ସେ ଯେଉଁ କୃଷିବୃତ୍ତି କରୁଥିଲା ଏବେ ମଧ୍ୟ ସେଇ ବୃତ୍ତି ମଥାରେ ଟେକି ଧରିଛି।

ରାମାୟଣ ବର୍ଣ୍ଣିତ ରାଜର୍ଷି ଜନକ ସୁନା ଲଙ୍ଗଳରେ ଭୂମି କର୍ଷଣ କରି ଅକ୍ଷୟ ତୃତୀୟାଦିନ ଭୂମିରେ ପ୍ରଥମ ବିହନ ବୁଣୁଥିଲେ। ତାଙ୍କ ସଙ୍ଗେ ପ୍ରଜାମାନେ ମଧ୍ୟ ଜମି କର୍ଷଣ କରୁଥିଲେ। ରାଜାହୋଇ ମଧ୍ୟ ଜନକ କୃଷିବୃତ୍ତିକୁ ଛାଡ଼ି ନ ଥିଲେ। କପିଳବାସ୍ତୁର ରାଜା ଶୁଦ୍ଧୋଦନ ମଧ୍ୟ ଲଙ୍ଗଳରେ ଭୂମି କର୍ଷଣ କରୁଥିବା କଥା ଇତିହାସରେ ବର୍ଣ୍ଣିତ। ତେବେ ବ୍ରାହ୍ମଣ ହେଉ କି କ୍ଷତ୍ରିୟ ହେଉ ସମସ୍ତେ ମାଟି ମାଆର ସନ୍ତାନ। କୃଷିକର୍ମ ଏକ ସାର୍ବଜନୀନ ବୃତ୍ତି। ତେଣୁ ସମସ୍ତ ମଣିଷଜାତି ହେଉଛନ୍ତି ଭୂମିପୁତ୍ର।

# ଦୋଳଯାତ୍ରା

ଓଡ଼ିଆ କଥନିକାରେ – "ବାରମାସରେ ତେର ପର୍ବ।" ଏହାର ଅର୍ଥ ହେଲା ମାସ ଅନୁସାରେ ପର୍ବସଂଖ୍ୟା ଅଧିକ। ଏପରି ମାସ ନାହିଁ ଯେଉଁମାସରେ କି ପର୍ବ ପଡ଼େ ନାହିଁ। ଋତୁରାଜ ବସନ୍ତ ଫାଲ୍ଗୁନ ଓ ଚୈତ୍ରମାସରେ ରାଜତ୍ୱ କରିଥାଏ। ଏହି ଋତୁରେ ପ୍ରକୃତିରାଣୀ ଅପୂର୍ବଶୋଭା ବିମଣ୍ଡିତା ହୁଅନ୍ତି। ଶୀତର ପ୍ରକୋପ କମିଯାଏ। ଦକ୍ଷିଣ ଦିଗରୁ ମୃଦୁ ମଳୟାନିଳ ପ୍ରବାହିତ ହୁଏ। ମଳୟ ସ୍ପର୍ଶରେ ପଶୁପକ୍ଷୀଠାରୁ ଆରମ୍ଭକରି ଜୀବକୁଳ ହର୍ଷଉଲ୍ଲାସରେ ମାତି ଉଠନ୍ତି। କର୍ମ ଜଞ୍ଜାଳରୁ ମୁକ୍ତ ହୋଇ ଲୋକମାନେ ଦେବଦେବୀ ପୂଜା କରି ଆନନ୍ଦ ଉପଭୋଗ କରନ୍ତି।

ଶିବରାତ୍ରିପରେ ଫାଲ୍ଗୁନ ପୂର୍ଣ୍ଣିମା ତିଥିରେ ଓଡ଼ିଶାରେ ଗ୍ରାମେ ଗ୍ରାମେ ଦୋଳଯାତ୍ରା ପାଳିତ ହୋଇଥାଏ। ଦ୍ୱାପର ଯୁଗର ରାଧାକୃଷ୍ଣଙ୍କ କାହାଣୀକୁ ଭିତ୍ତିକରି ଏହି ଦୋଳଯାତ୍ରାର ସୃଷ୍ଟି । ଏହା ଏକ ରଙ୍ଗର ପର୍ବ ; ଫଗୁ (ଅବିର) ମଖା ହୋଲି ପର୍ବ ଅଟେ। ଗୋପପୁରର ସମସ୍ତ ଗୋପୀଗୋପାଳ ରାଧାକୃଷ୍ଣଙ୍କ ମେଳରେ ପରସ୍ପର ଅବିର ମଖାମଖି ହେଉଥିଲେ। ରଙ୍ଗପାଣି ପିଚକାରୀରେ ଭର୍ତ୍ତିକରି ପରସ୍ପରକୁ ମାରୁଥିଲେ।

ଫାଲ୍ଗୁନ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଓ ସ୍ଥଳ ବିଶେଷରେ ଚୈତ୍ର କୃଷ୍ଣ ଦଶମୀ ପର୍ଯ୍ୟନ୍ତ ପନ୍ଦରଦିନ ଧରି ଏହିଯାତ୍ରା ପାଳିତ ହୋଇଥାଏ। ବିଶେଷ କରି ଫାଲ୍ଗୁନ ପୂର୍ଣ୍ଣିମା ଦିନ ଯାତ୍ରାର ମହତ୍ତ୍ୱ ବେଶି। ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଲୋକେ ଅବିର ବା ଫଗୁ ଲଗାଇ ଦିଅନ୍ତି। ଲୋକମାନେ ପରସ୍ପରକୁ ଫଗୁ ବୋଳି ଠାକୁରଙ୍କୁ ବିମାନରେ ବସାଇ ଦୋଳମଣ୍ଡପକୁ ନିଅନ୍ତି। ବଉଳ ବାସ୍ନାରେ ମହକି ଉଠୁଥିବା ଆମ୍ବତୋଟା ମଧ୍ୟରେ ଦୋଳଯାତ୍ରା ପାଳିତ ହୁଏ। ଗୋପାଳ ଜାତିର ଲୋକମାନଙ୍କର ଏହା ମୁଖ୍ୟ ପର୍ବ। ଢୋଲ, ମହୁରି, ମୃଦଙ୍ଗ ଆଦି ବାଦ୍ୟର ମୂର୍ଚ୍ଛନା ପରିବେଶକୁ ମୁଖରିତ କରେ। ଖୋଳ, ଝାଞ୍ଜ ବଜାଇ କୀର୍ତ୍ତନର ତାଳେ ତାଳେ ଗୋପାଳମାନଙ୍କ ବେଣୁ, ଶିଙ୍ଗାନାଦ ଓ ଚିତ୍ତାକର୍ଷକ ବାଡ଼ିଖେଳ ମଧ୍ୟରେ ପଟୁଆର ଯାତ୍ରାମଣ୍ଡପକୁ ଯାଏ। ନାଚ, ଗୀତ, କୀର୍ତ୍ତନ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମରେ ରାତିଟି ଅତିବାହିତ ହୋଇଥାଏ। ପୁନଶ୍ଚ ପୂର୍ଣ୍ଣିମା ପରଦିନ ରଙ୍ଗହୋରି ଖେଳି ଲୋକମାନେ ଆନନ୍ଦ ଉପଭୋଗ କରିଥାନ୍ତି । ବାସ୍ତବରେ ଦୋଳଯାତ୍ରା ଏକ ମହାନ ପରମ୍ପରା ଅଟେ।

## ପ୍ରଧାନପାଟ

ପଲ୍ଲୀ ଠାରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ, ଦେଶ; ବ୍ୟାପକ ଅର୍ଥରେ ଏ ସମସ୍ତ ଆମ ଜନ୍ମଭୂମି। ଏଇ ଜନ୍ମଭୂମି ଆମପାଇଁ କେତେ ବିଲ, ବଣ, ପାହାଡ଼ ପର୍ବତ, ନଦ-ନଦୀ, ପ୍ରପାତ-ନିର୍ଝର, ହ୍ରଦ-ସାଗର ଆଦି ପ୍ରାକୃତିକ ଦୃଶ୍ୟ ଭରା ସ୍ଥାନ ସଜାଇ ରଖିଛି। ସେ ସବୁକୁ ଦେଖି ଆମେ ଆନନ୍ଦରେ ଆତ୍ମହରା ହେଉ।

ଆମ ଓଡ଼ିଶା ରାଜ୍ୟର ଦେବଗଡ଼ ଏକ କ୍ଷୁଦ୍ର ଜିଲ୍ଲା। ଦେବଗଡ଼ ସହର ହେଉଛି ଏହି ଜିଲ୍ଲାର ସଦର ମହକୁମା। ଏହି ସହରର ପ୍ରାୟ ଏକ କିଲୋମିଟର ଦୂରରେ ରହିଛି ପ୍ରଧାନପାଟ ପର୍ବତ। ତହିଁରୁ ଝରି ଆସୁଥିବା ଝରଣାରୁ ସୃଷ୍ଟି ହୋଇଛି ଅତି ଉଚ୍ଚ ପ୍ରଧାନପାଟ ଜଳପ୍ରପାତ। ପ୍ରପାତର ଉତ୍ପତ୍ତି ବିଷୟରେ ଲୋକ ପ୍ରଚଳିତ ଏକ ସୁନ୍ଦର କାହାଣୀ ରହିଛି।

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ପାଣ୍ଡବମାନେ ପରୀକ୍ଷିତଙ୍କୁ ରାଜ୍ୟଦେଇ ଦ୍ରୌପଦୀଙ୍କୁ ସାଙ୍ଗରେ ଧରି ତୀର୍ଥାଟନରେ ବାହାରିଲେ। ପୂର୍ବ ସମୁଦ୍ରକୂଳସ୍ଥ ଅର୍କକ୍ଷେତ୍ରରେ ସୂର୍ଯ୍ୟଦେବଙ୍କୁ ପୂଜାକରି ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣକଲେ। ପ୍ରାଚୀନ କୋଶଳ ରାଜ୍ୟରେ ଭ୍ରମଣ କଲାବେଳେ ସେମାନେ ଜଳ ନ ପାଇ ତୃଷାତୁର ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ। ଭକ୍ତବତ୍ସଳ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବଙ୍କ କଷ୍ଟ ସହି ନ ପାରି କୌମୋଦକୀ ଗଦାରେ ପ୍ରଧାନପାଟ ପର୍ବତକୁ ପ୍ରହାର କରି ସାତଟି କୁଣ୍ଡ ସୃଷ୍ଟିକଲେ। ଗଦା ପ୍ରହାର ଶବ୍ଦରେ ବନଭୂମି ପ୍ରକମ୍ପିତ ହେଲା। ପାଣ୍ଡବମାନେ ଶବ୍ଦ ଶୁଣି ଚକିତ ହେଲେ। ସାତ କୁଣ୍ଡରୁ ଜଳ ଝରି ପର୍ବତରେ ଏକ ପ୍ରପାତ ସୃଷ୍ଟିକଲା। ଯୁଧିଷ୍ଠିର ଝାଡ଼େଶ୍ୱର ଶିବଲିଙ୍ଗ ସ୍ଥାପନ କରି ସେହି ଜଳରେ ତାଙ୍କୁ ପ୍ରତିଷ୍ଠା କଲେ। ତା ପରେ ଦ୍ରୌପଦୀଙ୍କ ସହ ପଞ୍ଚଭ୍ରାତ ଜଳପାନ କରି ତୃପ୍ତ ହେଲେ।

ହଜାର ହଜାର ବର୍ଷପରେ ବାମଣ୍ଡାରେ ଗଙ୍ଗବଂଶୀ ରାଜାଗଣ ରାଜତ୍ୱ କଲେ। ପ୍ରଧାନପାଟର ଉତ୍ପତ୍ତି ଓ ତାର ମହିମା ପ୍ରଚାର ପାଇଁ ଜଣେ ଋଷି ଏହି ବଂଶର ଜନୈକ ରାଜାଙ୍କୁ ଡାକିନେଇ ଝରଣାକୁ ଦେଖାଇଲେ। ସେ ପ୍ରପାତର ଜଳକୁ ରଜ୍ଜୁରୂପେ ଧରି ଉପରକୁ ଉଠି ଅଦୃଶ୍ୟ ହୋଇଗଲେ। ଏହା ଦେଖି ରାଜା ଭୀତ, ଚକିତ ହେଲେ। ସେହି ସ୍ମୃତିକୁ ସେ ସ୍ମରଣ ରଖିବାପାଇଁ ପ୍ରପାତ ଗୁମ୍ଫାରେ ଋଷିଙ୍କର ପ୍ରସ୍ତର ବିଗ୍ରହ ସ୍ଥାପନ କଲେ।

ପ୍ରଧାନପାଟ ପ୍ରପାତ ଦୁଇଟି ଶାଖାରେ ବିଭକ୍ତ। ପ୍ରଧାନ ଶାଖାଟି ଦେବଗଡ଼ର ଉତ୍ତରରେ ଅବସ୍ଥିତ। ଅନ୍ୟ ଶାଖାଟି ଦେବଗଡ଼ର ଉତ୍ତର-ପଶ୍ଚିମରେ କୋରଡ଼କୋଟଠାରେ ରହିଛି। ବାମଣ୍ଡାର ପ୍ରଖ୍ୟାତ ମହାରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ କୋରଡ଼କୋଟ ଜଳପ୍ରପାତରୁ ଜଳବିଦ୍ୟୁତ ଶକ୍ତି ଉତ୍ପନ୍ନ କରାଇ ରାଜଧାନୀ ଦେବଗଡ଼କୁ ଆଲୋକିତ କରିଥିଲେ।

ପ୍ରଧାନପାଟ ପ୍ରପାତର ଜଳ ପର୍ବତର ପାଦଦେଶରେ ଅବସ୍ଥିତ ଗୋଟିଏ କୁଣ୍ଡରେ ଝର୍ଝର ଶବ୍ଦରେ ପତିତ ହୋଇ ତଳକୁ ବହି ଯାଇଛି। ପ୍ରପାତରୁ ଛିଞ୍ଚାଡ଼ିହୋଇ ପଡୁଥିବା ଜଳରେ ପତିତ ସୂର୍ଯ୍ୟ କିରଣ ହେତୁ ଶତ ଶତ ଇନ୍ଦ୍ରଧନୁ ସୃଷ୍ଟିହୁଏ। ପ୍ରଧାନପାଟ ଜଳକୁ ରାଜା ବାସୁଦେବ ପାଇପ୍ ସାହାଯ୍ୟରେ ରାଜଧାନୀକୁ ଯୋଗାଇ ଦେଉଥିଲେ। ସେଇ ଜଳରେ ଲୋକମାନେ ସ୍ନାନ, ରନ୍ଧନ କରିବା ସଙ୍ଗେ ଜମିରେ ଜଳସେଚନ କରୁଥିଲେ।

ପ୍ରଧାନପାଟ ପ୍ରପାତର ପାଦଦେଶରେ "ବସନ୍ତନିବାସ" ଓ "ଲଳିତ ନିବାସ" ନାମକ ଦୁଇଟି ରମଣୀୟ ଶୈଳନିବାସ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ବସନ୍ତ ନିବାସରେ ଋତୁରାଜ ବସନ୍ତ ସବୁଦିନେ ଅବସ୍ଥାନ କରିଥାନ୍ତି। ପ୍ରପାତର ଅନତି ଦୂରରେ ଗୋଟିଏ କୂଳରେ ଦୁଇଟି ସୁନ୍ଦର ଉଦ୍ୟାନ ରାଜା ବାସୁଦେବ ସୁଢ଼ଳଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ହାତୀ, ବାଘ, ଭାଲୁ, ଜଳହସ୍ତୀ, କୁମ୍ଭୀର, ସନ୍ନ୍ୟାସୀ, ନର୍ତ୍ତକୀ ଆଦି ଅନେକ ଗୁଡ଼ିଏ ସିମେଣ୍ଟ ନିର୍ମିତ ପ୍ରତିମୂର୍ତ୍ତି ଉଦ୍ୟାନର ଶୋଭା ବଢ଼ାଉଥିଲା। ଲୋକମାନଙ୍କର ଅମାନୁଷିକ ଅତ୍ୟାଚାର ଯୋଗୁଁ ଉଦ୍ୟାନଟି ନଷ୍ଟ ହୋଇଯାଇଛି। ପ୍ରଧାନପାଟ ରୋଗୀ, ଭୋଗୀ, ଉଭୟଙ୍କପାଇଁ ଆମୋଦଦାୟକ ସ୍ଥଳୀ ଅଟେ। ବଣଭୋଜି ପାଇଁ ବର୍ଷସାରା ଏଠାକୁ ଅନେକ ଲୋକ ଆସନ୍ତି।

ସାହିତ୍ୟାନୁରାଗୀ ମହାରାଜା ବାସୁଦେବ ସୁଢ଼ଳଦେବ ଓ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ସମୟରେ ଓଡ଼ିଶାର ବିଶିଷ୍ଟ କବି ଏବଂ ଲେଖକମାନେ ଆସି ଏହି ସ୍ଥାନରେ ସେମାନଙ୍କର ସାହିତ୍ୟ ସାଧନା କରୁଥିଲେ।

ଓଡ଼ିଶା–ପୁଷ୍କରିଣୀରେ 'ପ୍ରଧାନପାଟ' ପଦ୍ମପୁଷ୍ପତୁଲ୍ୟ ଶୋଭାପାଉଛି।

# ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା

ଓଡ଼ିଶାରେ ପାଳିତ ହେଉଥିବା ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟତୃତୀୟା ହେଉଛି ଏକ ମହାନ କୃଷି ଭିତ୍ତିକ ସାମାଜିକ ପର୍ବ। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ଦିନ ଏହି ପର୍ବଟି ପାଳିତ ହୋଇଥାଏ। ଏହି ଦିନଟିକୁ ଅକ୍ଷୟତୃତୀୟା କାହିଁକି କୁହାଯାଏ ତାର ଅନେକ କାରଣ ରହିଛି। ସତ୍ୟଯୁଗରେ ପ୍ରବଳ ପ୍ରତାପୀ ଅକ୍ଷୟାସୁରର ଅତ୍ୟାଚାରରେ ପୃଥିବୀ ଥରହର ହେଲା। ଦେବତାମାନେ ତା ଭୟରେ ସ୍ୱର୍ଗଛାଡ଼ି ପଳାୟନ କଲେ। ଭଗବାନ ବିଷ୍ଣୁ ବୈଶାଖ ଶୁକ୍ଳ ତୃତୀୟା ଦିନ ଅକ୍ଷୟାସୁରକୁ ନିଧନ କରି ପୃଥିବୀକୁ ଶାନ୍ତ କଲେ। ଅକ୍ଷୟାସୁର ନାମରେ ଏହି ଦିନଟିକୁ ଅକ୍ଷୟତୃତୀୟା ବୋଲି କୁହାଗଲା। ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ସମୟକୁ ଚାରିଟି ଯୁଗରେ ଭାଗ କରାଯାଏ। ଚାରିଯୁଗ ହେଲା ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି। ଅକ୍ଷୟାତୃତୀୟା ଦିନଟି ଆଦି ସତ୍ୟଯୁଗର ପ୍ରଥମ ଦିବସ। ଏହିଦିନ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ଏହିଦିନ କୃଷକମାନେ ନିଜ ନିଜ ଜମିରେ ବିଧିପୂର୍ବକ ମୁଠି ଅନୁକୂଳ କରିଥାନ୍ତି। ଧାନ ହେଉଛି ଅକ୍ଷୟ ବୀଜ। ତେଣୁ ପ୍ରଥମ ଧାନବୁଣା ଦିନଟିକୁ ଅକ୍ଷୟତୃତୀୟା କହିବା ସମୀଚୀନ ଅଟେ। 'ସ୍କନ୍ଦ ପୁରାଣ'ର ଉତ୍କଳଖଣ୍ଡରେ "ନୀଳାଦ୍ରି ମହୋଦୟ" ଜଗନ୍ନାଥଙ୍କ ରଥନିର୍ମାଣ ବିବରଣୀ ବର୍ଣ୍ଣିତ। ପ୍ରାଚୀନ କାଳରୁ ଏ ଯାବତ୍ ଜଗନ୍ନାଥଙ୍କ ରଥନିର୍ମାଣ କାର୍ଯ୍ୟ ପବିତ୍ର ଅକ୍ଷୟାତୃତୀୟା ଦିନରୁ ସଂପାଦିତ ହୋଇ ଆସୁଛି। ତେଣୁ ଅକ୍ଷୟତୃତୀୟା ଦିନଟି ଆମପାଇଁ ପବିତ୍ର ଅଟେ।

ଏହି ଅକ୍ଷୟତୃତୀୟା ଦିନଠାରୁ ମହାପ୍ରଭୁ ଜଗନ୍ନାଥ ଓ ଲିଙ୍ଗରାଜ ମହାଦେବଙ୍କର ଚନ୍ଦନ ଯାତ୍ରା ଉତ୍ସବ ଆରମ୍ଭ ହୋଇଥାଏ। ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ପର୍ବ ପାଳିତ ହୋଇଥାଏ। ସ୍କନ୍ଦ ପୁରାଣର ଉତ୍କଳଖଣ୍ଡରେ ତ୍ରିକାଳଜ୍ଞ ମହାମୁନି ଜୈମିନୀ ଋଷିମାନଙ୍କୁ ଜଗନ୍ନାଥଙ୍କର ଯାତ୍ରାଗୁଡ଼ିକ ବିଷୟରେ ବର୍ଣ୍ଣନାକରି ଅକ୍ଷୟତୃତୀୟାର ମାହାତ୍ମ୍ୟ କହିଛନ୍ତି।

ଅକ୍ଷୟତୃତୀୟା ପୂର୍ବଦିନ କୃଷକମାନେ ଜମିରେ ପାଣି ପକାଇ ରଖନ୍ତି। ନୂତନ ଲଙ୍ଗଳ, ନୂତନ କାଙ୍କ, କୋଡ଼ି, କୋଦାଳ, ନୂତନ ଭାର, ଶିକା, ଧାନ ଗଉଣି ଓ ଶୁକ୍ଳଧାନ ଆଦି ପ୍ରସ୍ତୁତ କରନ୍ତି। ତୃତୀୟାଦିନ ପାହାନ୍ତା ପ୍ରହରରୁ ଶେଯରୁ ଉଠି ସ୍ନାନ ଶୌଚ ପୂର୍ବକ ନବବସ୍ତ୍ର ପରିଧାନ କରନ୍ତି। ଘର ସାମ୍ନାକୁ ଗୋମୟ ଦ୍ୱାରା ଲିପି କଳସ ସ୍ଥାପନ କରି ଦୀପ ଜଳାନ୍ତି। ନୂତନ ଭାରରେ ଧାନ ଗଉଣି, ପୂଜାସାମଗ୍ରୀ ଓ ଜଳ ଧରି ବାହାରି ପଡ଼ନ୍ତି। ଶଙ୍ଖ, ଘଣ୍ଟ ବଜାଇ ଓ ହୁଳହୁଳି ଦେଇ ଗୃହିଣୀମାନେ ଶୁଭକାମନା କରି ସ୍ୱାମୀମାନଙ୍କୁ କ୍ଷେତକୁ ପଠାନ୍ତି। ଜମିରେ କୃଷକ ବିଧିପୂର୍ବକ ଭୂମିପୂଜା ଓ ଲକ୍ଷ୍ମୀପୂଜାକରି ଅଧିକ ଫସଲ ଅମଳର ଆଶାନେଇ ଧାନମୁଠି ଅନୁକୂଳ କରନ୍ତି। ଘରେ ଘରେ ଆନନ୍ଦ ଲହରୀ ଖେଳିଯାଏ। ଅରୁଆ ଚାଉଳର ଖେଚୁଡ଼ି ଓ ପିଠାପଣା କରି ଗୃହଣୀମାନେ ନୂତନ ପଳାଶ ପତ୍ରରେ ପରିବାରର ସଭିଙ୍କୁ ଖାଇବାକୁ ଦିଅନ୍ତି। ଲୋକଙ୍କର ବିଶ୍ୱାସ ଏହିଦିନ ଶାଗ ଖାଇଲେ ଜମିରେ ଅଧିକ ଘାସ ଜନ୍ମିଥାଏ। ତେଣୁ ଲୋକମାନେ ଏ ଦିନ ଶାଗ ଖାଆନ୍ତି ନାହିଁ।

ଅକ୍ଷୟତୃତୀୟା ଦିନଟି ପଶ୍ଚିମ ଓଡ଼ିଶାରେ ଜ୍ୱାଇଁପୂଜନ ଦିବସ ଭାବେ ଖ୍ୟାତ। ଜ୍ୱାଇଁମାନଙ୍କୁ ଘରକୁ ଆମନ୍ତ୍ରଣକରି ନୂତନ ବସ୍ତ୍ର ଦେଇ ଫଳମୂଳ ଖୁଆଇ ଆପ୍ୟାୟିତ କରାଯାଏ। ଲୋକମାନେ ପରସ୍ପରକୁ କାକୁଡ଼ି, ତରଭୁଜ, ଆମ୍ବ, ଖଜୁରୀ, ଲିଚୁ, କେନ୍ଦୁ ଆଦି ଫଳ ଖୁଆଇ ଆନନ୍ଦ ଉପଭୋଗ କରନ୍ତି।

ଅକ୍ଷୟତୃତୀୟା ଓଡ଼ିଆ ସଂସ୍କୃତିର ଶୁଚିମନ୍ତ ପ୍ରତୀକ। ଧାର୍ମିକ ତଥା କୃଷିଭିତ୍ତିକ ପର୍ବଭାବରେ ଶ୍ରେଷ୍ଠତ୍ୱ ଲାଭକରି ଆମ୍ଭମାନଙ୍କୁ ପ୍ରେରଣା ଦେଉଛି।

# ଅରଣ୍ୟ ସଂପଦ

ଖାଦ୍ୟ ବସ୍ତ୍ର ଆଦି ଯୋଗାଉଥିବା କୃଷିଜାତ ଦ୍ରବ୍ୟକୁ ଫସଲ କୁହାଯାଏ। ଜମିରେ ବିହନ ବୁଣି କିମ୍ବା ରୋପଣକରି ଫସଲ କରାଯାଇଥାଏ। କିନ୍ତୁ ଅରଣ୍ୟ ଫସଲ କହିଲେ ଅରଣ୍ୟ ସଂପଦ ଯଥା ବୃକ୍ଷଲତା, ଜୀବଜନ୍ତୁ ଓ ଖଣିଜ ପଦାର୍ଥ ଆଦିକୁ ବୁଝାଇଥାଏ। ଜମିର ଫସଲ ପରି ଅରଣ୍ୟ ଫସଲକୁ ଚାଷ କରାଯାଏ ନାହିଁ। ତାହା ଆପେ ଆପେ ସୃଷ୍ଟି ହୋଇଥାଏ। ମାଆ ଗଛର ମଞ୍ଜି ପବନରେ, ଜଳସ୍ରୋତରେ କିମ୍ବା ଜୀବଜନ୍ତୁମାନଙ୍କ ଦ୍ୱାରା ଅନ୍ୟତ୍ର ପରିବାହିତ ହୋଇ ଭୂଇଁରେ ପଡ଼ି ଅଙ୍କୁରୋଦ୍ଗମ ହୋଇଥାଏ। କୃଷିଜାତ ଦ୍ରବ୍ୟପରି ଅରଣ୍ୟ ଫସଲର ଉପକାରିତା ବ୍ୟାପକ। ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ମନୁଷ୍ୟର ମୁଖ୍ୟ ଆବଶ୍ୟକତାଗୁଡ଼ିକ ଏହା ପୂରଣ କରିଥାଏ। ଚାଷକର୍ମ ନ ଜାଣିଥିବା ଆଦିମମାନବ ଅରଣ୍ୟରୁ ଫଳ, ମୂଳ, ମାଂସ ଆଦି ସଂଗ୍ରହକରି ଜୀବିକା ନିର୍ବାହ କରୁଥିଲା। ଗଛର ଫଳ, ମୂଳ ଓ ପଶୁପକ୍ଷୀଙ୍କ ମାଂସ ହେଲା ଖାଦ୍ୟ, ଗଛର ପତ୍ର ଓ ବକଳ ହେଲା ବସ୍ତ୍ର ଏବଂ ଗଛ କୋରଡ଼ ଯୋଗାଉଥିଲା ବାସସ୍ଥାନ। ଆଜିକାଲି ଜମିରେ ଚାଷ କରାଯାଥିବା ଖାଦ୍ୟଶସ୍ୟ, ତୈଳବୀଜ, ତନ୍ତୁ ଜାତୀୟ ଫସଲ, ପାନୀୟ, ଅର୍ଥକରୀ ଫସଲ ଓ ଫଳମୂଳର ଜନନୀ ହେଉଛି ଏହି ଅରଣ୍ୟ। ଆଦିମ ଶସ୍ୟ ଏହି ଅରଣ୍ୟରୁ ହିଁ ମିଳିଥିଲା। ମନୁଷ୍ୟ କ୍ରମେ କ୍ରମେ ଯେପରି ଉନ୍ନତ ହେଲା ଠିକ୍ ସେହିପରି ଶସ୍ୟର ମଧ୍ୟ ଉନ୍ନତି ଘଟିଲା।

ଏବେ ମଧ୍ୟ ଅରଣ୍ୟ ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେଉଛି। ଅରଣ୍ୟ ବୃଷ୍ଟି ନିମନ୍ତେ ଅତ୍ୟନ୍ତ ସହାୟକ। ଗଛର ଚେର ମାଟିକୁ ଜାବୁଡ଼ିଧରି ମୃତ୍ତିକା ସଂରକ୍ଷଣ କରୁଛି। ଅମ୍ଳଜାନ ଦେଉଛି ଓ ଅଙ୍ଗାରକାମ୍ଳ ନେଉଛି। ପରିବେଶକୁ ସନ୍ତୁଳିତ କରୁଛି।

ଅରଣ୍ୟରୁ ମିଳୁଥିବା କାଠ, ବାଉଁଶ, ସବାଇଘାସ, ଲାଖ, ଝୁଣା, ଶିଙ୍ଗ, ଚମଡ଼ା, ହାତୀଦାନ୍ତ, ହରିଡ଼ା, ବାହାଡ଼ା, ଅଁଳା, ଔଷଧୀୟ ଚେରମୂଳ, କେନ୍ଦୁପତ୍ର, ଅଠା ଆଦିରେ ବିଭିନ୍ନ ଶିଳ୍ପ କାରଖାନା ପ୍ରତିଷ୍ଠିତ ହେଉଛି। କାଗଜ ଶିଳ୍ପ, ରବର ଶିଳ୍ପ, ଦିଆସିଲି କାରଖାନା, ବିଭିନ୍ନ ଖେଳନା ଶିଳ୍ପ ଆଦି ଅରଣ୍ୟ ସଂପଦ ଉପରେ ନିର୍ଭରଶୀଳ। କାଠମଣ୍ଡରୁ ରେୟନ ବସ୍ତ୍ର ମଧ୍ୟ ତିଆରି ହେଉଛି।

ଅରଣ୍ୟ ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ। ସେମାନେ ଅରଣ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅରଣ୍ୟ ସୁରକ୍ଷା କରିଥାନ୍ତି। ହାତୀ, ବାଘ, ଭାଲୁ ଆଦି ହିଂସ୍ର ଜନ୍ତୁଙ୍କ ଭୟରେ ଲୋକମାନେ ଅରଣ୍ୟକୁ ଯାଆନ୍ତି ନାହିଁ। ଅରଣ୍ୟ ଆମର ଅମୂଲ୍ୟ ସଂପଦ। ତାର ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ। ନିର୍ବିଚାରରେ ଲୋକମାନେ ଗଛକାଟି ଅରଣ୍ୟ ନଷ୍ଟ କରୁଛନ୍ତି। ଗଛର ଉପକାରିତା ବିଷୟରେ ଲୋକଙ୍କୁ ବୁଝାଇ ସଚେତନ କରାଇଲେ ଅରଣ୍ୟ ନଷ୍ଟ ହେବନାହିଁ। କୃଷିକ୍ଷେତ୍ରୀୟ ବନୀକରଣ ଓ ସାମାଜିକ ବନୀକରଣ ଦ୍ୱାରା ଗ୍ରାମର ପରିବେଶ ସୁରକ୍ଷାହେବ। ସରକାର ତଥା ଲୋକଙ୍କ ପ୍ରଚେଷ୍ଟାରେ ଗ୍ରାମ କମିଟିମାନ ଗଢ଼ାଯାଇ ଜଙ୍ଗଲ ସୁରକ୍ଷା କରାଯାଉଛି। ସରକାରଙ୍କର ବନ ମହୋତ୍ସବକୁ ସମ୍ମାନ ଦେଇ ପ୍ରତ୍ୟେକ ମଣିଷ ଗଛ ଲଗାଇ ଅରଣ୍ୟ ବୃଦ୍ଧି କରିବା ଉଚିତ୍। ଅଗ୍ନିଦାଉରୁ ଅରଣ୍ୟକୁ ରକ୍ଷାକରିବା ଆମର କର୍ତ୍ତବ୍ୟ। ଆମେ ଅରଣ୍ୟର ଯତ୍ନ ନେଲେ ସେ ଆମକୁ ପୁଅପରି ପାଳିବ, ପୋଷିବ। କଥାରେ ଅଛି;

"ପୁଅସିନା ପୋଷେ ମା' ବାପକୁ,
ଗଛ ପାଳେପୋଷେ ବହୁ ଲୋକଙ୍କୁ।"

❖ ❖ ❖

**ସପ୍ତମ ଅଧ୍ୟାୟ**

**କେବଳ ଅଭ୍ୟାସ ନିମନ୍ତେ ଉଦ୍ଦିଷ୍ଟ**

# ଟିପ୍‌ପଣୀ ଓ ଚିଠା ପ୍ରସ୍ତୁତି

**୭.୧.** ୧୯୩୬ ମସିହା ଅପ୍ରେଲ୍ ମାସ ଏକ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭକଲା, କିନ୍ତୁ ସମସ୍ତ ସରକାରୀ, ଅର୍ଦ୍ଧସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଇଂରାଜୀ ଭାଷାରେ ସମସ୍ତ କାର୍ଯ୍ୟ ପୂର୍ବ ପରି ସମ୍ପାଦିତ ହେଉଥିଲା। ପ୍ରାୟ ଦୀର୍ଘ ୪୮ ବର୍ଷପରେ ୧୯୮୪ ମସିହା ଅପ୍ରେଲ ମାସରୁ ଓଡ଼ିଶା ସରକାରଙ୍କର ବିଭାଗୀୟ ମୁଖ୍ୟଦପ୍ତର ଓ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକରେ ଟିପ୍‌ପଣୀ (ନୋଟିଂ), ଚିଠା (ଡ୍ରାଫ୍‌ଟିଂ) ଓ ପତ୍ର ବିନିମୟ (କରେସ୍‌ପଣ୍ଡେନ୍‌ସ୍) ଆଦି କାର୍ଯ୍ୟକୁ ଓଡ଼ିଆ ଭାଷାରେ କରାଯିବା ପାଇଁ ନିର୍ଦ୍ଦେଶ ଦିଆଗଲା। ଇଂରାଜୀ ଭାଷାରେ ଲେଖାଯାଉଥିବା ନଥିପତ୍ରକୁ (ଫାଇଲ୍) ଠିକ୍ ଭାବରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଓଡ଼ିଶା ସରକାରଙ୍କ ବିଧିବିଭାଗ ଆନୁକୂଲ୍ୟରେ "ସରକାରୀ ଭାଷା ସହଚର" ଓ "ପ୍ରଶାସନ ଶବ୍ଦକୋଷ" ନାମକ ଦୁଇଟି ପୁସ୍ତିକା ପ୍ରକାଶ ପାଇଛି।

ଓଡ଼ିଆ ଭାଷାର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ରୂପରେ ଦେଖାଯାଏ। କଥିତଭାଷା, ସାହିତ୍ୟିକ ଭାଷା, ପାଠ୍ୟପୁସ୍ତକ ଏବଂ ସରକାରୀ ନଥିପତ୍ରରେ ବ୍ୟବହୃତ ଓଡ଼ିଆ ଭାଷାର ରୂପ ସମ୍ପୂର୍ଣ୍ଣ ଅଲଗା। ସରକାରୀ ନଥିପତ୍ରରେ ବ୍ୟବହୃତ ଭାଷା ସ୍ୱତନ୍ତ୍ର ଧରଣର। ଏଥିରେ ଭାବପ୍ରବଣତା ଓ ଆଲଙ୍କାରିକ ପ୍ରୟୋଗ ହୋଇ ନ ଥାଏ। ଏହାର ଭାଷା ସରଳ, ସଂକ୍ଷିପ୍ତ, ସ୍ପଷ୍ଟ, ପ୍ରାଞ୍ଜଳ ଓ ସଂଯତ ହୋଇଥାଏ। ଯୌଗିକ ବା ଜଟିଳ ବାକ୍ୟର ବ୍ୟବହାର କରାନଯାଇ ଏଥିରେ ଯଥାସମ୍ଭବ ସରଳବାକ୍ୟ ପ୍ରୟୋଗ କରାଯାଏ। ଏହି ଦୃଷ୍ଟିରୁ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷାରେ ସରକାରୀ ନଥିପତ୍ର କାର୍ଯ୍ୟବିଷୟରେ ଶିକ୍ଷା ଦିଆଯିବା ଏକ ସମୟୋଚିତ ପଦକ୍ଷେପ।

## ୭.୧.୧. ଟିପ୍‌ପଣୀ :

ସାଧାରଣତଃ ବିଭାଗୀୟ ମୁଖ୍ୟଦପ୍ତର, ଅଧସ୍ତନ କାର୍ଯ୍ୟାଳୟ କିମ୍ବା ଅର୍ଦ୍ଧସରକାରୀ କାର୍ଯ୍ୟାଳୟ ଆଦିକୁ ଅଥବା ଏହି କାର୍ଯ୍ୟାଳୟମାନଙ୍କରୁ ସଚିବାଳୟକୁ ଯେଉଁ ଚିଠି ଆସେ ପ୍ରଥମେ ତାହାର ଡାଇରି କରାଯାଏ। ତାହାପରେ ଚିଠିର ବିଷୟ ବସ୍ତୁକୁ ଦେଖି ତାହାକୁ ସମ୍ପୃକ୍ତ ଉପବିଭାଗକୁ (ସେକ୍‌ସନ୍) ପଠାଯାଏ। ଉପବିଭାଗର ଅଫିସ୍ ସହକାରୀ ସେହି ଚିଠିଟିକୁ ଏକ ସ୍ୱତନ୍ତ୍ର ନଥିର ଡାହାଣ ପଟେ ଗୁନ୍ଥି ବାମପଟେ ପତ୍ରର ସଂଖ୍ୟା, ତାରିଖ ଓ ସ୍ଥାନ ନାଲିକାଳିର ଲେଖନ୍ତି। ତାହାପରେ ସେ ଅଥବା ବରିଷ୍ଠ ସହାୟକ ସାରାଂଶକୁ ଅନ୍ୟ ଏକ ପୃଷ୍ଠାରେ ଲେଖି ନିଜର ମତାମତ ସହିତ ଉପରିସ୍ଥ ଉପବିଭାଗୀୟ ଅଧିକାରୀଙ୍କ

(ସେକ୍‌ସନ୍ ଅଫିସର) ନିକଟକୁ ଅନୁମୋଦନ ବା ଆଦେଶ ପାଇଁ ପଠାଇଥାନ୍ତି। ଏହିପରି ଲେଖାକୁ ଟିପ୍‌ପଣୀ କୁହାଯାଏ। ଉପବିଭାଗୀୟ ଅଧିକାରୀ ନିଜ ସ୍ତରରେ ତାହା ବିଚାର କରି ଫଏସଲା କରନ୍ତି ଅଥବା ପତ୍ରର ଗୁରୁତ୍ୱ ଦୃଷ୍ଟିରୁ ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିଜର ମତ ପ୍ରଦାନ କରି ଅନୁଶାସନ ସଚିବଙ୍କ ନିକଟକୁ ପଠାଇଥା'ନ୍ତି। ଏହିପରି ମତାମତ ସହିତ ଅନୁଶାସନ ସଚିବଙ୍କଠାରୁ ଉପଶାସନ ସଚିବ, ତାଙ୍କଠାରୁ ଯୁଗ୍ମଶାସନ ସଚିବ, ଶାସନ ସଚିବ ଅଥବା ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଯାଇଥାଏ। ଯଦି ପତ୍ରଟି ଅର୍ଥ ସଂକ୍ରାନ୍ତୀୟ ବା ଆଇନ ପ୍ରଣୟନ ବିଷୟ ବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ତେବେ ମୁଖ୍ୟ ଶାସନ ସଚିବଙ୍କ ମତାମତ ସହିତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଯାଇଥାଏ। ନଥିରେ ଦିଆଯାଇଥିବା ଟିପ୍‌ପଣୀର ବାମପାଖରେ ବରିଷ୍ଠ ସହାୟକଙ୍କ ସ୍ୱାକ୍ଷର ରହିଥାଏ। ନଥିରେ ଟିପ୍‌ପଣୀ ପୃଷ୍ଠାରେ ସିଦ୍ଧାନ୍ତ ନିଆଯିବା ପରେ ଚିଠା ପ୍ରସ୍ତୁତ କରାଯାଏ।

ଟିପ୍‌ପଣୀ ପୃଷ୍ଠାରେ ବରିଷ୍ଠ ସହାୟକଙ୍କଠାରୁ ଉପରିସ୍ଥ ଅଧିକାରୀମାନଙ୍କ ପର୍ଯ୍ୟନ୍ତ ଯେଉଁ ମତାମତ ପ୍ରଦାନ କରାଯାଇଥାଏ, ତାହା ସଂକ୍ଷିପ୍ତ ହୋଇଥାଏ। ବିଶେଷତଃ ଏହି ଟିପ୍‌ପଣୀ ପାଇଁ ଖଣ୍ଡବାକ୍ୟ ବା ବାକ୍ୟାଂଶର ବହୁଳ ବ୍ୟବହାର ଦେଖାଯାଏ। ନଥିରେ ବ୍ୟବହୃତ ହେଉଥିବା କେତେକ ଓଡ଼ିଆ ଟିପ୍‌ପଣୀର ରୂପ ଏଠାରେ ଦିଆଯାଇଛି।

୧. ପ୍ରସ୍ତାବମତେ ପଦକ୍ଷେପ ନିଆଯାଉ।

୨. କୈଫିୟତ୍ ତଲବ କରାଯାଉ।

୩. ଅନୁମୋଦିତ ହେଲା।

୪. ଏହା ଅତ୍ୟନ୍ତ ଯୁକ୍ତିଯୁକ୍ତ ମନେହୁଏ।

୫. ଧନ୍ୟବାଦ, ତଦନୁଯାୟୀ ଉତ୍ତର ପଠାଯାଉ।

୬. ମୁଁ ଏଥିରେ ସମ୍ମତ।

୭. ଛୁଟି ମଞ୍ଜୁର ହେଲା।

୮. ଅପେକ୍ଷା କରାଯାଉ।

୯. ପ୍ରାର୍ଥନା ଆଗ୍ରାହ୍ୟ କରାଗଲା।

୧୦. ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ।

୧୧. ଅର୍ଥବିଭାଗର ଅନୁମତି ମଗାଯାଉ ପ୍ରଭୃତି।

## ଟିପ୍ପଣୀର ନମୁନା – ୧ :

ଜଣେ ଗ୍ରାମ ମୁଖିଆ ନିଜ ବନ୍ଧୁକ ଲାଇସେନ୍ସର ନବୀକରଣ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ଆବେଦନ ପତ୍ରର ଏକ ଟିପ୍ପଣୀ ପ୍ରସ୍ତୁତ କର–

କ୍ରମିକ ସଂଖ୍ୟା – ଆବେଦନପତ୍ର – ତା ୨୫.୩.୧୧ଙ୍କର

ନଥିସଂଲଗ୍ନ ପତ୍ର

ଜିଲ୍ଲାପାଳ

ହରଗୌରୀ ଛକର ଗ୍ରାମ ମୁଖିଆ ଶ୍ରୀ ______________________________ ଙ୍କର ଆବେଦନ ପତ୍ରଟି ଦେଖାଯାଉ। ଆବେଦନକାରୀ ଏହି କାର୍ଯ୍ୟାଳୟକୁ ନିଜ ବନ୍ଧୁକ ଅନୁଜ୍ଞାପତ୍ରର ନବୀକରଣ ପାଇଁ ନିବେଦନ କରିଛନ୍ତି। ତାଙ୍କର ପୂର୍ବବର୍ଷର ଲାଇସେନ୍ସର ଏକ ପ୍ରତିଲିପି ମଧ୍ୟ ଦରଖାସ୍ତ ସହିତ ସଂଯୁକ୍ତ କରିଛନ୍ତି। ହିଂସ୍ରଜନ୍ତୁ ତଥା ଡକାୟତମାନଙ୍କ ଠାରୁ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେ ବନ୍ଧୁକଟି ପାଖରେ ରଖିବାକୁ ଇଚ୍ଛା କରୁଛନ୍ତି।

ଶ୍ରୀ ______________________________ ଙ୍କର ଅନୁଜ୍ଞାପତ୍ରର ନବୀକରଣ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ।

ବିହିତ ଆଦେଶ ପାଇଁ ଉପସ୍ଥାପନ କରାଗଲା।

ସ୍ୱାକ୍ଷର

ବରିଷ୍ଠ ସହାୟକ / ଅଧିକାରୀ

ପ୍ରସ୍ତାବ ଅନୁମୋଦିତ ହେଲା

ସ୍ୱାକ୍ଷର...................................

ତା....................

ଜିଲ୍ଲାପାଳ,

ଖୋର୍ଦ୍ଧା

## ଟିପ୍ପଣୀର ନମୁନା-୨

କାର୍ଯ୍ୟାଳୟ ପାଇଁ ଏକ କମ୍ପ୍ୟୁଟର କ୍ରୟ ଉଦ୍ଦେଶ୍ୟରେ ଆବେଦନ କରିଥିବା ଭବିଷ୍ୟନିଧି ପାଣ୍ଠି ବିଭାଗର ଅଧିକାରୀଙ୍କ ପତ୍ର ଉପରେ ଟିପ୍ପଣୀ ଲେଖ।

କ୍ରମିକ ସଂଖ୍ୟା– ଆବେଦନପତ୍ର – ତା ୨.୪.୨୦୧୨

ନଥିସଂଲଗ୍ନ ପତ୍ର ଅଧିକାରୀ, ଭବିଷ୍ୟନିଧି ପାଣ୍ଠି ବିଭାଗ

ନିର୍ଦ୍ଦେଶକ, ଭବିଷ୍ୟନିଧି ପାଣ୍ଠି,

କାର୍ଯ୍ୟାଳୟର ଭବିଷ୍ୟନିଧି ବିଭାଗର ଅଧିକାରୀଙ୍କ ନଥି ସହିତ ସଂଲଗ୍ନ ପତ୍ର ଦେଖା ଯାଉ। ସେ ଆବେଦନ ପତ୍ରରେ ଦର୍ଶାଇଛନ୍ତି ଯେ କାର୍ଯ୍ୟାଳୟର କର୍ମଚାରୀମାନଙ୍କର ସଂଖ୍ୟା ପ୍ରାୟ ତିନି ଶହକୁ ବୃଦ୍ଧି ପାଇଛି। ସମସ୍ତଙ୍କ ବେତନରୁ କଟାଯାଉଥିବା ଭବିଷ୍ୟନିଧି ଅର୍ଥର ପରିମାଣର ଠିକ୍ ହିସାବ ରଖିବା ଏବଂ କର୍ମଚାରୀମାନଙ୍କୁ ପ୍ରତିବର୍ଷ ସେମାନଙ୍କର ଭବିଷ୍ୟନିଧି ପାଣ୍ଠିରେ ଜମାଥିବା ଅର୍ଥର ପରିମାଣ ଜଣାଇବା ଦରକାର। ଏଥିପାଇଁ ଏକ କମ୍ପ୍ୟୁଟର୍‌ର ଆବଶ୍ୟକତା ଅଛି। ଅର୍ଥ ବିଭାଗର ଅନୁମତି ମଧ୍ୟ ମିଳିଯାଇଛି।

ଉପଯୁକ୍ତ ଆଦେଶ ପାଇଁ ଉପସ୍ଥାପନ କରାଗଲା।

| | |
|---|---|
| ସ୍ୱାକ୍ଷର | କ୍ରୟ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। |
| ବରିଷ୍ଠ ସହାୟକ | ସ୍ୱାକ୍ଷର.................................... |
| | ତା.................. |
| | ନିର୍ଦ୍ଦେଶକ |

## ନିଜେ ଟିପ୍‌ପଣୀ ଲେଖ–

୧. ଛାତ୍ରାବାସରେ ସ୍ଥାନସଂଖ୍ୟା ବୃଦ୍ଧି ପାଇଁ ଆବେଦନ କରିଥିବା ଛାତ୍ରମାନଙ୍କର ଦାବିକୁ ପ୍ରଧାନ ଶିକ୍ଷକଙ୍କ ନିକଟରେ ଉପସ୍ଥାପନ ପାଇଁ ଟିପ୍‌ପଣୀ ଲେଖ।

୨. କାର୍ଯ୍ୟାଳୟରେ ଗଚ୍ଛିତ ବସ୍ତୁ (ଷ୍ଟକ)ରୁ କେତେକ ନଷ୍ଟ ବସ୍ତୁକୁ ବାଦ୍ ଦେବା ପାଇଁ ଟିପ୍‌ପଣୀ ଲେଖ।

୩. ଜଣେ ଯୋଗାଣ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଟିପ୍ଣୀ ଲେଖ।

## ୭.୧.୨. ଚିଠା ପ୍ରସ୍ତୁତି :

ସାଧାରଣତଃ ନଥିର ଟିପ୍‌ପଣୀ ପୃଷ୍ଠାରେ ନିଷ୍ପତ୍ତି ବା ସିଦ୍ଧାନ୍ତ ନିଆଯିବା ପରେ ସରକାରୀ ବା ବେସରକାରୀ କାର୍ଯ୍ୟାଳୟମାନଙ୍କୁ, ବାହାରକୁ ଯେଉଁ ପତ୍ର ପଠାଯାଏ, ପ୍ରଥମେ ତାହାର ଏକ ଲେଖା ପ୍ରସ୍ତୁତ କରାଯାଏ। ତାହାକୁ ଚିଠା କହନ୍ତି। କାର୍ଯ୍ୟାଳୟର ସହାୟକ କର୍ମଚାରୀ ବା ବରିଷ୍ଠ ସହାୟକ ଏହି ଚିଠା ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରନ୍ତି। ଏହି ଚିଠାର ଭାଷା ସର୍ବଦା ସରଳ, ସଂକ୍ଷିପ୍ତ, ପ୍ରାଞ୍ଜଳ ଓ ସଂଯତ ହୋଇଥାଏ।

କାର୍ଯ୍ୟାଳୟମାନଙ୍କରେ ବିଭିନ୍ନ ବିଷୟରେ ଭିନ୍ନ ଭିନ୍ନ ପ୍ରକାର ଚିଠା ପ୍ରସ୍ତୁତ କରାଯାଇଥାଏ। ଯଥା– ପଦ ସୃଷ୍ଟି, ବାର୍ଷିକ ବେତନ ବୃଦ୍ଧି ଆଦେଶ, ଅସ୍ଥାୟୀ ପଦର ସ୍ଥାୟୀ କରଣ, ନିଯୁକ୍ତି ପତ୍ର ପଦୋନ୍ନତି ଆଦେଶ, ଅର୍ଜିତ ଛୁଟି ମଞ୍ଜୁର, ଗସ୍ତ ଖର୍ଚ୍ଚର ମଞ୍ଜୁରି, ଛୁଟି ସମର୍ପଣ ମଞ୍ଜୁରି, ସାଧାରଣ ଭବିଷ୍ୟନିଧିରୁ ଅଗ୍ରିମ ମଞ୍ଜୁରି, ଟେଲିଫୋନ୍ ସଂଯୋଗ ଇତ୍ୟାଦି।

ଚିଠାର ଶେଷରେ ବିଭାଗୀୟ ଅଧିକାରୀଙ୍କ ସ୍ୱାକ୍ଷର ଓ ପଦବୀ ରହିବ।

ତଳେ କେତୋଟି ଚିଠା ପ୍ରସ୍ତୁତି ପତ୍ରର ଉଦାହରଣ ଦିଆଯାଇଛି।

## ୧.  ନିଯୁକ୍ତିପତ୍ର

_________________ ବିଭାଗ / କାର୍ଯ୍ୟାଳୟ, ଭୁବନେଶ୍ୱର

ସଂଖ୍ୟା__________                                                                                    ତାରିଖ _____________

ପ୍ରାପକ:        ଶ୍ରୀ_____________________________

(ଠିକଣା)_________________________

_________________________

ଏତଦ୍ୱାରା ତାହାଙ୍କୁ ଜଣାଇ ଦିଆଯାଉଛି ଯେ ସେ ଟ..................... ବେତନ ହାରରେ ମାସିକ ଟ........... ବେତନରେ କାର୍ଯ୍ୟାଳୟ / ବିଭାଗର ..................... ପଦରେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ସମୟକୁ ସମୟ ସରକାର ମଞ୍ଜୁର କରୁଥିବା ମହଙ୍ଗାଭତ୍ତା ଓ ଅତିରିକ୍ତ ମହଙ୍ଗାଭତ୍ତା ପ୍ରଭୃତି ଏହି ପଦ ପାଇଁ ପ୍ରଯୁଜ୍ୟ ଅଟେ।

ସେ ଏହି ପଦରେ ଯୋଗଦାନ କରିବା ସମୟରେ ନିୟମ ଅନୁଯାୟୀ ଏକ ସ୍ୱାସ୍ଥ୍ୟ ସମ୍ପର୍କୀୟ ପ୍ରମାଣପତ୍ର ଜଣେ ବିଶେଷଜ୍ଞ ଚିକିତ୍ସାଧିକାରୀଙ୍କଠାରୁ ପ୍ରଦାନ କରିବେ। ଏକ ପାସ୍‌ପୋର୍ଟ ଫଟୋ ସହିତ ଏଥିରେ ସଂଲଗ୍ନ ଥିବା ଫର୍ମକୁ ଠିକ୍ ଭାବେ ପୂରଣ କରି ଦାଖଲ କରିବେ।

ନିଯୁକ୍ତିଟି ସମ୍ପୂର୍ଣ୍ଣ ଅସ୍ଥାୟୀ। ପୂର୍ବରୁ ନୋଟିସ୍ ନ ଦେଇ ଅଥବା କୌଣସି କାରଣ ଦର୍ଶା ନଯାଇ ନିଯୁକ୍ତିରୁ ଅନ୍ତର କରାଯାଇପାରେ।

ସେ ଏହି ଆଦେଶ ପାଇବା ପରଠାରୁ ସାତ ଦିନ ମଧ୍ୟରେ ପଦରେ ଯୋଗଦେବେ। ଅନ୍ୟଥା ଆଦେଶ ସ୍ୱତଃ ରଦ୍ଦ ହୋଇଯିବ।

ସ୍ୱାକ୍ଷର .........................

ପଦବୀ..........................

## ୨. ଛୁଟି ସମର୍ପଣ ମଞ୍ଜୁରି

____________________ବିଭାଗ

ଭୁବନେଶ୍ୱର।

### କାର୍ଯ୍ୟାଳୟ ଆଦେଶ

ସଂଖ୍ୟା__________ ତାରିଖ ______________

ଶ୍ରୀ/ଶ୍ରୀମତୀ/କୁମାରୀ________________________ଅସ୍ଥାୟୀ / ସ୍ଥାୟୀ (ପଦବୀ) _____________ ବିଭାଗଙ୍କୁ ତିରିଶ ଦିନ ଅର୍ଜିତ ଛୁଟି ସମର୍ପଣ କରିବାକୁ ଏତଦ୍ୱାରା ଅନୁମତି ପ୍ରଦାନ କରାଯାଉଛି। ତାଙ୍କର ଏହି ଛୁଟି ସମର୍ପଣ ଆୟ ଯଦି ଆୟକର ଯୋଗ୍ୟ ହେଉଥାଏ ତେବେ ଆବଶ୍ୟକ କାଟ ପରେ ସମ୍ପୂର୍ଣ୍ଣ ଦରମା ଓ ଭତ୍ତା ପାଇବେ।

ପ୍ରମାଣିତ କରାଯାଉଛି ଯେ ଏହି ତିରିଖ ଛୁଟି ସମର୍ପଣ ପରେ ତାଙ୍କର ଜମାରେ ୧ ୨ ୦ ଦିନ ଅର୍ଜିତ ଛୁଟି ଅଛି।

ସମର୍ପିତ ହୋଇଥିବା ତାରିଖ ଦିନ ଛୁଟିର ହିସାବ ପରେ ସେବା ପୁସ୍ତକରେ ଦରଜ କରାଯିବ।

ସ୍ୱାକ୍ଷର..............................

ପଦବୀ.............................

## ୩. ବାର୍ଷିକ ବେତନ ବୃଦ୍ଧି

____________________ବିଭାଗ / କାର୍ଯ୍ୟାଳୟ

ଭୁବନେଶ୍ୱର।

### କାର୍ଯ୍ୟାଳୟ ଆଦେଶ

ସଂଖ୍ୟା__________ ତାରିଖ ______________

ଶ୍ରୀ/ଶ୍ରୀମତୀ/କୁମାରୀ ______________________________ଅସ୍ଥାୟୀ / ସ୍ଥାୟୀ (ପଦବୀ) _____________ କାର୍ଯ୍ୟାଳୟଙ୍କର ଟ............... ବେତନ ହାରରେ ଟ............... ସ୍ତରରେ ତା ................... ରେ ଏକ ବର୍ଷ ନିରନ୍ତର ସେବା ପୂର୍ଣ୍ଣ ହୋଇଥିବାରୁ ତାଙ୍କର ବାର୍ଷିକ ବେତନ ବୃଦ୍ଧି ନିମିତ୍ତ ଆଦେଶ ପ୍ରଦାନ କରାଯାଉଛି। ଏହା ସହିତ ତା ................ ଠାରୁ ଉପରଲିଖିତ ବେତନ ହାରରେ ମାସିକ ଟ...........ରୁ ପରବର୍ତ୍ତୀ ବାର୍ଷିକ ବେତନ ବୃଦ୍ଧି ଟ......... ସହ ମାସିକ ଟ.......... ଉଠାଇବା ନିମିତ୍ତ ମଞ୍ଜୁର କରା ଯାଉଅଛି।

ସ୍ୱାକ୍ଷର..............................

ପଦବୀ.............................

❖ ❖ ❖